# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 355 ଭାଗ ୩୩ | ସଂଖ୍ୟା ୩୫୫ | Saturday 21 March 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୨୧ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ବନ୍ଧାହେଲେ ରସିକିଆ ଜ୍ୟୋତିଷ ପୃଷ୍ଠା ୪


## ଯୁଦ୍ଧ ଯନ୍ତ୍ରଣା | ଗ୍ୟାସ୍ ପରେ ଗ୍ରାହକଙ୍କୁ ପେଟ୍ରୋଲ୍ ଛାଟ

**↗ ୨.୩୫ ଟଙ୍କା ବଢ଼ିଲା ପ୍ରିମିୟମ୍ ପେଟ୍ରୋଲ ଦାମ୍ ↗ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଡିଜେଲ୍ ଦରରେ ୨୨ ଟଙ୍କା ବୃଦ୍ଧି**



ନୂଆଦିଲ୍ଲୀ,୨୦।୩(ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ୍-ଇସ୍ରାଏଲ୍ ଯୁଦ୍ଧ ଯୋଗୁଁ ଭାରତରେ ଗ୍ୟାସ୍ ଓ ତୈଳ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଥିବା ବେଳେ ଆଜି ପେଟ୍ରୋଲ୍ ଦର ବଢ଼ିଛି। ନିକଟରେ କେନ୍ଦ୍ର ସରକାର ଘରୋଇ ଗ୍ୟାସ୍ ଦର ୬୦ ଟଙ୍କା ଓ ବ୍ୟାବସାୟିକ ଗ୍ୟାସ୍ ଦର ୧୧୫ ଟଙ୍କା ବୃଦ୍ଧି କରିଥିଲେ। ଦେଶବାସୀଙ୍କୁ ଯୁଦ୍ଧ ଯନ୍ତ୍ରଣା ସହିବାକୁ ପଡୁଥିବା ବେଳେ ଆଜି ପୁଣିଥରେ ସାଧାରଣ ଗ୍ରାହକଙ୍କୁ ଛାଟ ବାଜିଛି। ଆଜି ପ୍ରିମିୟମ୍ ପେଟ୍ରୋଲ୍ ଦାମ୍ ବୃଦ୍ଧି ପାଇଛି। ଲିଟର ପିଛା ୨ ଟଙ୍କା ୯ ପଇସାରୁ ୨ ଟଙ୍କା ୩୫ ପଇସା ପର୍ଯ୍ୟନ୍ତ ଦର ବୃଦ୍ଧି ପାଇଛି। ସେହିପରି ଶିଳ୍ପକାରଖାନା ପାଇଁ ଉଦ୍ଦିଷ୍ଟ ଡିଜେଲ୍ ଦର ମଧ୍ୟ ଲିଟର୍ ପିଛା ୨୨ ଟଙ୍କା ବୃଦ୍ଧି ପାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅବଶ୍ୟ ସାଧାରଣ ପେଟ୍ରୋଲ୍ କି ଡିଜେଲ୍ ଦରରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ। ଦେଶର ପ୍ରମୁଖ ତୈଳ ଆବଣ୍ଟନକାରୀ କମ୍ପାନୀମାନେ ସେମାନଙ୍କର ପ୍ରିମିୟମ୍ ପେଟ୍ରୋଲର ଦର ଲିଟର ପିଛା ୨ ଟଙ୍କା ୯ ପଇସାରୁ ୨ ଟଙ୍କା ୩୫ ପଇସା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଜି ପ୍ରିମିୟମ୍ ପେଟ୍ରୋଲ୍ ଦର ବୃଦ୍ଧି ପରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ପ୍ରିମିୟମ୍ ୯୫-ଅକ୍ଟେନ୍ ପେଟ୍ରୋଲ୍ ଦର ଲିଟର୍ ପିଛା ୯୯.୮୯ ଟଙ୍କାରୁ ବୃଦ୍ଧି ପାଇ ୧୦୧.୮୯ ଟଙ୍କାରେ ପହଞ୍ଚିଛି। ସେହିପରି ରାଜଧାନୀରେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଡିଜେଲ୍ ଦର ଲିଟର୍ ପିଛା ୮୭.୬୭ରୁ ବୃଦ୍ଧି ପାଇ ୧୦୯.୫୯ରେ ପହଞ୍ଚିଯାଇଛି। ଯୁଦ୍ଧଜନିତ ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଥିବାରୁ ଏହାର ପ୍ରଭାବ ସାଧାରଣ ଖାଉଟୀଙ୍କ ଉପରେ ପଡୁଛି। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ନିୟମିତ ଭାବେ ଉପରମୁହାଁ ହେଉଛି। ଗତକାଲି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୧୯ ଆମେରିକୀୟ ଡଲାର୍‌ରେ ପହଞ୍ଚିଯାଇଛି।

ତବେ ସାଧାରଣ ପେଟ୍ରୋଲ୍ ଓ ଡିଜେଲ୍ ଦର ବୃଦ୍ଧି ପାଇନଥିବାରୁ ବର୍ଦ୍ଧିତ ଦରର ପ୍ରଭାବ କେବଳ ୨ରୁ ୪ରୁ ପ୍ରତିଶତ ଗ୍ରାହକଙ୍କ ଉପରେ ପଡ଼ିବ ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ବର୍ଦ୍ଧିତ ଦରର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ ନାହିଁ। ଗତ ୨୦୧୦ରେ ପେଟ୍ରୋଲ୍ ଓ ୨୦୧୪ରେ ଡିଜେଲ୍ ଦର ଉପରେ ସରକାରଙ୍କ ନିୟନ୍ତ୍ରଣ ହଟିବା ପରେ ତୈଳ ଆବଣ୍ଟନ କରୁଥିବା କମ୍ପାନୀମାନେ ନିଜେ ଦର ଧାର୍ଯ୍ୟ କରୁଛନ୍ତି। ଅବଶ୍ୟ ଶେଷ ଥର ପାଇଁ ୪ ବର୍ଷ ତଳେ ତୈଳ ଦର ବୃଦ୍ଧି ପାଇଥିଲା। ତେଣୁ ସରକାର ଗ୍ୟାସ୍ ଓ ତୈଳ ଦର ଉପରେ ବରାବର ନଜର ରଖିଛନ୍ତି। ନିକଟ ଭବିଷ୍ୟତରେ ମଧ୍ୟ ସାଧାରଣ ଜନତା ଉପରେ ପ୍ରଭାବ ପଡ଼ିବା ପରି କେନ୍ଦ୍ର ସରକାର କୌଣସି ପ୍ରକାର ନିଷ୍ପତ୍ତି ନେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗତ ମାସ ୨୮ରେ ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକ୍ରମଣ କରାଯିବା ପରେ ସାରା ଗଲ୍ଫ ଅଞ୍ଚଳରେ ଯୁଦ୍ଧ ଜାରି ରହିଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ପରିବହନ ହେଉଥିବା 'ହର୍ମୁଜ୍ ପ୍ରଣାଳୀ' ପଥ ପ୍ରାୟତଃ ବନ୍ଦ ହୋଇଯାଇଥିବାରୁ ତୈଳ ଓ ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି। ବିଶେଷକରି ଭାରତ ତା'ର ଚାହିଦାର ପାଖାପାଖି ୯୦ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ କରୁଥିବାରୁ ଦେଶରେ ତୈଳ ଓ ଗ୍ୟାସ୍ ଦର ଉପରେ ଅହେତୁକ ଚାପ ସୃଷ୍ଟି ହେଉଛି। ସେହିପରି ଆଜିର ଦର ବୃଦ୍ଧି ପରେ ➪ପୃଷ୍ଠା-୬

## ରାଜ୍ୟସଭାରେ ଅପରାଧିକ ପୃଷ୍ଠଭୂମିର ସାଂସଦ

# ୩୨% ସାଂସଦଙ୍କ ନାଁରେ ଅପରାଧିକ ମାମଲା

- ୩୧ ରାଜ୍ୟସଭା ସାଂସଦ କୋଟିପତି
- ବନ୍ଦୀ ପାର୍ଥ ସାରଥୀ ବିତ୍ତଶାଳୀ, ସନ୍ତ ବଲବୀର ଗରିବ



ନୂଆଦିଲ୍ଲୀ,୨୦।୩(ସଂଚାର ବ୍ୟୁରୋ): ରାଜ୍ୟସଭାରେ ୧୪ ପ୍ରତିଶତ ଅର୍ଥାତ୍ ୩୧ ଜଣ ସାଂସଦ କୋଟିପତି ବୋଲି ଜଣାପଡ଼ିଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ କୁହାଯାଇଛି ଯେ କୋଟିପତି ସାଂସଦଙ୍କ ମଧ୍ୟରେ ବିଜେପିର ୬ ଜଣ, କଂଗ୍ରେସର ୫ ଜଣ, ୱାଇଏସ୍ଆର୍ କଂଗ୍ରେସ ପାର୍ଟିର ୪ ଜଣ ସାଂସଦ ଥିବାବେଳେ ଆମ ଆଦମୀ ପାର୍ଟି (ଆପ୍) ଓ ଭାରତ ରାଷ୍ଟ୍ର ସମିତି (ବିଆରଏସ)ର ଦୁଇ ଜଣ ଲେଖାଏଁ ସାଂସଦ ଏହି ତାଲିକାରେ ଅଛନ୍ତି।

ଏନସିପିର ତିନି ଜଣ ସାଂସଦ ସେମାନଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ଥିବା ଘୋଷଣା କରିଛନ୍ତି। ବିଆରଏସ ସାଂସଦ ବନ୍ଦୀ ପାର୍ଥ ସାରଥୀଙ୍କ ନିକଟରେ ସର୍ବାଧିକ ୫,୩୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ପରେ ଆପର ରାଜିନ୍ଦର ➪ପୃଷ୍ଠା-୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଓଡ଼ିଶାର ପ୍ରିୟ ପଖାଳ




- ୮୫୦ କିଲୋଗ୍ରାମ ଚାଉଳରେ ୧୧୭୭ କିଲୋଗ୍ରାମର ପଖାଳ
- ପଖାଳ କେବଳ ଆହାର ନୁହେଁ, ରାଜ୍ୟର ସଂସ୍କୃତି ଓ ପରମ୍ପରାର ଏକ ଅଙ୍ଗ




ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟ ପର୍ଯ୍ୟଟନ ବିଭାଗ ଏକ ଐତିହାସିକ ସଫଳତା ହାସଲ କରିଛି। ଏକାସାଙ୍ଗରେ ୧,୧୭୪ କିଲୋଗ୍ରାମ ଓଜନର ପଖାଳ ପ୍ରସ୍ତୁତ କରି ଏବଂ ଏକ ବିଶାଳ ପାତ୍ରରେ ପରିବେଷଣ କରି 'ବୃହତ୍ତମ ଫର୍ମେଣ୍ଟେଡ୍ ରାଇସ୍ (ପଖାଳ) ପରିବେଷଣ' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହି ଅସାଧାରଣ କୃତି କେବଳ ଓଡ଼ିଶାର ସମୃଦ୍ଧ ରନ୍ଧନ ଶୈଳୀ ଓ ପରମ୍ପରାକୁ ସମ୍ମାନିତ କରୁନାହିଁ, ବରଂ ଓଡ଼ିଆ ସଂସ୍କୃତି ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ଆମର ପ୍ରିୟ 'ପଖାଳ'କୁ ଆନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏହି ସଫଳତା ଓଡ଼ିଶାର ଦେଶୀ ଖାଦ୍ୟ ପରମ୍ପରାକୁ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି। ଏହା ପ୍ରମାଣିତ କରିଛି ଯେ କିଭଳି ପଖାଳ ଭାତ ଏକ ସାଧାରଣ ଖାଦ୍ୟରୁ ଆଜି ସାଂସ୍କୃତିକ ଗର୍ବ ଏବଂ ବିଶ୍ୱସ୍ତରୀୟ ମାନ୍ୟତାର ପ୍ରତୀକ ପାଲଟିଛି। ➪ପୃଷ୍ଠା-୬

## ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

- ଗତ ଜାନୁଆରୀ ପହିଲାରୁ ଦରମା ଓ ଅନ୍ୟାନ୍ୟ ସୁବିଧା
- ଉପକୃତ ହେବେ ୧୩ ହଜାରରୁ ଅଧିକ ଶିକ୍ଷକ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହାଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଉପକୃତ ହେବେ। ଏହି ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ରାଜ୍ୟସଭା କ୍ରସ ଭୋଟିଂ ବିଜେଡିକୁ ଅଡୁଆ**

## କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେଲେ ବିଧାୟକ



- ➪ ଉତ୍ତର ଛଳରେ ପ୍ରମିଳାଙ୍କୁ ଫୌଜଦାରୀ ମାମଲା ଧମକ
- ➪ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କୁ ଅବମାନନା ଅଭିଯୋଗ
- ➪ ପ୍ରମିଳା କହିଲେ, ବିଜେଡିରୁ ସଫା ହେବେ ସବୁ ଅଳିଆ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟସଭା କ୍ରସ ଭୋଟିଂ ପରେ ବିଜେଡିରେ ଆରମ୍ଭ ହୋଇଯାଇଛି ଆଇନଗତ ଲଢ଼େଇ। କ୍ରସ ଭୋଟିଂ କରିଥିବା ଦଳର ୬ ବିଧାୟକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ କ୍ରସ ଭୋଟିଂ କରିଥିବା ବିଧାୟକମାନେ ଉତ୍ତର ଦେବାକୁ ଯାଇ ବିରୋଧୀ ଦଳ ମୁଖ୍ୟ ସଚେତକଙ୍କୁ ପାଲଟା ଧମକ ଦେଇଛନ୍ତି। କାରଣ ଦର୍ଶାଅ ନୋଟିସ ପ୍ରତ୍ୟାହାର ନ କଲେ ତାଙ୍କ ବିରୋଧରେ ଅପରାଧିକ ମମାଲା ରୁଜୁ କରିବାକୁ ସେମାନେ ଧମକ ଦେଇଛନ୍ତି।

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଧାୟକମାନଙ୍କୁ ବିଜେଡି କାରଣ ଦର୍ଶାଅ ନୋଟିସ ଜାରି କରି ଆଜି ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦେବାକୁ ➪ପୃଷ୍ଠା-୬




**ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ**
**ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**ଇଦ୍-ଉଲ୍-ଫିତର ପର୍ବ ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-88

● ରାଜ୍ୟ ବନ୍ୟପ୍ରାଣୀ ପରିଷଦର ସ୍ଥାୟୀ କମିଟି ବୈଠକ

# ୬ଟି ପ୍ରକଳ୍ପକୁ ମିଳିଲା ସୁପାରିସ୍



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ଏ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମୟୋପଯୋଗୀ ସମାଧାନ ପାଇଁ ଆଜି ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ଦ୍ୱାଦଶ ବୈଠକ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କନଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ପନ୍ନ ହୋଇଛି। ବନ୍ୟଜନ୍ତୁ ସଂଶୋଧନ ଅଧିନିୟମ (ସୁରକ୍ଷା) ୨୦୨୨ର ଧାରା-୬ (କ) ଅନୁଯାୟୀ ଗଠିତ ଏହି କମିଟି ବନ୍ୟପ୍ରାଣୀଙ୍କ ସମୃଦ୍ଧି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କାର୍ଯ୍ୟ କରୁଛି।

ବୈଠକରେ ମୋଟ ୬ଟି ବିକାଶମୂଳକ ପ୍ରସ୍ତାବ କମିଟି ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ୩ଟି ପ୍ରସ୍ତାବ ଅନୁଗୁଳ ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ମୁଖ୍ୟ ଜଳସେଚନ ପ୍ରକଳ୍ପ ସହ ଜଡ଼ିତ ଥିଲା। ଏହି ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଚାଷୀମାନେ ନିଶ୍ଚିତ ଜଳସେଚନ ସୁବିଧା ପାଇବା ସହ ଏହା ଗ୍ରାମୀଣ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିସହ ସାତକୋଶିଆ, ଶିମିଳିପାଳ ଏବଂ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ଅନ୍ୟ ୩ଟି ପାନୀୟ ଜଳ ପ୍ରକଳ୍ପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ବିସ୍ତୃତ ପର୍ଯ୍ୟାଲୋଚନା ପରେ କମିଟି ସମସ୍ତ ୬ଟି ଉନ୍ନୟନମୂଳକ ପ୍ରକଳ୍ପକୁ ସୁପାରିସ୍ କରିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏହି ପ୍ରସ୍ତାବଗୁଡ଼ିକୁ କେନ୍ଦ୍ରକୁ ପଠାଯିବ।

ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓୟୁଏଟି କୃଷକ ମେଳା ଉଦ୍‌ଘାଟିତ

# ଆଜିର ଚାଷୀ ଜଣେ କୃଷି ଉଦ୍ୟୋଗୀ




ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରସ୍ଥିତ କୃଷି ଶିକ୍ଷା ସଦନରେ ଆଜି 'ଓୟୁଏଟି କୃଷକ ମେଳା-୨୦୨୬' ଅନୁଷ୍ଠିତ ହୋଇଛି। 'ମହିଳା କୃଷି ଉଦ୍ୟୋଗୀ ଓ ବିକଶିତ କୃଷି' ଶୀର୍ଷକ ଏହି ମେଳାର ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଓ ଓୟୁଏଟିର ପ୍ରୋ-ଚାନ୍ସେଲର କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ।

'ମହିଳା କୃଷି ଓ ବିକଶିତ କୃଷି' ଶୀର୍ଷକ ଆଲୋଚନା

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଆଜିର ସମୟରେ ଚାଷୀ କେବଳ ଚାଷୀ ନୁହେଁ, ବରଂ ଜଣେ କୃଷି ଉଦ୍ୟୋଗୀ। କୃଷି ରୂପାନ୍ତରିତ ହୋଇ ସ୍ମାର୍ଟ କୃଷିରେ ପରିଣତ ହୋଇଛି ଓ କୃଷକ ଏକକ କୃଷକରୁ କୃଷି ଉଦ୍ୟୋଗୀରେ ପରିଣତ ହୋଇଛି। ଆମ ରାଜ୍ୟ ଉତ୍ପାଦନରେ ଜାତୀୟ ହାରଠାରୁ ମଧ୍ୟ ଆଗୁଆ ରହିଛି। ତେଣୁ ଏଥିପାଇଁ ସେ ଅନ୍ନଦାତାଙ୍କୁ ଧନ୍ୟବାଦ ଦେଇଥିଲେ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ କରାଯାଇଛି। ବିଶେଷକରି ମହିଳା ଚାଷୀମାନେ ମିଶ୍ରିତ ଚାଷକୁ ଆପଣେଇ ଲାଭାନ୍ୱିତ ହେଉଛନ୍ତି ଓ ସେମାନେ ଆଗାମୀ ଦିନରେ ବିକଶିତ ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ନେବେ ବୋଲି ଶ୍ରୀ ମଲ୍ଲିକ ଆଶା ବ୍ୟକ୍ତ କରିଥିଲେ।

ମେଳାରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଓ କୃଷି ଉଦ୍ୟୋଗ ସ୍ଥାପନ କରିଥିବା ମହିଳା କୃଷକମାନଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରାଯାଇଛି। ଆହୁରି ଓୟୁଏଟିର ବିଭିନ୍ନ ଏଆଇସିଆରପି ପ୍ରକଳ୍ପଗୁଡ଼ିକୁ ନାନା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କୃଷକହିତକାରୀ ୩ଟି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି। ମେଳାରେ ୧୫ରୁ ଅଧିକ କୃଷି ସମ୍ପର୍କିତ ଷ୍ଟଲ ରହିଥିବା ବେଳେ ଚାଷୀମାନେ ନବୀନ କୃଷି ପ୍ରଯୁକ୍ତି, ଉଦ୍ଭାବନ ଓ ବିଭିନ୍ନ କୃଷି ସେବା ସମ୍ପର୍କରେ ଜାଣିପାରିବେ। ରାଜ୍ୟର ବିଭିନ୍ନ କୃଷି ମହାବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପାଇଁ ୩୬୬୪.୪୦ କୋଟିର ଖର୍ଚ୍ଚଦାବି

# ଶକ୍ତିଶ୍ରୀ ଯୋଜନା ପାଇଁ ୧୫ କୋଟିର ବ୍ୟୟ ବରାଦ



ଭୁବନେଶ୍ୱର, ୨୦।୩ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩୬୬୪.୪୦ କୋଟି ଟଙ୍କା ବ୍ୟୟ ବରାଦ ଆଜି ବିଧାନସଭାରେ ମଞ୍ଜୁର ହୋଇଛି। ରାଜ୍ୟରେ ରହିଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଏହାର ଆଧୁନିକୀକରଣ, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ନିଯୁକ୍ତି ସୁଯୋଗ ସୃଷ୍ଟି, ଗବେଷଣା ଏବଂ ଛାତ୍ରଛାତ୍ରୀଙ୍କର ସାମଗ୍ରିକ ବିକାଶକୁ ଲକ୍ଷ୍ୟ ରଖି ବଜେଟ୍ ପ୍ରସ୍ତୁତ ହୋଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପିଏମ୍-ଉଷା ଯୋଜନାରେ ୨୦୦ କୋଟି ଟଙ୍କା, ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନିର୍ମାଣ ପାଇଁ ୧୫ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ଇ-ମେଧାବୃତ୍ତି, ବ୍ୟାସକବି ଫକୀରମୋହନ ଭାଷା ବୃତ୍ତି, ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବିଦେଶ ଶିକ୍ଷା ବୃତ୍ତି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ୮୮ କୋଟି, ପ୍ରଶାସନିକ ସେବା ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ କୋଚିଂ ପ୍ରଦାନ କରିବା ନିମନ୍ତେ ୧୦ କୋଟି, ଜାତୀୟ ସେବା ଯୋଜନାରେ ୪ କୋଟି, ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ପାଇଁ ୪୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ସହ ଛାତ୍ରୀମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟ, ୬୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଯୋଜନା କାର୍ଯ୍ୟକାରୀ ହେବ। ଶକ୍ତିଶ୍ରୀ ଯୋଜନା ପାଇଁ ୧୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୨୬ ତାରିଖରେ ରଥଯାତ୍ରା ଓ ୩୦ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ଦିନ ରାତ୍ରି ୪ଟାରୁ ଭୋର ୫ଟା ପର୍ଯ୍ୟନ୍ତ ମଙ୍ଗଳ ଆଳତି ଓ ଅବକାଶ, ପରେ ୫ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହେବ ବୋଲି ନୀତି ନିର୍ଘଣ୍ଟ ହୋଇଛି। ସେହିଭଳି ମଧ୍ୟାହ୍ନ ୧୦ଟା ୧୫ରୁ ୧୦ଟା ୪୫ ପର୍ଯ୍ୟନ୍ତ ଯାତ୍ରା ପୂଜା ଶେଷ ପରେ ଶ୍ରୀଜିଉଙ୍କ ପହଣ୍ଡି, ରଥରେ ପୂଜା, ଘୋଡ଼ାଯୋଚା ଓ ଚାରମାଳ ଖୋଲା ନୀତି ଅନୁଷ୍ଠିତ ହେବ। ଅପରାହ୍ନ ସାଢ଼େ ୨ଟାରେ ରଥଟଣା ହେବ ବୋଲି ସମୟ ନିର୍ଘଣ୍ଟ କରାଯାଇଛି। ଅନୁରୂପ ଭାବେ ବାହୁଡ଼ା ଯାତ୍ରା ଅପରାହ୍ନ ସାଢ଼େ ୨ଟାରେ ରଥଟଣା ଆରମ୍ଭ ହେବ। ଅଧିକ ଭୋଗପିଣ୍ଡି, ସଫେଇ, ଆଲୋକୀକରଣ, ମନ୍ଦିରକୁ ଫୁଲରେ ସଜେଇବା, ପାନୀୟ ଜଳ ବୋତଲ ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ମହାନଗର ନିଗମ ଧୌତ, ରଥ ଆଗରେ ଓ ପଛରେ ପାଣି ଟ୍ୟାଙ୍କର ବ୍ୟବସ୍ଥା ପାଇଁ ଫାୟାରକୁ ନିର୍ଦ୍ଦେଶ ଦିଆଯାଇଛି। ଶୃଙ୍ଖଳିତ ଭାବେ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଏକାମ୍ର ବିଧାୟକ ବାବୁ ସିଂ ପରାମର୍ଶ ଦେଇଥିଲେ।

● କାମାକ୍ଷାନଗର ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ

# ପରିବାରକୁ ଭେଟିଲା କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ତଥ୍ୟ ଅନୁସନ୍ଧାନ ପାଇଁ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରଦେଶ ମହିଳା କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ କାମାକ୍ଷାନଗର ପଠାଇଥିଲେ। ଏହି ଟିମରେ ପ୍ରଦେଶ ମହିଳା କଂଗ୍ରେସର ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷା ଥିବା ବେଳେ ସଭ୍ୟ ଭାବେ ମଞ୍ଜୁଶ୍ରୀ ମିଶ୍ର, ଜୟସ୍ମିତା ମହାନ୍ତି ଓ ସବିତା ଧୀର ରହିଛନ୍ତି। ଭୁବନ ବ୍ଲକର ମାର୍ଥାପୁର ଗାଁରେ ଉକ୍ତ ଟିମ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟିଥିଲେ।

ଉକ୍ତ ଛାତ୍ରୀଙ୍କ ମା ଦେଇଥିବା ବକ୍ତବ୍ୟ ଅନୁଯାୟୀ ତାଙ୍କ ଝିଅକୁ ଗଣଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଛି। ଛାତ୍ରୀ ଜଣଙ୍କ କଲେଜରୁ ଫେରୁଥିବା ସମୟରେ ବସ ପାଇନଥିଲେ ଏବଂ ଅନ୍ୟଏକ ନମ୍ବରରୁ ତାଙ୍କ ଗାଁର ଜଣେ ବାନ୍ଧବୀକୁ ସେ ଫୋନ କରି କହିଥିଲେ ଯେ ସେ ଏକ କାର ଯୋଗେ ଫେରୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ସାରୁଆଳି ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଟିମ କାମାକ୍ଷାନଗର ଥାନାଧିକାରୀଙ୍କୁ ଭେଟି ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ଦାବି କରିଥିଲେ। ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ସରକାରରେ ଦିନକୁ ଦିନ ମହିଳା ହତ୍ୟା ଓ ଦୁଷ୍କର୍ମ ବଢ଼ିଚାଲିଛି। ଏଥିସହ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଉ ବୋଲି ମଧ୍ୟ ଦାବି କରାଯାଇଛି।

# ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ




ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଜି ରାଜମହଲ ଛକଠାରେ ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ଦର ବୃଦ୍ଧି ବିରୋଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ବିକ୍ଷୋଭକାରୀମାନେ ଦରବୃଦ୍ଧି ବିରୋଧରେ ବିଭିନ୍ନ ଲେଖା ସମ୍ବଳିତ ପ୍ଲାକାର୍ଡ, ପତାକା, ସିଲିଣ୍ଡର ଓ ଫେଷ୍ଟୁନ ଧରି ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶୋଭାଯାତ୍ରାରେ ବାହାରି ରାଜମହଲ ଛକଠାରେ ଏକାଠି ହୋଇଥିଲେ। ସେଠାରେ ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା କହିଥିଲେ ଯେ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ୍ ଅଛି ବୋଲି ସରକାର କହୁଛନ୍ତି। କିନ୍ତୁ ଖାଉଟିମାନଙ୍କୁ ଗ୍ୟାସ୍ ମିଳୁ ନାହିଁ। ସେମାନଙ୍କୁ ଗ୍ୟାସ୍ ଏଜେନ୍ସି ପାଖରେ ଖରାତରାରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡୁଛି। ଗ୍ୟାସ୍ ନ ମିଳିବାରୁ ଛୋଟ ଛୋଟ ଦୋକାନୀଙ୍କ ବେପାର ମଧ୍ୟ ବନ୍ଦ ହୋଇଗଲାଣି। ଅପରପକ୍ଷେ ରନ୍ଧନ ଗ୍ୟାସ୍ ସିଲିଣ୍ଡର କଳାବଜାରରେ ୩ ହଜାର ଟଙ୍କାରେ ବିକ୍ରି ହେଉଛି। ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ସାଙ୍ଗକୁ ଖାଇବା ତେଲ ଦର ବାରମ୍ବାର ବୃଦ୍ଧି ହେଉଥିବାରୁ ଗୃହିଣୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି। ସରକାର ସୁଭଦ୍ରା ଯୋଜନାରେ ଯେଉଁ ଟଙ୍କା ଦେଇ ବାହାବା ନେଉଥିଲେ, ଗୃହିଣୀମାନେ ଏ ବାବଦରେ ସେ ପଇସା ଖର୍ଚ୍ଚ କରିସାରିଲେଣି। ହୋଟେଲ ବ୍ୟବସାୟୀମାନେ ଏହି ମଉକାରେ ଖାଦ୍ୟଦ୍ରବ୍ୟ ମୂଲ୍ୟ ବୃଦ୍ଧି କରି ଖାଉଟୀମାନଙ୍କୁ ଶୋଷଣ କରିଚାଲିଛନ୍ତି। ଗତ ସପ୍ତାହକ ମଧ୍ୟରେ ଖାଇବା ତେଲ ଦର ଲିଟର ପିଛା ୨୦ ଟଙ୍କା ବଢ଼ିଲାଣି। ସରକାର ରନ୍ଧନ ଗ୍ୟାସ୍ ବୁକିଂ ପାଇଁ ସହରାଞ୍ଚଳରେ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନର ଯେଉଁ ନିୟମ କରିଛନ୍ତି, ତାହା ଖାଉଟିଙ୍କୁ ମହରଗରୁ ନେଇ କାନ୍ତାରରେ ପକାଇଲାଣି। ସାଧାରଣ ଲୋକେ ଏମିତି ହନ୍ତସନ୍ତ ହେଉଥିଲେ ହେଁ ସରକାର କିନ୍ତୁ ନିଦାବିଷ୍ଟ ସାଜିଛନ୍ତି ବୋଲି ଶ୍ରୀ ଜେନା କହିଥିଲେ। ସିପିଆଇ ଜୋନ ସମ୍ପାଦକ କୈଳାସ ପୁହାଣ, ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ଶଙ୍କର ବାରିକ, ଜୋନ ସହସମ୍ପାଦକ ବିଶ୍ୱଜିତ ନାୟକ, ଶରତ ସ୍ୱାଇଁ, ଛେତମ୍ବର ଭୋଇ, ଅଭୟ ବାରିକ, ରଘୁ ନାୟକ, ନୀଳମଣି ସାହୁ ଓ ସୁଷମା ଭୋଇ ପ୍ରମୁଖ ବିକ୍ଷୋଭ ଓ ସମାବେଶର ନେତୃତ୍ୱ ନେଇଥିଲେ।



## ବିଧାନସଭା ଖବର

### ମାଟ୍ରିକ ପରୀକ୍ଷା ଦେଇନାହାଁନ୍ତି ୯୯୩୦ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦।୩ (ସଂଚାର ବ୍ୟୁରୋ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଦେଇ ନାହାନ୍ତି ୯ ହଜାର ୯୩୦ ଛାତ୍ରଛାତ୍ରୀ। ୫ ଲକ୍ଷ ୪୬ ହଜାର ୮୭୬ ଜଣ ପିଲା ଫର୍ମ ଫିଲ ଅପ କରିଥିଲେ କିନ୍ତୁ ପରୀକ୍ଷା ଦେଇଛନ୍ତି ୫ ଲକ୍ଷ ୩୬ ହଜାର ୯୪୬ ଛାତ୍ରଛାତ୍ରୀ। ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ହାର ୧ ଦଶମିକ ୮୧ ପ୍ରତିଶତ ରହିଛି। ଏନେଇ ଗୃହରେ ତଥ୍ୟ ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେହିପରି ରାଜ୍ୟର ୧୯ ହଜାର ୮୮୩ ସ୍କୁଲରେ ନାହିଁ ଡେସ୍କ ଓ ବେଞ୍ଚ। ସେଥିପାଇଁ ତଳେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ତେବେ ଡେସ୍କ ଓ ବେଞ୍ଚ ଯୋଗାଇବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଗୃହରେ ତଥ୍ୟ ରଖିଛନ୍ତି ମନ୍ତ୍ରୀ।

### ୨୫ ଶିଳ୍ପ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

୨୫ଟି ଶିଳ୍ପାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କଲେ ରାଜ୍ୟ ସରକାର। ଜମି ନେଇ ଶିଳ୍ପ ପ୍ରତିଷ୍ଠା କରୁ ନଥିବାରୁ ରାଜ୍ୟ ସରକାର ନେଇଛନ୍ତି ଏଭଳି ବଡ଼ ଆକ୍ସନ। ୭ଟି ଶିଳ୍ପାନୁଷ୍ଠାନ ଜମି ଆବଣ୍ଟନ ରଦ୍ଦ ହୋଇଥିବା ବେଳେ, ୫ଟି ମାମଲା କୋର୍ଟରେ ବିଚାରଧୀନ ଅଛି। ବନ୍ଦ ଥିବା ୯୧୪ ସଂସ୍ଥାରୁ ଇଡକୋ ନିୟମ ଅନୁଯାୟୀ ୬୬୫ଟି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେଥିମଧ୍ୟରୁ ୨୬୭ଟି ଶିଳ୍ପ ସଂସ୍ଥାର ଜମି ଆବଣ୍ଟନ ରଦ୍ଦ ହୋଇଛି। ଆବଣ୍ଟନ ରଦ୍ଦ ମଧ୍ୟରୁ ୮୧ଟି ଶିଳ୍ପ ସଂସ୍ଥା ବିରୋଧରେ ମାମଲା ଚାଲିଛି। ଏଥିସହିତ ବିଭିନ୍ନ କାରଣରୁ ଜମି ନେଇ ୬୪୦ ଶିଳ୍ପ ସଂସ୍ଥା ଚଳାଇ ନପାରିବାରୁ ଅନ୍ୟ ସଂସ୍ଥାକୁ ସେହି ଜମିକୁ ଲିଜ ଆକାରରେ ଦେଇଛନ୍ତି। ଏନେଇ ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଲିଖିତ ଉତ୍ତର ରଖିଛନ୍ତି।

### ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ମରୁଡ଼ି

ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୯ ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ପଡ଼ିଛି। ସେହିପରି ୪୬୧ ଆସୋସିଏଟ ପ୍ରଫେସର ଓ ୨୬୪ ପ୍ରଫେସର ପଦ ଏଯାଏଁ ପୂରଣ କରିପାରିନାହାନ୍ତି ସରକାର। ଏହାଛଡ଼ା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୨୩୨୫ ଅଣଶିକ୍ଷକ ପଦ ପୂରଣ ବି ଖାଲି ପଡ଼ିଛି। ବର୍ଷ ବର୍ଷ ଧରି ଏହିସବୁ ପଦବୀ ଖାଡ଼ି ପଡ଼ିଛି ବୋଲି ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ନେଇ ସରକାର ସକାରାତ୍ମକ ଅଛନ୍ତି

ପୁଣି ହେବ କି ଛାତ୍ର ସଂସଦ ନିର୍ବାଚନ? ଛାତ୍ର ସଂସଦ ନିର୍ବାଚନ ପାଇଁ ଚାଲିଛି ବିଚାର। ଆଜି ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ଲିଖିତ ପ୍ରଶ୍ନର ଏଭଳି ଉତ୍ତର ଦେଇଥିବା ବେଳେ ପୁଣି ଥରେ ଛାତ୍ର ସଂସଦ ନିର୍ବାଚନ ନେଇ ଆଶା ସଂଚାର ହୋଇଛି। ଛାତ୍ର ସଂସଦ ନିର୍ବାଚନ କରିବା ଦିଗରେ ସରକାର ସକାରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଗତ ବିଜେଡି ସରକାର ଅମଳରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ୮ ବର୍ଷ ଧରି ରାଜ୍ୟରେ ଏହି କଲେଜ ନିର୍ବାଚନ ବନ୍ଦ ଥିବା ବେଳେ ଚଳିତ ବର୍ଷ ଏନେଇ କ'ଣ ନିଷ୍ପତ୍ତି ହେଉଛି, ତା' ଦେଖିବାର କଥା।

### ଉଚ୍ଚ ଶିକ୍ଷାନୁଷ୍ଠାନରେ 'ଏଆଇ ଫର ଅଲ୍' ପାଠ୍ୟକ୍ରମ

ଏଆଇ ଶିକ୍ଷାକୁ ମିଳିବ ଉଡ଼ାଣ। କଲେଜରେ ଆରମ୍ଭ ହେବ ଏଆଇ ଶିକ୍ଷା। 'ଏଆଇ ଫର ଅଲ' ପାଠ୍ୟକ୍ରମ ଜରିଆରେ ଏଆଇ ଶିକ୍ଷାକୁ ଦିଆଯିବ ପ୍ରୋତ୍ସାହନ। ରମାଦେବୀ ବିଶ୍ୱବିଦ୍ୟାଳୟରେ ଖୋଲାଯାଇଛି ଏଆଇ ଆଣ୍ଡ ରୋବୋଟିକ ସେଣ୍ଟର ଅଫ ଏକ୍ସିଲେନ୍ସ। ସମ୍ବଲପୁରରେ ଥିବା ଓଡିଶା ଓପନ ବିଶ୍ୱବିଦ୍ୟାଳୟର କଳାର ସ୍ନାତକୋତ୍ତର ଦ୍ୱିତୀୟ ସେମିଷ୍ଟରରେ ଏଆଇ ପାଠ୍ୟକ୍ରମ ପଢାଯାଉଛି। ଆଜି ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି।

କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା ପାଇଁ ବିଜ୍ଞପ୍ତି

# ଏପ୍ରିଲ୍ ୨ ଯାଏ ଅନ୍‌ଲାଇନ୍ ଆବେଦନ




ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ପୂର୍ବାହ୍ନ ୧୦ଟାରୁ ନାମଲେଖା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହେବ। ଆସନ୍ତା ଏପ୍ରିଲ୍ ୨ ତାରିଖ ଯାଏ ଅନଲାଇନ୍ ପଞ୍ଜୀକରଣ ସୁଯୋଗ ମିଳିବ। ଏହି ସମୟ ସୀମା ମଧ୍ୟରେ ବାଲ ବାଟିକା-୧ ଓ ୩ ଏବଂ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ପଞ୍ଜୀକରଣ କରାଯିବ। ଅନ୍ୟପଟେ ବାଲ ବାଟିକା-୨ ଓ ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ନାମଲେଖା ପାଇଁ ଏପ୍ରିଲ୍ ୨ରୁ ୮ ତାରିଖ ଯାଏ ଅଫ୍‌ଲାଇନ୍ ପଞ୍ଜୀକରଣ ହେବ। ସେହିପରି ଜୁନ୍ ୩୦ ତାରିଖ ସୁଦ୍ଧା ସମସ୍ତ ନାମଲେଖା ପ୍ରକ୍ରିୟା ଶେଷ ହେବ। ମାତ୍ର ବଳକା ଥିବା ସିଟ୍‌ରେ ଆବଶ୍ୟକତା ଅନୁଯାୟୀ ଡେପୁଟି କମିଶନରଙ୍କ ସ୍ୱତନ୍ତ୍ର ଅନୁମତିରେ ଜୁଲାଇ ୩୧ ତାରିଖ ମଧ୍ୟରେ ନାମଲେଖା ହେବ। ଏନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଜୁନ୍ ୩୦ ସୁଦ୍ଧା ସରିବ ନାମଲେଖା

ଅନ୍ୟପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ୍ ୨ରୁ ୮ ତାରିଖ ଯାଏ ବାଲ ବାଟିକା-୨, ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ନାମଲେଖା ପାଇଁ ଅଫ୍‌ଲାଇନ୍‌ରେ ଆବେଦନପତ୍ର ଗ୍ରହଣ କରାଯିବ। ଆସନ୍ତା ଏପ୍ରିଲ୍ ୧୩ ତାରିଖରେ ନାମଲେଖା ତାଲିକା ପ୍ରକାଶ ପାଇବ। ଏକାଦଶ ଶ୍ରେଣୀର ନାମଲେଖା ପାଇଁ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପିଲାଙ୍କର ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନାମଲେଖା ପରେ ବଳକା ଥିବା ସିଟ୍‌ରେ ଅନ୍ୟ ବିଦ୍ୟାଳୟର ପିଲାଙ୍କ ନାମଲେଖା ପାଇଁ ସୁଯୋଗ ଦିଆଯିବ।

# 'ବାପା' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର,୨୦।୩ (ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମାଜ ବ୍ୟବସ୍ଥାରେ ବାପା-ମା'ମାନେ ଅବହେଳାର ଶିକାର ହେଉଛନ୍ତି, ଯାହା ଏକ ବ୍ୟାଧିଗ୍ରସ୍ତ ସମାଜ ଆଡ଼କୁ ଦେଶକୁ ଟାଣିନେଉଛି ବୋଲି ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ଏମରାଲ୍ଡ ଭବନ କମ୍ୟୁନିଟି ହଲରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ 'ବାପା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି। ସର୍ବୋଦୟ ନେତା ତଥା ସମାଜସେବୀ ବାଉରୀବନ୍ଧୁ ମହାନ୍ତି ସ୍ମୃତି ନ୍ୟାସ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏବର ଯୁବପିଢ଼ି ନିଜ ସନ୍ତାନମାନଙ୍କୁ କେବଳ କ୍ୟାରିୟର ଗଢ଼ିବାର ମାନସିକ ପ୍ରସ୍ତୁତି ନୁହେଁ, ବରଂ ସାମାଜିକତା ଓ ମାନବତା ସମ୍ପର୍କରେ ଶିକ୍ଷିତ କରାଇବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। କଥାକାର ଓ ଔପନ୍ୟାସିକ ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।

ନିଶାଦ୍ରବ୍ୟ ବିରୋଧରେ ଓଡ଼ିଶା ପୁଲିସର ସଫଳତା

# ୧୪ ମାସରେ ୬୫୪ ଆନ୍ତଃରାଜ୍ୟ ନିଶାବେପାରୀ ଗିରଫ

ଭୁବନେଶ୍ୱର,୨୦।୩ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଶାମୁକ୍ତ ଭାରତ ଆହ୍ୱାନ ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ୧୫ ସୂତ୍ରୀ ମାର୍ଗଦର୍ଶିକାକୁ ଆଧାର କରି ସାରା ଦେଶରେ ନିଶା ବିରୋଧୀ ଅଭିଯାନ ଜାରି ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ପୁଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଗତ ୨୦୨୫ ଜାନୁଆରୀ ୧ରୁ ଗତ ଫେବୃଆରୀ ୨୮ ତାରିଖ ମଧ୍ୟରେ ୧୪ ମାସରେ ଓଡ଼ିଶା ପୁଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହି ସମୟ ସୀମାରେ ପ୍ରାୟ ୧୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷକୁ ଧ୍ୱଂସ କରାଯିବା ସହ ୧୩୪୬ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ, ୨୦୦ କୋଟି ଟଙ୍କା ମୂଲ୍ୟର ୧୮୬୨ ଲିଟର ଗଞ୍ଜେଇ ତେଲ, ୪୧.୭ କୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗର ଓ ୧୦.୧୭ କୋଟି ଟଙ୍କାର କଫ ସିରପ ଜବତ କରାଯାଇଛି। ଏଥିସହ ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ସ୍ଥାନୀୟ ପୁଲିସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

ରାଜ୍ୟରେ ନିଶାଦ୍ରବ୍ୟ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୧ରୁ ଆରମ୍ଭ କରାଯିବ। ଆଗାମୀ ୩ ବର୍ଷ ମଧ୍ୟରେ ରାଜ୍ୟରୁ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଏହି ଅଭିଯାନର ଲକ୍ଷ୍ୟ ବୋଲି ଡିଜିପି କହିଛନ୍ତି।



ଓଡ଼ିଶା ପୁଲିସ୍‌ର ସକ୍ରିୟତା କାରଣରୁ ଏକଦା ୧୨ଟି ଜିଲ୍ଲାରେ ସକ୍ରିୟ ଥିବା ନକ୍ସଲ ଏବେ ମାତ୍ର ୨/୩ଟି ରାଜ୍ୟରେ ସୀମିତ ରହିଛନ୍ତି। ସେହିପରି ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗଜପତି, ରାୟଗଡ଼ା ଓ କୋରାପୁଟ ଭଳି ଜିଲ୍ଲାରେ ଗଞ୍ଜେଇ ଚାଷ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଆଲୋଚ୍ୟ ସମୟ ମଧ୍ୟରେ ରେକର୍ଡ ସଂଖ୍ୟକ ୪୮,୧୬୦ ଏକର ଜମିରୁ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୪୪୪ କୋଟି ହେବ। ସେହିପରି ଗତ ବର୍ଷ ୬୭୦ଟି ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯିବା ସହ ୨୯,୪୯୩ ଏକର ଚାଷ ନଷ୍ଟ ଓ ଚଳିତ ବର୍ଷ ଫେବୃଆରୀ ୨୮ ସୁଦ୍ଧା ୩୫୭ଟି ମାମଲା ରୁଜୁ କରାଯାଇ ୨୮ ଜଣଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ୧୮,୬୬୭ ଏକର ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବାରେ ପୁଲିସ୍ ସଫଳ ହୋଇଛି। ସେହିପରି ସାରା ରାଜ୍ୟରେ ୨ ଲକ୍ଷ ୬୯ ହଜାର ୧୬୬ କିଗ୍ରା ଗଞ୍ଜେଇ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୧୩୪୬ କୋଟି ଟଙ୍କା ହେବ। ଗତ ବର୍ଷ ୧୩୩୯ଟି ମାମଲା ରୁଜୁ କରାଯାଇ ୧୯୯୧ ଜଣଙ୍କୁ ଗିରଫ କରାଯିବା ସହ ୧ ଲକ୍ଷ ୯୫ ହଜାର ୧୩୦ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ଫେବୃଆରୀ ୨୮ ସୁଦ୍ଧା ୨୧୭ଟି ମାମଲା ରୁଜୁ କରାଯାଇ ୩୪୩ ଜଣଙ୍କୁ ଗିରଫ କରାଯିବା ସହ ୭୪,୦୩୬ କିଗ୍ରା ଗଞ୍ଜେଇ ଜବତ ହୋଇଛି।

● ୧୩୪୬ କୋଟିର ଗଞ୍ଜେଇ ଜବତ, ୧୪୪୪ କୋଟିର ଚାଷ ନଷ୍ଟ
● ଜବତ ହୋଇଛି ୪୧.୭ କୋଟିର ବ୍ରାଉନସୁଗର ଓ ୧୦.୧୭ କୋଟିର କଫ ସିରପ
● ୨୦୦ କୋଟିର ୧୮୬୨ ଲିଟର ଗଞ୍ଜେଇ ତେଲ ଜବତ

ଆହୁରି ବ୍ରାଉନସୁଗର କାରବାର ବିରୋଧରେ ପୁଲିସ୍‌କୁ ସଫଳତା ମିଳିଛି। ଆଲୋଚ୍ୟ ସମୟ ମଧ୍ୟରେ ୨୦.୬୯୦ କିଗ୍ରା ବ୍ରାଉନସୁଗର (ଆନୁମାନିକ ମୂଲ୍ୟ ୪୧.୭ କୋଟି) ଜବତ କରାଯାଇଛି। ମୋଟ ୪୪୫ଟି ମାମଲା ରୁଜୁ କରାଯାଇ ୯୧୦ ଜଣଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ଗତ ୧୪ ମାସ ମଧ୍ୟରେ ଚଢ଼ାଉ କରାଯାଇ ୧ ଲକ୍ଷ ୧ ହଜାର ୭୫୫ ବୋତଲ କଫ ସିରପ ଜବତ କରାଯିବା ସହ ୨୩୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି କିଛିଦିନ ତଳେ କୋରାପୁଟ ଜିଲ୍ଲା ପୁଲିସ ଗଞ୍ଜେଇ ତେଲ ପ୍ରସ୍ତୁତ କରୁଥିବା ଏକ ୟୁନିଟ୍ ଉପରେ ଚଢ଼ାଉ କରି ୧୮୦୦ରୁ ଊର୍ଦ୍ଧ୍ୱ ଲିଟର ଗଞ୍ଜେଇ ତେଲ ଜବତ କରିଥିଲା, ଯାହାର ଆମୁନାବିକ ମୂଲ୍ୟ ୨୦୦ କୋଟି ଟଙ୍କା ହେବ। ଏହାଛଡ଼ା ୧୦୦୦ କିଗ୍ରାରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ (ଆନୁମାନିକ ମୂଲ୍ୟ ୫ କୋଟି) ଜବତ କରାଯାଇଛି। ଉକ୍ତ ୟୁନିଟ୍‌କୁ ଧ୍ୱଂସ କରାଯିବା ସହ କେରଳର ୪ ଓ ଓଡ଼ିଶାର ୩ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ଏଥିସହ ନିଶା ବେପାରୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିବା ପାଇଁ ୧୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ଏହାଛଡ଼ା ଏସ୍‌ଟିଏଫ୍ ପ୍ରଶିକ୍ଷିତ କେ-୯ ସ୍ନାଇଫର୍ ଶ୍ୱାନଙ୍କ ସହାୟତାରେ ରାଜ୍ୟର ପ୍ରମୁଖ ରେଳ ଷ୍ଟେସନ ଓ ବସଷ୍ଟାଣ୍ଡରେ କଡ଼ା ନଜର ରଖାଯାଇଛି। ଦଣ୍ଡବିଧାନ ସହ ସଚେତନତା ଓ ସଂସ୍କାରକୁ ଓଡ଼ିଶା ପୁଲିସ୍ ଗୁରୁତ୍ୱ ଦେଉଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# ମହାମାରୀର ରୂପ ନେଇଛି ରାସ୍ତା ଦୁର୍ଘଟଣା

ଭାରତରେ ରାସ୍ତା ଦୁର୍ଘଟଣା ଏକ ମହାମାରୀ ପରି ରୂପ ନେଇଛି। ପ୍ରତିଦିନ ଶହ ଶହ ପରିବାର ଏହି ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇ ଦୁଃଖର ସମୁଦ୍ରରେ ବୁଡ଼ୁଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଦେଶରେ ୧,୭୭,୧୭୭ ଜଣ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି, ଯାହା ୨୦୨୩ ତୁଳନାରେ ପ୍ରାୟ ୨.୩ ପ୍ରତିଶତ ବୃଦ୍ଧି ପାଇଛି। ଏହା ଅର୍ଥ ପ୍ରତିଦିନ ରାସ୍ତାରେ ୪୮୫ ଜଣ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ସଂଖ୍ୟା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଅସଂଖ୍ୟ ପରିବାରର ସ୍ୱପ୍ନ ଓ ଆଶାକୁ ଚୂରମାର କରୁଛି।



ଏହି ବୃଦ୍ଧିର ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଅତ୍ୟଧିକ ଗତି (ଓଭରସ୍ପିଡିଂ) ହେଉଛି ମୁଖ୍ୟ କାରଣ। ଅନେକ ଚାଳକ ରାସ୍ତାକୁ ରେସିଂ ଟ୍ରାକ୍ ଭାବରେ ବ୍ୟବହାର କରନ୍ତି। ଦ୍ୱିତୀୟତଃ, ମଦ୍ୟପାନ କରି ଗାଡ଼ି ଚଳାଇବା, ମୋବାଇଲ୍ ଫୋନ୍ ବ୍ୟବହାର କରିବା ଭଳି ଅବହେଳା ପ୍ରତ୍ୟକ୍ଷ ହେଉଛି। ତୃତୀୟତଃ, ଦୁର୍ବଳ ରାସ୍ତା ଅବସ୍ଥା, ଅନୁପଯୁକ୍ତ ସାଇନେଜ୍, ପାଦଚାରୀ ପାଇଁ ଅଭାବ ଓ ଅନ୍ଧାରରେ ଲାଇଟ୍ ନଥିବା ରାସ୍ତା ଦୁର୍ଘଟଣାକୁ ଆହ୍ୱାନ ଦେଉଛି। ଜାତୀୟ ରାଜପଥରେ ଦୁର୍ଘଟଣା ଅଧିକ ହେଉଛି, ଯେଉଁଠାରେ ଟ୍ରକ୍, ବସ୍ ଓ ଦ୍ୱିଚକ୍ର ଯାନର ମିଶ୍ରଣ ବେଶୀ। ଦ୍ୱିଚକିଆ ଯାନ ଚାଳକ ଓ ପାଦଚାରୀମାନେ ସର୍ବାଧିକ ପ୍ରଭାବିତ ହେଉଛନ୍ତି।

ଏହି ଦୁର୍ଘଟଣାର ଆର୍ଥିକ ଓ ସାମାଜିକ କ୍ଷତିର ହିସାବ ନାହିଁ। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ, ପରିବାରର ରୋଜଗାର କ୍ଷମତା ହ୍ରାସ ଓ ଅନାଥ ପିଲାମାନଙ୍କର ସଂଖ୍ୟା ବଢ଼ୁଛି। ଏହା ଦେଶର ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରଭାବିତ କରୁଛି। ଯୁବକମାନଙ୍କର ମୃତ୍ୟୁହାର ଅଧିକ ହେବାରୁ ଦେଶର ଭବିଷ୍ୟତ କର୍ମଶକ୍ତି କ୍ଷତିଗ୍ରସ୍ତ ହେଉଛି। ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ବହୁମୁଖୀ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ଟ୍ରାଫିକ ନିୟମର କଡ଼ାକଡ଼ି ପାଳନ ଓ ଦଣ୍ଡ ବ୍ୟବସ୍ଥା ଜରୁରୀ। ଇଲେକ୍ଟ୍ରୋନିକ୍ ମନିଟରିଂ, ସ୍ପିଡ ଗନ ଓ କ୍ୟାମେରା ବ୍ୟବହାର ବଢ଼ାଇବା ଦରକାର। ଦ୍ୱିତୀୟତଃ, ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାରକୁ ୧୦୦ପ୍ରତିଶତ ସୁନିଶ୍ଚିତ କରିବା ପାଇଁ ଅଭିଯାନ ଚଳାଇବା ଉଚିତ। ତୃତୀୟତଃ, ରାସ୍ତା ନିର୍ମାଣରେ ସୁରକ୍ଷାକୁ ପ୍ରାଥମିକତା ଦେବା, ପାଦଚାରୀ ପଥ, ଫୁଟ୍ ଓଭର୍ ବ୍ରିଜ୍ ଓ ଉନ୍ନତ ସାଇନେଜ୍ ସ୍ଥାପନ କରିବା ଦରକାର। ଚତୁର୍ଥତଃ, ସ୍କୁଲ ଓ କଲେଜରେ ରାସ୍ତା ସୁରକ୍ଷା ଶିକ୍ଷାକୁ ଅନିବାର୍ଯ୍ୟ କରିବା ପାଇଁ ସରକାର ଓ ସମାଜ ଏକାଠି ହେବା ଆବଶ୍ୟକ। ଅନ୍ୟପକ୍ଷେ, ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସହଯୋଗରେ ଜନସଚେତନତା ବଢ଼ାଇବା ଉଚିତ୍।

ସରକାର ମୋଟର ଭେହିକଲ୍ ଆକ୍ଟ ୨୦୧୯ ପ୍ରଣୟନ କରି ଦଣ୍ଡ ବୃଦ୍ଧି କରିଛନ୍ତି ଏବଂ ଷ୍ଟକହୋମ ଘୋଷଣାପତ୍ର ଅନୁଯାୟୀ ୨୦୩୦ ସୁଦ୍ଧା ଦୁର୍ଘଟଣା ମୃତ୍ୟୁକୁ ୫୦ ପ୍ରତିଶତ ହ୍ରାସ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏହି ଲକ୍ଷ୍ୟ ପୂରଣ ପାଇଁ କେବଳ ନୀତି ନୁହେଁ, ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱବୋଧ ଜରୁରୀ। ଯଦି ଆମେ ସମସ୍ତେ ନିୟମ ମାନିବା, ଧୈର୍ଯ୍ୟ ରଖିବା ଓ ଅନ୍ୟମାନଙ୍କୁ ସଚେତନ କରିବା, ତେବେ ଏହି ମୃତ୍ୟୁ ଶୃଙ୍ଖଳାକୁ ଭାଙ୍ଗିବା ସମ୍ଭବ।

ଆଜିର ଦିନରେ ଭାରତ ବିକାଶର ପଥରେ ଦ୍ରୁତ ଗତିରେ ଆଗେଇ ଯାଉଛି। କିନ୍ତୁ ଯଦି ରାସ୍ତାରେ ପ୍ରାଣ ହରାଇବା ଏକ ସାଧାରଣ ଘଟଣା ହୋଇଯିବ, ତେବେ ଏହି ବିକାଶର ଅର୍ଥ କ'ଣ? ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଆମେ ସମସ୍ତେ ମିଶି ଏକ ସୁରକ୍ଷିତ ଭାରତ ଗଠନ କରିବା ଆବଶ୍ୟକ। ନହେଲେ ଏହି ଦୁର୍ଘଟଣାର ବୃଦ୍ଧି ଆମ ସମାଜର ଏକ କଳଙ୍କ ହୋଇ ରହିଯିବ।

# ପରୋକ୍ଷ ଇଚ୍ଛାମୃତ୍ୟୁ ଓ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

ବିଜନ କୁମାର ମହାପାତ୍ର



ଦୀର୍ଘ ୧୩ ବର୍ଷ ଧରି 'ଜୀବନ୍ତ ଶବ'ରେ ପରିଣତ ହୋଇଥିବା ୩୧ ବର୍ଷୀୟ ଗାଜିଆବାଦ ଯୁବକ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ଆବେଦନ ମାମଲାରେ ଐତିହାସିକ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ହରିଶଙ୍କଠାରୁ ଲାଇଫ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି। ଦେଶରେ ପ୍ରଥମ ଥର ପାଇଁ କୌଣସି କୋର୍ଟ କୋମାରେ ଥିବା ଜଣେ ରୋଗୀଙ୍କୁ ପରୋକ୍ଷ ଇଚ୍ଛାମୃତ୍ୟୁ ବା ପାସିଭ ୟୁଥେନେସିଆ ପାଇଁ ଅନୁମତି ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେ.ବି ପାର୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ବେଶ୍ ଭାବପ୍ରବଣତାର ସହ ହରିଶ ରାଣାଙ୍କଠାରୁ ଲାଇଫ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା କି ସମ୍ମାନର ସହ ତାଙ୍କ ମୃତ୍ୟୁ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ପ୍ରତ୍ୟକ୍ଷ ବା ସକ୍ରିୟ ଇଚ୍ଛାମୃତ୍ୟୁ (ଆକ୍ଟିଭ ୟୁଥେ ନେସିଆ )କୁ ଅନୁମତି ମିଳିନାହିଁ। ପରୋକ୍ଷ ଇଚ୍ଛାମୃତ୍ୟୁ ( ପାସିଭ ୟୁଥେନେସିଆ )କୁ ମଧ୍ୟ କେତେକ କଡ଼ା ସର୍ତ୍ତସହ ହିଁ ଅନୁମତି ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରୋକ୍ଷ ଇଚ୍ଛାମୃତ୍ୟୁକୁ ଅନୁମତି ପ୍ରଦାନ ସଂପର୍କିତ କୌଣସି ଆଇନ୍ ବି ପ୍ରଣୟନ ହୋଇନାହିଁ। ଏ ବାବଦରେ ୨୦୧୮ରେ ସୁପ୍ରିମକୋର୍ଟ ପ୍ରସ୍ତୁତ କରିଥିବା ମାର୍ଗଦର୍ଶିକାକୁ ହିଁ ଅନୁସରଣ କରାଯାଉଛି। କେଉଁ ପରିସ୍ଥିତିରେ ପରୋକ୍ଷ ଇଚ୍ଛାମୃତ୍ୟୁ ଅନୁମତି ସାପେକ୍ଷ, ତାହା ହରିଶ ରାଣା ମାମଲାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ସୁପ୍ରିମକୋର୍ଟ।

କୋମାରେ ଥିବା ହରିଶ ରାଣା ଆଉ ବଂଚିବେ ନାହିଁ ବୋଲି ଉଭୟ ପ୍ରାଥମିକ ଓ ସେକେଣ୍ଡାରୀ ମେଡିକାଲ ବୋର୍ଡ ରିପୋର୍ଟ ଦେଇଥିଲେ। କିନ୍ତୁ ଅବଚେତନ ହରିଶଙ୍କୁ ମେଡିକାଲ ଟ୍ୟୁବ ଜରିଆରେ ଖାଦ୍ୟ ଯୋଗାଣ ଜାରି ରହିଥିଲା। ଏହା ହିଁ ଥିଲା ବଡ ଦ୍ୱନ୍ଦ୍ୱ। ସୁପ୍ରିମକୋର୍ଟଙ୍କ ୨୦୧୮ ଗାଇଡଲାଇନରେ ରୋଗୀଙ୍କଠାରୁ ଫିଡିଂ ଟ୍ୟୁବ୍ ବା ଖାଦ୍ୟ ନଳୀ ପ୍ରତ୍ୟାହାର ସଂପର୍କରେ ଉଲ୍ଲେଖ ନଥିଲା। ଏବେ କିନ୍ତୁ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଡାକ୍ତରଙ୍କ ତତ୍ତ୍ୱାବଧାନରେ ରୋଗୀକୁ ଦିଆଯାଉଥିବା ପୋଷଣ ମଧ୍ୟ ଚିକିତ୍ସା ଭାବେ ଗ୍ରହଣ କରାଯିବ। ମେଡିକାଲ ବୋର୍ଡଙ୍କ ସୁପାରିଶରେ ରୋଗୀଙ୍କଠାରୁ ଏହି ବ୍ୟବସ୍ଥା ପ୍ରତ୍ୟାହାର କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେ.ବି ପାର୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନ ରାୟରେ ଉଲ୍ଲେଖ କରିଛନ୍ତି। ତେବେ, ଏଭଳି ଚିକିତ୍ସା ଜାରି ରଖିବା ବେଳେ ରୋଗୀଙ୍କ ହିତ ସାଧନ ହେଉଛି କି ନାହିଁ, ତାହା ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ ଜେ.ବି ପାର୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଦୋହରାଇଛନ୍ତି। ଏଥସହ ପରୋକ୍ଷ ଇଚ୍ଛାମୃତ୍ୟୁ ବାବଦରେ ଆଇନ ପ୍ରଣୟନ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ।

୨୦୧୩ ମସିହାରେ ଏକ କୋଠାର ଚତୁର୍ଥ ମହଲାରୁ ଖସିପଡ଼ିବା ପରେ ହରିଶଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଚିକିତ୍ସା ପରେ ବି ସେ ସୁସ୍ଥ ହୋଇନଥିଲେ। ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ଏଭଳି କରୁଣ ସ୍ଥିତି ଦୃଷ୍ଟିରୁ ପରୋକ୍ଷ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ହରିଶଙ୍କ ପିତାମାତା। ପରୋକ୍ଷ ଇଚ୍ଛାମୃତ୍ୟୁ ବା ପାସିଭ୍ ୟୁଥେନେସିଆ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଚେତ ଅବସ୍ଥାରେ ଥିବା ଓ ବଂଚିବା ସମ୍ଭାବନା ନଥିବା ରୋଗୀଙ୍କଠାରୁ ଲାଇଫ୍ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରାଯାଇ ଚିକିତ୍ସା ବନ୍ଦ କରିଦିଆଯାଏ। ଅସାଧ୍ୟ ରୋଗରେ ପୀଡିତ ରୋଗୀଙ୍କୁ ଅସହ୍ୟ ପୀଡାରୁ ମୁକ୍ତି ଦେବା ପାଇଁ ଇଚ୍ଛାମୃତ୍ୟ ( ୟୁଥେନେସିଆ )କୁ ଅନୁମତି ଦିଆଯିବା ଉଚିତ କି ନୁହେଁ, ସେ ନେଇ ଦେଶରେ ଗତ କିଛି ବର୍ଷ ହେବ ବିତର୍କ ଚାଲିଆସିଛି। ଭାରତରେ କେବଳ 'ପାସିଭ' ବା ପରୋକ୍ଷ ଇଚ୍ଛାମୃତ୍ୟୁକୁ ହିଁ ଅନୁମତି ଦିଆଯାଇଛି। ଆକ୍ଟିଭ ବା ପ୍ରତ୍ୟକ୍ଷ ଇଚ୍ଛାମୃତ୍ୟୁକୁ ଆମଦେଶରେ ବେଆଇନ। ଇଚ୍ଛାମୃତ୍ୟୁ ସଂପର୍କିତ କୌଣସି ଆଇନ ଆମଦେଶରେ ପ୍ରଣୟନ ହୋଇନାହିଁ। ୨୦୧୯ରେ ଏକ ବିଧେୟକ ସଂସଦରେ ଆଗତ ହୋଇଥିଲେ ମଧ୍ୟ ଗୃହୀତ ନ ହୋଇ ପଡ଼ିରହିଛି।

ଚଳିତ ଶତାବ୍ଦୀ ପ୍ରାରମ୍ଭରେ ଭାରତରେ ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ବ୍ୟାପକ ଚର୍ଚ୍ଚା ହେବାକୁ ଲାଗିଲା। ୨୦୦୬ରେ ନିଜର ୧୯୬ତମ ରିପୋର୍ଟରେ ପ୍ରଥମ ଥର ପାଇଁ ଇଚ୍ଛାମୃତ୍ୟୁ ବାବଦରେ ଉଲ୍ଲେଖ କରିଥିଲେ ବିଧି ଆୟୋଗ। ଅସାଧ୍ୟ ରୋଗରେ ପୀଡିତ ରୋଗୀଙ୍କ ପାଇଁ ପରୋକ୍ଷ ଇଚ୍ଛାମୃତ୍ୟୁ ସଂପର୍କିତ ଆଇନ ପ୍ରଣୟନ ପାଇଁ ସୁପାରିଶ କରିଥିଲେ ଆୟୋଗ। ସହମତି ଓ କଡ଼ା ନିୟମ ପାଳନପୂର୍ବକ ରୋଗୀଙ୍କ ଗରିମାପୂର୍ଣ୍ଣ ମୃତ୍ୟୁ ସପକ୍ଷରେ ମତ ଦେଇଥିଲେ ଆୟୋଗ। ୧୯୭୩ ମସିହାରେ ମୁମ୍ବାଇର ଏକ ହସପିଟାଲରେ ଜଣେ ଓ୍ୱାର୍ଡ ବୟ ଦ୍ୱାରା ଦୁଷ୍କର୍ମ ଓ ଆକ୍ରମଣର ଶୀକାର ହେଲା ପରେ କୋମାକୁ ଚାଲିଯାଇଥିଲେ ନର୍ସ ଅରୁଣା ଶାନବାଗ। ଦୀର୍ଘ ଚାରିଦଶକରୁ ଅଧିକ ସମୟ ଧରି କୋମାରେ ରହିଥିବା ଅରୁଣାଙ୍କ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଲୋଡି ୨୦୦୯ରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ ସାମ୍ବାଦିକା ପିଙ୍କି ବିରାନି। ଇଚ୍ଛାମୃତ୍ୟୁ ଆବେଦନ ଖାରଜ କରିଦେଇଥିଲେ ସୁପ୍ରିମକୋର୍ଟ। କିନ୍ତୁ କିଛି କଡା ସର୍ତ୍ତ ସହ ପରୋକ୍ଷ ଇଚ୍ଛାମୃତ୍ୟୁ ସପକ୍ଷରେ ମତ ଦେଇଥିଲେ ସର୍ବୋଚ୍ଚ ଅଦାଲତ। ୨୦୧୨ରେ ବିଧି ଆୟୋଗ ୨୪୧ତମ ରିପୋର୍ଟରେ ପରୋକ୍ଷ ଇଚ୍ଛାମୃତ୍ୟୁ ସଂପର୍କିତ ପୂର୍ବ ସୁପାରିଶକୁ ଦୋହରାଇଥିଲେ। ୨୦୧୮ରେ ଏନଜିଓ କମନ କଜ୍ ବନାମ ଭାରତ ସରକାରଙ୍କ ମାମଲାରେ ଇଚ୍ଛାମୃତ୍ୟୁ ସଂପର୍କିତ ଆଉ ଏକ ମହତ୍ୱପୂର୍ଣ୍ଣ ରାୟ ଦେଇଥିଲେ ସୁପ୍ରିମକୋର୍ଟ। ଅସାଧ୍ୟ ରୋଗରେ ପୀଡିତ ରୋଗୀଙ୍କ ଲିଭିଂ ଓ୍ୱିଲ୍ ବା ଇଚ୍ଛାପତ୍ରକୁ ଅନୁମତି ଦେଇଥିଲେ ସୁପ୍ରିମକୋର୍ଟ। ରୋଗୀଙ୍କୁ ଯଦି ୧୮ ବର୍ଷ ବୟସ ହୋଇଥିବ ଓ ସେ ସଚେତନ ଅବସ୍ଥାରେ ଥିବେ, ତାହା ହେଲେ ସେ କିଭଳି ଚିକିତ୍ସା ଆବଶ୍ୟକ କରନ୍ତି, ନିଜର ଇଚ୍ଛାପତ୍ର ଜରିଆରେ ଜଣାଇପାରିବେ।

ଉମା ନଗର, ଚତୁର୍ଥ ଗଳି , ଲାଞ୍ଜିପଲ୍ଲୀ, ବ୍ରହ୍ମପୁର ୮
ମୋବାଇଲ୍:୮୮୪୭୮୪୨୪୨୪

# ଇରାନରେ ଅମ୍ଳୀୟ ବର୍ଷା: ପରିବେଶ ପ୍ରତି ବିପଦ!

ଅସିତ ମହାନ୍ତି



ଟ୍ରମ୍ପ ଇରାନର ଲୋକଙ୍କୁ କହିଥିଲେ, 'ମୁଁ ତୁମକୁ ସ୍ୱାଧୀନତା ଦେବି (ଇରାନ), କେବଳ ଇରାନ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ରାସ୍ତାକୁ ବାହାରି ଆସ।' ଇରାନ ଗୋଟିଏ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିନଥିଲା, ଏବଂ ଲୋକମାନେ ରାସ୍ତାକୁ ଓହ୍ଲାଇ ନଥିଲେ। ତା'ପରେ ଯୁଦ୍ଧ ସଚିବ ପିଟ୍ ହେଗସେଥ୍ କହିଥିଲେ ଯେ ଇରାନବାସୀଙ୍କୁ ଚିନ୍ତା କରିବା ଉଚିତ ଯେ ସେମାନେ ବଞ୍ଚି ରହିବେ କି ନାହିଁ। ସେ କହିଥିଲେ, 'କେହି ବିପଦରେ ନାହାନ୍ତି। ଆମେ ଅନ୍ୟମାନଙ୍କୁ ବିପଦରେ ପକାଉଛୁ, କିନ୍ତୁ ବର୍ତ୍ତମାନ କେବଳ ଇରାନବାସୀଙ୍କୁ ଚିନ୍ତା କରିବାକୁ ପଡ଼ିବ ଯେଉଁମାନେ ଭାବନ୍ତି ଯେ ସେମାନେ ବଞ୍ଚି ରହିବେ।' ଆମେରିକାର ବିଫଳ କାର୍ଯ୍ୟର ହତାଶା ଏତେ ବୃଦ୍ଧି ପାଇଛି ଯେ ଇସ୍ରାଏଲ ଏବଂ ଆମେରିକା ଏବେ ତେହେରାନ ଚାରିପାଖରେ ପାଞ୍ଚଟି ଇରାନ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିଛନ୍ତି। ତୈଳ ସଂରକ୍ଷଣ ଡିପୋ, ଇନ୍ଧନ ବଣ୍ଟନ ସୁବିଧା ଏବଂ ପ୍ରାୟ ୩୦ ଟି ଇନ୍ଧନ ଏବଂ ତୈଳ ଡିପୋକୁ ଟାର୍ଗେଟ କରାଯାଇଛି (ଦି ହିନ୍ଦୁ ରିପୋର୍ଟ)। ଏବଂ ଏହାର ପରିଣାମ ହେଉଛି ଯାହା ବିଶ୍ୱ ଦେଖୁଛି: ମାଇଲ ଦୂରରୁ ଦେଖାଯାଉଥିବା ଅଗ୍ନିଗୋଳା। ତେହେରାନ ବର୍ତ୍ତମାନ ବିଷାକ୍ତ କଳା ଧୂଆଁର ଏକ ଚାଦରରେ ଘୋଡ଼ାଇ ହୋଇ ରହିଛି। ସମଗ୍ର ସହର ଜଳୁଥିବା ତେଲର ଗନ୍ଧ ବାହାରୁଛି। ତେହେରାନରେ କଳା ଏବଂ ତେଲ ବର୍ଷା ହେଉଥିଲା (ନ୍ୟୁୟର୍କ ପୋଷ୍ଟ, ମାର୍ଚ୍ଚ ୮, ୨୬)। ଏବଂ ଏହି ଧୂଆଁ, ଧୂଆଁର ଏହି ମେଘ ଅତ୍ୟନ୍ତ ବିପଦପୂର୍ଣ୍ଣ। ଏଥିରେ ରହିବା, ନିଶ୍ୱାସ ନେବା ଦ୍ୱାରା କର୍କଟ ରୋଗ ହୋଇପାରେ। ଏବଂ ଏହି ପ୍ରଦୂଷଣ, ଏହି ଜଳୁଥିବା ଧୂଆଁ, ସମଗ୍ର ମଧ୍ୟପ୍ରାଚ୍ୟରେ ବ୍ୟାପିବାକୁ ଯାଉଛି। ଯେଉଁମାନେ କୁଏତ ଯୁଦ୍ଧ ଦେଖିଛନ୍ତି ସେମାନେ ମନେ ରଖିବେ। କୁଏତର ତୈଳ କୂପରେ ବର୍ଷ ବର୍ଷ ଧରି ଅଗ୍ନିକାଣ୍ଡ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ କର୍କଟ ରୋଗ ସୃଷ୍ଟି କରିଛି। ଏହା ତେହେରାନର ହୃଦୟରେ ଘଟୁଛି। ଲୋକମାନେ ବର୍ତ୍ତମାନ କେଉଁ ରୋଗର ସମ୍ମୁଖୀନ ହେବେ ତାହା କଳ୍ପନା କରନ୍ତୁ। ଇରାନର ତୈଳ ବଣ୍ଟନ କମ୍ପାନୀ ନିଶ୍ଚିତ କରିଛି ଯେ ସେହି ସମୟରେ ଛଅ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା (ଦି ଗାର୍ଡିଆନ୍ ରିପୋର୍ଟ କରେ)। ନିଆଁ ଏବେ ବି ଜଳୁଛି। ଏହା ବ୍ୟତୀତ, ଇରାନର ଜଳ ଯୋଗାଣ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଛି।

ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ପକାଯାଇଥିବା ବୋମା ଇରାନର ବାୟୁମଣ୍ଡଳକୁ ଏତେ ପ୍ରଦୂଷିତ କରିଛି ଯେ ପ୍ରତ୍ୟେକ ବୁନ୍ଦା ଏବେ ବିଷାକ୍ତ ହୋଇଗଲାଣି। ଏହା କେବଳ ଏକ ଇରାନ ସମସ୍ୟା ନୁହେଁ, ବରଂ ଏକ ଆନ୍ତର୍ଜାତୀୟ ଦୁଃଖଦ ଘଟଣା, ଯାହା ପଡ଼ୋଶୀ ଦେଶଗୁଡ଼ିକୁ ବ୍ୟାପିଛି। ଲୋକମାନେ କୁହନ୍ତି ଯେ ଯେତେବେଳେ ବର୍ଷା ହୁଏ, ତେଲର ଏକ ସ୍ତର ପାଣିରେ ଭାସିଯାଏ, ଯେପରି ଆକାଶରୁ ଜୀବନଦାୟକ ଜଳ ନୁହେଁ, ମୃତ୍ୟୁ ବର୍ଷା ହେଉଛି। ଇରାନ ଉପରେ ଆମେରିକା ଦ୍ୱାରା ପକାଯାଇଥିବା ବୋମା ବାୟୁମଣ୍ଡଳକୁ ଏତେ ପ୍ରଦୂଷିତ କରିଛି ଯେ ବର୍ଷା ମଧ୍ୟ ଆଉ ପବିତ୍ର ନୁହେଁ। ଯେତେବେଳେ ମେଘ ବର୍ଷା ହୁଏ, ପାଣିରେ ତେଲ ଭଳି ଏକ ସ୍ତର ଦେଖାଯାଏ, ଯାହାକୁ ଲୋକମାନେ 'ତେଲ ବର୍ଷା' ବୋଲି କୁହନ୍ତି। ଏହି ପରିସ୍ଥିତି କେବଳ ଇରାନ ନୁହେଁ ବରଂ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ବ୍ୟାପିଛି ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ପାଲଟିଛି।

ଆମେରିକୀୟ ବୋମା ମାଡ଼ ବାୟୁମଣ୍ଡଳରେ ବହୁ ପରିମାଣରେ ଧୂଆଁ, ରାସାୟନିକ ଉପାଦାନ ଏବଂ ଧାତୁ ଛାଡିଥାଏ। ଏହି ଉପାଦାନଗୁଡ଼ିକ ମେଘରେ ମିଶି ଏସିଡ୍ ବର୍ଷା ସୃଷ୍ଟି କରେ। ଯେତେବେଳେ ସଲଫର ଏବଂ ନାଇଟ୍ରୋଜେନ ଅକ୍ସାଇଡ ପାଣି ସହିତ ପ୍ରତିକ୍ରିୟା କରେ, ସେମାନେ ସଲଫ୍ୟୁରିକ ଏବଂ ନାଇଟ୍ରିକ୍ ଏସିଡ ସୃଷ୍ଟି କରନ୍ତି। ଯେତେବେଳେ ଏହି ଏସିଡଗୁଡ଼ିକ ଭୂମିରେ ପଡ଼ିଯାଏ, ସେମାନେ ମାଟିର ଉର୍ବରତା ହ୍ରାସ କରନ୍ତି, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷିତ କରନ୍ତି ଏବଂ ଉଦ୍ଭିଦ ନଷ୍ଟ କରନ୍ତି।ଇରାନର ଲୋକମାନେ ବର୍ଷା ସମୟରେ ପାଣିରେ ତେଲ ବୁନ୍ଦା ଭାସୁଥିବାର ଲକ୍ଷ୍ୟ କରିଛନ୍ତି। ଏହା ବାୟୁମଣ୍ଡଳରେ ହାଇଡ୍ରୋକାର୍ବନ ଏବଂ ଅନ୍ୟାନ୍ୟ ରାସାୟନିକ ଉପାଦାନର ଉପସ୍ଥିତିକୁ ସୂଚିତ କରେ। ଏହି



ପରିସ୍ଥିତି କେବଳ ଏକ ପରିବେଶଗତ ସଙ୍କଟ ନୁହେଁ ବରଂ ଏକ ସାମାଜିକ ଏବଂ ରାଜନୈତିକ ଚ୍ୟାଲେଞ୍ଜ ମଧ୍ୟ। ଲୋକମାନେ ଭୟ କରୁଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ ସ୍ୱଚ୍ଛ ବାୟୁ ଏବଂ ପାଣି ଦୁର୍ଲଭ ହୋଇଯିବ।

ମାନବ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଏସିଡ ବର୍ଷା ଚର୍ମ ରୋଗ, ଶ୍ୱାସକ୍ରିୟା ସମସ୍ୟା ଏବଂ ଆଖି ଜ୍ୱଳନ ଭଳି ରୋଗର ପ୍ରକୋପ ବୃଦ୍ଧି କରୁଛି। ଦୀର୍ଘକାଳୀନ ସଂସ୍ପର୍ଶରେ କର୍କଟ ରୋଗ ଭଳି ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ପିଲା ଏବଂ ବୃଦ୍ଧମାନେ ବିଶେଷ ଭାବରେ ପ୍ରଭାବିତ ହୁଅନ୍ତି।କୃଷି କ୍ଷେତ୍ର ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ଏସିଡ ବର୍ଷା ଯୋଗୁଁ ଇରାନର ଏକଦା ଉର୍ବର ମାଟି ତାର ଶକ୍ତି ହରାଉଛି। ଫସଲ ପ୍ରଭାବିତ ହେଉଛି, ଏବଂ ଉତ୍ପାଦନ ହ୍ରାସ ପାଉଛି। ଏହା ଖାଦ୍ୟ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରୁଛି। ଜଳ ଉତ୍ସଗୁଡ଼ିକରେ ପ୍ରବେଶ କରୁଥିବା ଏସିଡିକ୍ ଉପାଦାନଗୁଡ଼ିକ ମାଛ ଏବଂ ଅନ୍ୟାନ୍ୟ ଜଳଜୀବଙ୍କୁ ହତ୍ୟା କରୁଛନ୍ତି, ଇକୋସିଷ୍ଟମକୁ ବିପର୍ଯ୍ୟସ୍ତ କରୁଛନ୍ତି।

ଏହି ସମସ୍ୟା କେବଳ ଇରାନରେ ସୀମିତ ନୁହେଁ। ଯେତେବେଳେ ପ୍ରଦୂଷଣ ବାୟୁମଣ୍ଡଳରେ ବ୍ୟାପିଥାଏ, ଏହା ପବନ ଦ୍ୱାରା ପଡ଼ୋଶୀ ଦେଶଗୁଡ଼ିକୁ ପଠାଯାଏ। ଏହି କାରଣରୁ ଏସିଡ୍ ବର୍ଷାର ପ୍ରଭାବ ଆଞ୍ଚଳିକ ସ୍ତରରେ ଅନୁଭୂତ ହେଉଛି। ଏହା ଏକ ଅନ୍ତର୍ଜାତୀୟ ପରିବେଶଗତ ସଙ୍କଟ ଯାହା ସ୍ଥାନୀୟ ଭାବରେ ସମାଧାନ କରାଯାଇପାରିବ ନାହିଁ। ଏଥିପାଇଁ ବିଶ୍ୱସ୍ତରୀୟ ସହଯୋଗ ଏବଂ ନୀତି ଆବଶ୍ୟକ। ଅନ୍ତର୍ଜାତୀୟ ସମୁଦାୟ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବା ଆବଶ୍ୟକ। ପରିବେଶଗତ ଅପରାଧଗୁଡ଼ିକୁ କେବଳ ରାଜନୈତିକ ବିତର୍କ ମଧ୍ୟରେ ସୀମିତ ରଖିବା ଉଚିତ୍ ନୁହେଁ, ବରଂ ଏହାକୁ ବିଶ୍ୱ ନ୍ୟାୟର ପରିସର ମଧ୍ୟକୁ ଅଣାଯିବା ଉଚିତ୍। ଯଦି ଆମେ ସମୟ ମଧ୍ୟରେ ପଦକ୍ଷେପ ନନେବା, ତେବେ ଏହି ସଙ୍କଟ କେବଳ ଇରାନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସମଗ୍ର ବିଶ୍ୱକୁ ଗ୍ରାସ କରିବ। ଇରାନୀ ଲୋକମାନେ ଏହି ବୋମା ବିସ୍ଫୋରଣକୁ କେବଳ ଏକ ସାମରିକ କାର୍ଯ୍ୟ ବୋଲି ଭାବନ୍ତି ନାହିଁ, ବରଂ ଏକ ପରିବେଶଗତ ଅପରାଧ ବୋଲି ବିବେଚନା କରନ୍ତି। ସେମାନେ କୁହନ୍ତି ଯେ ଯୁଦ୍ଧ କେବଳ ସୀମା ଭାଙ୍ଗିଥାଏ ନାହିଁ ବରଂ ପ୍ରକୃତିକୁ ମଧ୍ୟ ନଷ୍ଟ କରିଥାଏ। ଯେତେବେଳେ ଧୂଆଁ ଏବଂ ରାସାୟନିକ ଉପାଦାନଗୁଡ଼ିକ ଆକାଶରେ ଛାଡ଼ି ଦିଆଯାଏ, ସେମାନଙ୍କର ପ୍ରଭାବ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ରହିଥାଏ। ଏହା ଏକ ବିଷ ଯାହା ବାୟୁ, ପାଣି ଏବଂ ମାଟିରେ ଦ୍ରବୀଭୂତ ହୋଇଯାଏ, ଭବିଷ୍ୟତକୁ ମଧ୍ୟ ଅନ୍ଧକାର କରିଦିଏ।ଏହି ସଙ୍କଟ ଆମକୁ ଶିକ୍ଷା ଦିଏ ଯେ ଯୁଦ୍ଧ କେବଳ ସୀମା ଏବଂ ରାଜନୀତିର ବିଷୟ ନୁହେଁ; ଏହା ପ୍ରକୃତି ଏବଂ ମାନବ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ଯଦି ପ୍ରଦୂଷଣକୁ ନିୟନ୍ତ୍ରଣ କରା ନ ଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଏହି ସମସ୍ୟା ଆହୁରି ଗୁରୁତର ହୋଇପାରେ। ଏହି ଯୁଦ୍ଧରେ କେତେ ଲୋକ ସିଧାସଳଖ ପ୍ରାଣ ହରାଇବେ ତାହା ଅଜଣା, କିନ୍ତୁ ଏହି ଯୁଦ୍ଧ ଏପରି ଏକ ପରିବେଶ ସୃଷ୍ଟି କରୁଛି ଯାହା ଯୁଦ୍ଧ ଶେଷ ହେବାର ବହୁ ଦିନ ପରେ ପରୋକ୍ଷ ଭାବରେ ଅଗଣିତ ଲୋକଙ୍କ ମୃତ୍ୟୁର କାରଣ ହେବ। ଲୋକମାନେ ବର୍ଷ ବର୍ଷ ଧରି ଏହି ରୋଗରେ ପୀଡିତ ରହିବେ। ଅନ୍ୟ ଶବ୍ଦରେ, ଆମେରିକୀୟ-ଇସ୍ରାଏଲ ସାମ୍ରାଜ୍ୟବାଦ ଭବିଷ୍ୟତ ପିଢ଼ିକୁ ପଙ୍ଗୁ କରିବାକୁ ବାହାରିଛି। ଏହା ଜାପାନର ହିରୋସିମା ଏବଂ ନାଗାସାକିରେ ସମାନ କାମ କରିଥିଲା। ବର୍ତ୍ତମାନ, ଏହା ଇସ୍ରାଏଲ ସହିତ ମିଳିତ ଭାବରେ ସମାନ କାମ କରୁଛି। ସାରା ବିଶ୍ୱରେ ଏପରି କାର୍ଯ୍ୟ ବିରୁଦ୍ଧରେ ଦୃଢ଼ ପ୍ରତିବାଦ ହେବା ଉଚିତ। କିନ୍ତୁ ବିଶ୍ୱ ଏହି ଯୁଦ୍ଧକୁ ଦେଖୁଛି, ଯେପରି ରୁଷ ଦୁଇ ବର୍ଷ ଧରି ୟୁକ୍ରେନ ସହିତ କରି ଆସୁଛି। ଆମକୁ ମନେ ରଖିବାକୁ ହେବ ଯେ ଯଦି ବର୍ତ୍ତମାନର ପିଢ଼ି ଏହା ବିରୁଦ୍ଧରେ ନୀରବ ରହେ, ତେବେ ଭବିଷ୍ୟତ ପିଢ଼ି 'ସେତେବେଳେ ତୁମେ ଚୁପ୍ ଥିଲ କି?' ପଚାରିଲେ କ'ଣ ଉତ୍ତର ଦେବେ?ଦୁଃଖର ବିଷୟ ହେଉଛି ଯେ ଯେଉଁ ଉଦ୍ଦେଶ୍ୟ ପାଇଁ ଇଉଏନଓ ସଂଗଠନ ସୃଷ୍ଟି ହୋଇଥିଲା ତାହା ମଧ୍ୟ ନୀରବ। ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ଏବଂ ଇସ୍ରାଏଲ ଉପରେ ଚାପ ପକାଇବା ପାଇଁ କ'ଣ ଏବେ ଇଉଏନଓ ବୈଠକ କରାଯିବା ଉଚିତ୍ ନୁହେଁ?

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
ମୋବାଇଲ୍:୯୪୩୭୨୮୮୦୨୮

# ସାମାଜିକ ଗଣମାଧ୍ୟମ ଓ ଆଇନ

ସୌର ଚନ୍ଦ୍ର ମହାପାତ୍ର



ବର୍ତ୍ତମାନର ସମୟରେ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ସାମାଜିକ ଗଣମାଧ୍ୟମ। ତେବେ ସାମାଜିକ ଗଣମାଧ୍ୟମଟି ବର୍ତ୍ତମାନ ଅତ୍ୟାବଶ୍ୟକ ଯୋଗାଯୋଗର ପ୍ରମୁଖ ଉତ୍ସ ପାଲଟୁଥିବାବେଳେ ଏହାର ଅପବ୍ୟବହାର ଓ ଦୁରୁପଯୋଗ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ, ମିଥ୍ୟା ତଥ୍ୟ, ଦେଶ ବିରୋଧୀ ଚିନ୍ତାଧାରା ଓ ଆଇନଭଙ୍ଗକାରୀ ପ୍ରସଙ୍ଗ ସବୁ ଉଲ୍ଲେଖିତ ହେଉଥିବାରୁ ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି। ସୋସିଆଲ ମିଡ଼ିଆର ଅପବ୍ୟବହାର ଆଇନଗତ ଭାବେ ଏକ ଅପରାଧିକ କାର୍ଯ୍ୟକଳାପ। ସୂଚନାଥାଉକି ଆମ ଦେଶରେ ୨୦୦୦ ମସିହାରୁ ସୂଚନା ପ୍ରଯୁକ୍ତି ଆଇନ ବା 'ଇନଫରମେସନ ଓ ଟେକ୍ନୋଲୋଜି ଆକ୍ଟ' ପ୍ରଚଳିତ ହୋଇ ଆସୁଛି। ସେହିପରି ଆମର ବର୍ତ୍ତମାନ ସମୟରେ ନୂତନ ଭାବେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତାର ଦଫା ୩୫୬ ଅନ୍ତର୍ଗତ ସାମାଜିକ ଗଣମାଧ୍ୟମରେ ଯେ କୌଣସି ବ୍ୟକ୍ତି କାହା ବିରୁଦ୍ଧରେ ଅପମାନ ସୂଚକ ବା ସମ୍ମାନ ହାନି ହେବା ପରି ତଥ୍ୟ ବା ସୂଚନା ପୋଷ୍ଟ କରନ୍ତୁ ବା ସେୟାର କରନ୍ତୁ ଏପରିକି ଅଶାଳୀନ କମେଣ୍ଟ ରହିଥିଲେ ଏଥିପାଇଁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି। ସେହିପରି ସେହି ଆଇନ ସହିତ ମାନହାନୀ, ଜାଲିଆତି, ଠକେଇ, ପ୍ରବଞ୍ଚନା ଆଦି ଦଫା ପାଇଁ ସମ୍ପୃକ୍ତ ଅପରାଧୀଙ୍କ ବିରୁଦ୍ଧରେ ଆଇନର ଦଫା ୩୦୩, ୩୧୪, ୩୧୮ କାର୍ଯ୍ୟକାରୀ କରାଯାଇଥାଏ। ସୋସିଆଲ ମିଡ଼ିଆ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ସହଯୋଗୀ ପାଲଟିଛି କିନ୍ତୁ ଏଠାରେ ସୂଚୀତ କରାଯାଇପାରେ କି ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ରହିଥିବା ବ୍ୟବସ୍ଥା ଅନୁଯାୟୀ ଧାରା ୬୬ ଅନ୍ତର୍ଗତ କୌଣସି ଲୋକ ସାମାଜିକ ଗଣମାଧ୍ୟମରେ ଅପମାନ ସୂଚକ, ମାନହାନୀ ଭାବେ ଗ୍ରହଣ କରାଯାଉଥିବା ବା ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କଲେ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚଲକ୍ଷ ଟଙ୍କା ଜୋରିମାନାର ଦଣ୍ଡ ପ୍ରାବଧାନ ରହିଛି। କେବଳ ସେତିକି ନୁହେଁ ଏହାର ଚାପ୍ଟର-୯ ଅନ୍ତର୍ଗତ ଧାରା ୪୩ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ସମ୍ପୃକ୍ତ ମାଲିକର ବିନା ଅନୁମତିରେ ଦେଖିଲେ ବା ଡାଟା ଡାଉନଲୋଡ଼ କଲେ କିମ୍ବା ଡାଟା ହେରେଫେର କରି କୌଣସି ଭାଇରସକୁ ପ୍ରବେଶ କରାଇବା ପରି ଅଘଟଣ ଘଟାଇଲେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶିର ଜୋରିମାନା ଦଣ୍ଡ ରହିଛି। କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମର ଏହି ଅପମାନ ସୂଚକ ଦସ୍ତାବିଜ ବା ତଥ୍ୟକୁ କମ୍ପ୍ୟୁଟରରେ ଲୁଚାଇ ରଖିଲେ, ନଷ୍ଟ କଲେ କିମ୍ବା ଏହି କାର୍ଯ୍ୟପାଇଁ ସହାୟତା କରୁଥିଲେ ୬୬ ଧାରା ଅନୁଯାୟୀ ସାତ ବର୍ଷ ସଶ୍ରମ କାରାଦଣ୍ଡ ସହ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ବ୍ୟବସ୍ଥା ରହିଛି।




ତେବେ ଜଣେ ଏହି କାର୍ଯ୍ୟ ବାରମ୍ବାର ଘଟାଉଥିଲେ ଧାରା ୬୬ (ଇ) ଅନୁଯାୟୀ ଛଅ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା, ୬୬ (ସି) ଅନ୍ତର୍ଗତ ଅପବ୍ୟବହାର ହେଉ ବା ତଥ୍ୟ ସଂରକ୍ଷଣ କରି ରଖିବା ପାଇଁ ତିନିବର୍ଷ ଜେଲ ଦଣ୍ଡ ଓ ଜରିମାନା ବ୍ୟବସ୍ଥା ରହିଛି। ସେହିପରି ମିଛ ବା ଠକାମୀ ସୂଚକ ବିଜ୍ଞାପନ ପ୍ରସାରଣ କରୁଥିଲେ ଗ୍ରାହକ ଅଭିଯୋଗ କଲେ ୬୬ (ଡି) ଅନ୍ତର୍ଗତ ଅପରାଧ ପାଇଁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡାଦେଶ ବ୍ୟବସ୍ଥା ରହିଛି।

ଏଠାରେ ସୂଚୀତ କରାଯାଇପାରେ ଯେ କିଛି ବର୍ଷ ତଳେ ମହାରାଷ୍ଟ୍ରରେ ଜନୈକ ରାଜନେତାଙ୍କ ମିଥ୍ୟା ମୃତ୍ୟୁ ଖବର ବିଭ୍ରାନ୍ତିକର ଭାବେ ଫେସବୁକରେ ପୋଷ୍ଟିଂ ହୋଇଥିଲା ପରିଣତି ସ୍ୱରୂପ ସହରରେ ଆତଙ୍କ ଜନିତ ପରିବେଶ ପାଇଁ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ତତ୍କାଳୀନ ମୁମ୍ବାଇ ପୋଲିସ ଫେସବୁକରେ ପୋଷ୍ଟ କରିଥିବା ଦୁଇଜଣଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତି ବିଦ୍ୟାଧାରା ୬୭ (କ) ଅନ୍ତର୍ଗତ ଏକ ମାମଲା ଦାୟର ହୋଇଥିଲା। ଏହି ମାମଲା ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୫ରେ କେନ୍ଦ୍ର ସରକାର ବନାମ ଶ୍ରୀୟାସିଙ୍ଗଲ ମାମଲାରେ ଅଦାଲତ ସମ୍ବିଧାନ ପ୍ରଣୀତ ଏହି ଧାରା ବାକ୍ ସ୍ୱାଧୀନତାର ଖୋଲା ଉଲ୍ଲଂଘନ ବୋଲି ମତ ଦେବା ସହ ଏହା ଲକ୍ଷ୍ମଣରେଖା ଅତିକ୍ରମ କରିଛି ତେଣୁ ଏହା ବେଆଇନ ଓ ସାମ୍ବିଧାନିକ ନୁହଁ ବୋଲି ଘୋଷିତ କରିଥିଲେ। ଅନେକ ସମୟରେ ସର୍ବୋଚ୍ଚ ଅଦାଲତ ବିବାଦୀୟ ଓ ବିଭ୍ରାନ୍ତିକର ଫେସବୁକର ପୋଷ୍ଟ ହେଉ ବା ୟୁଟ୍ୟୁବର ତଥ୍ୟ ବିଚାର କରୁଥିଲେ ତୁରନ୍ତ ଏହି ସବୁ ପୋଷ୍ଟକୁ ୟୁଟ୍ୟୁବ, ଫେସବୁକ୍ ଓ ଗୁଗୁଲରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ତେବେ ଏଠାରେ ଏକ ଛୋଟିଆ ସୂଚନା ରଖୁଛୁ ଜଣଙ୍କ ବିରୁଦ୍ଧରେ ଯଦି ସୋସିଆଲ ମିଡ଼ିଆରେ ବା ଇ-ମେଲରେ କୌଣସି ସମ୍ମାନ ହାନୀ ହେଉଥିବା ପରି ପୋଷ୍ଟ ଦେଖନ୍ତି ତେବେ ପ୍ରମାଣ ସ୍ୱରୂପ ଏହାର ସ୍କ୍ରିନସଟ ସଂଗ୍ରହ କରିନିଅନ୍ତୁ। ପରବର୍ତ୍ତୀ ସମୟରେ ଆପଣଙ୍କ ଆବେଦନ ବା ମାମଲାର ଏହା ଏକ ନିର୍ଭର ଯୋଗ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଉପଯୋଗ ହୋଇପାରିବ। ଏତଦ୍ ବ୍ୟତୀତ ଅପରାଧୀଙ୍କ ବିରୁଦ୍ଧରେ ଆଇନଗତ ସହାୟତା ନେଇ ସ୍ଥାନୀୟ ପୋଲିସ ପାଖରେ ଆପଣ ନିଜ ଅଭିଯୋଗ ରଖିପାରିବେ। ଜଣଙ୍କର ସର୍ବସାଧାରଣରେ ସମ୍ମାନ ହାନୀ ହେଉ ବା ଅପମାନ ଅନୁଭବ କରନ୍ତୁ ନିଜ ସାମ୍ବିଧାନିକ ହକ୍ ଓ ଅଧିକାର ସ୍ୱାଭିମାନର ସୁରକ୍ଷା ନିମିତ୍ତ ଆପଣ ନିଜର ଓକିଲ ପରାମର୍ଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିପାରିବେ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସଭ୍ୟ, ଓଡ଼ିଶା ଆଇନ କମିସନ,
କଟକ, ମୋବାଇଲ୍:୯୪୩୭୦୦୪୪୬୬

# ଇରାନ-ଇସ୍ରାଏଲ ଯୁଦ୍ଧ ଆମେରିକାର ବଡ଼ କ୍ଷତି
# ଧ୍ୱଂସ ହୋଇଛି ୧୬ ଫାଇଟର୍ ଜେଟ୍



ନ୍ୟୁୟର୍କ, ୨୦।୩: ନା ଇରାନ ନା ଆମେରିକା କିମ୍ବା ଇସ୍ରାଏଲ କେହି ପଛକୁ ହଟୁ ନାହାଁନ୍ତି। ଭୟଙ୍କର ଯୁଦ୍ଧ ଯୋଗୁ ଦିନକୁ ଦିନ ସ୍ଥିତି ଅଧିକ ବିଗିଡିବାରେ ଲାଗିଛି। ପରସ୍ପର ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରୁଛନ୍ତି। ଇରାନର ଅନେକ ଗ୍ୟାସ୍ ଫିଲ୍ଡକୁ ଇସ୍ରାଏଲ ଧ୍ୱଂସ କରିଦେଇଛି। ଇରାନ ମଧ୍ୟ ଖୋଜି ଖୋଜି ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ୍ କରୁଛି। ତେବେ ଆମେରିକା ଯୁଦ୍ଧରେ ଅନୁମାନଠାରୁ ଅଧିକ କ୍ଷତି ସହିଥିବା ଜଣାପଡିଛି।

ଫେବ୍ରୁଆରୀ ୨୮ ତାରିଖରେ ତେହେରାନରେ ଆକ୍ରମଣ କରିଥିଲେ ଇସ୍ରାଏଲ ଏବଂ ଆମେରିକା। ଇରାନ ସର୍ବୋଚ୍ଚ ନେତାଙ୍କ ସହ ଟପ୍ ଲିଡରଙ୍କୁ ମିସାଇଲ ମାଡ କରି ହତ୍ୟା କରିଥିଲେ ଦୁଇ ଦେଶ। ଯାହା ପରଠୁ ଯୁଦ୍ଧ ବ୍ୟାପକ ହେଉଛି। ତେବେ ଏସବୁ ଭିତରେ ଆମେରିକା ପ୍ରାୟ ୧୬ଟି ଫାଇଟର୍ ଜେଟ୍ ବା ଯୁଦ୍ଧ ବିମାନ ହରାଇଛି। ଆହୁରି ମଧ୍ୟ ୧୦ଟି ରିପର୍ ଡ୍ରୋନ୍ ଇରାନ ଖସାଇ ଦେଇଛି।

ରିପୋର୍ଟ ଅନୁସାରେ, ଆମେରିକାର ତିନୋଟି ଏଫ୍-୧୫ ଫାଇଟର୍ ଜେଟକୁ ମିତ୍ର ଦେଶ ଭୁଲବଶତଃ ଖସାଇ ଦେଇଛନ୍ତି। ସେହିପରି ଅପରେସନରେ କେସି-୧୩୫ ଟ୍ୟାଙ୍କ୍ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୬ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ପକ୍ଷରେ ୫ଟି କେସି-୧୩୫ଏୟାରକ୍ରାଫ୍ଟକୁ ଇରାନ ମିସାଇଲ ମାଡ କରି ନଷ୍ଟ କରିଦେଇଛି। ଏହି ସବୁ ଏୟାରକ୍ରାଫ୍ଟ ସାଉଦିରେ ଥିବା ଆମେରିକୀୟ ବେସରେ ଉଡିବା ପାଇଁ ସଜାଗ ହେଉଥିଲେ। କେବଳ ଏତିକି ନୁହେଁ ଆମେରିକାର ୯ଟି ମାନବରହିତ ଡ୍ରୋନକୁ ଇରାନ୍ ମିସାଇଲ ଆକ୍ରମଣରେ ନଷ୍ଟ ହୋଇଛି। ସେହିପରି ଆଉ ଏକ ଏଫ-୩୫ବିମାନ ଇରାନର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ଏହାର ପାଇଲଟ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରି ଭାବେ ଗତ ଫେବ୍ରୁଆରୀରୁ ଏବେ ସୁଦ୍ଧା ୧୬ଟି ୟୁଏସ୍ ଯୁଦ୍ଧ ବିମାନ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ଯୁଦ୍ଧ ପାଇଁ ପ୍ରସ୍ତୁତ ଉତ୍ତର କୋରିଆ!



ନୂଆଦିଲ୍ଲୀ, ୨୦।୩: ଉତ୍ତର କୋରିଆରୁ ଆସୁଛି ଏକ ବଡ଼ ଖବର। ସାରା ବିଶ୍ୱରେ ଏବେ ଯୁଦ୍ଧର ଆଶଙ୍କା ଘନେଇବାରେ ଲାଗିଛି। ଏସବୁ ଭିତରେ କିମ୍ ଜୋଙ୍ଗ୍ ଉନ୍‌ଙ୍କର ଏକ ନୂଆ ରୂପ ସାମ୍ନାକୁ ଆସିଛି, ଯାହା ବିଶ୍ୱ ସମୁଦାୟକୁ ଚିନ୍ତାରେ ପକାଇ ଦେଇଛି। ଯୁଦ୍ଧକ୍ଷେତ୍ରରେ ଉତ୍ତରକୋରିଆ ଶାସନ ମୁଖ୍ୟ କିମ୍ ଜୋଙ୍ଗ୍ ଉନ୍ ଏବଂ ତାଙ୍କ ସହ ଅଛନ୍ତି ତାଙ୍କର କିଶୋରୀ କନ୍ୟା କିମ୍ ଜୁ ଆଏ। ଦୁହିଁଙ୍କ ପରିଧାନରେ ରହିଛି ସମାନ ଧରଣର କଳା ରଙ୍ଗର ଲେଦର ଜ୍ୟାକେଟ୍। ନିକଟରେ ପ୍ରକାଶ ପାଇଥିବା ସରକାରୀ ଫଟୋରେ ଦେଖିବାକୁ ମିଳିଛି ଯେ, କିମ୍ ଏବଂ ତାଙ୍କ ଝିଅ ନିଜେ ଏକ ଟ୍ୟାଙ୍କ୍ ଉପରେ ବସି ସାମରିକ ଅଭ୍ୟାସର ତଦାରଖ କରୁଛନ୍ତି। ଖାଲି ସେତିକି ନୁହେଁ, ବାପ-ଝିଅଙ୍କୁ ପିସ୍ତଲ ଚଳାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ଗତ କିଛି ଦିନ ହେବ ଉତ୍ତର କୋରିଆ କ୍ରମାଗତ ଭାବେ ଶକ୍ତି ପ୍ରଦର୍ଶନ କରିଚାଲିଛି। ଗତ ମାର୍ଚ୍ଚ ୧୪ ତାରିଖରେ ପ୍ରାୟ ୧୦ଟି ବାଲିଷ୍ଟିକ ମିସାଇଲ୍ ସମୁଦ୍ର ମଧ୍ୟକୁ ନିକ୍ଷେପ କରି ସିଧାସଳଖ ଚେତାବନୀ ଦେଇଛି ପ୍ୟୋଙ୍ଗୟାଙ୍ଗ। ଦକ୍ଷିଣ କୋରିଆ ଏବଂ ଆମେରିକାର ମିଳିତ ସାମରିକ ଅଭ୍ୟାସକୁ ନେଇ କିମ୍ ଜୋଙ୍ଗ୍ ଉନ୍ ଅତ୍ୟନ୍ତ କ୍ଷୁବ୍ଧ ଅଛନ୍ତି ଏବଂ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ମଧ୍ୟ ଦେଇଛନ୍ତି। ଏସବୁ ଭିତରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି - କିଏ ହେବେ ଉତ୍ତର କୋରିଆର ପରବର୍ତ୍ତୀ ଶାସକ ? ୧୩ ବର୍ଷୀୟା କିମ୍ ଜୁ ଆଏଙ୍କୁ ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ସାମରିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ଦକ୍ଷିଣ କୋରିଆର ଗୋଇନ୍ଦା ସଂସ୍ଥା ମୁତାବକ, କିମ୍ ଜୋଙ୍ଗ୍ ଉନ୍ ତାଙ୍କ ଝିଅକୁ ଉତ୍ତରାଧିକାରୀ ଭାବେ ଗଢ଼ି ତୋଳୁଛନ୍ତି। ତେବେ ଏହି ପାୱାର ଗେମ୍‌ରେ ଏକ ନୂଆ ମୋଡ଼ ମଧ୍ୟ ରହିଛି। କିମ୍‌ଙ୍କ ଶକ୍ତିଶାଳୀ ଭଉଣୀ କିମ୍ ୟୋ ଜୋଙ୍ଗ୍, ଯାହାଙ୍କୁ ଦେଶର ଦ୍ୱିତୀୟ ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ବୋଲି କୁହାଯାଏ, ସେ ଜୁ ଆଏଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି। କ୍ଷମତା ପାଇଁ ପରିବାର ଭିତରେ ବିବାଦ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ।

## ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜ ସୁରକ୍ଷିତ

### ମୋଦିଙ୍କ ସହ ଆଲୋଚନା ପରେ ମିଳିଲା ସୁରକ୍ଷିତ ପଥ



ନୂଆଦିଲ୍ଲୀ, ୨୦।୩: ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରୁଥିବା ଭାରତୀୟ ଜାହାଜଗୁଡ଼ିକ ପାଇଁ ଇରାନ ଏକ ସୁରକ୍ଷିତ କରିଡର ପ୍ରସ୍ତୁତ କରୁଥିବା ଜଣାପଡ଼ିଛି, ଯେଉଁଥିରେ ସାମୁଦ୍ରିକ ତଥ୍ୟ ଓ ଗୁଇନ୍ଦା ସଂସ୍ଥା 'ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ' ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ଅନୁମତି ପ୍ରକ୍ରିୟା ମାଧ୍ୟମରେ ଜାହାଜଗୁଡ଼ିକର ନିରାପଦ ଯାତ୍ରା ନିଶ୍ଚିତ କରାଯାଉଛି। ରିପୋର୍ଟ ମୁତାବକ, ଗତ ମାର୍ଚ୍ଚ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ ଆଲୋଚନା ପରେ ଏହି ସକରାତ୍ମକ ପଦକ୍ଷେପ ନିଆଯାଇଛି, ଯେଉଁଥିରେ ଭାରତର ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରାୟ ୨୪ଟି ଜାହାଜକୁ ଏହି ପଥ ଦେଇ ଯିବାକୁ ଅନୁମତି ମିଳିବା ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଅତିକମରେ ୨୨ଟି ଭାରତୀୟ ଜାହାଜ ଏହି ଅଞ୍ଚଳ ଦେଇ ଗତି କରିବାକୁ ଥିବାବେଳେ ୯ଟି ଜାହାଜ ସଫଳତାର ସହ କରିଡର ଅତିକ୍ରମ କରିସାରିଛନ୍ତି। ଇରାନର ଲାରାକ୍ ଦ୍ୱୀପ ନିକଟସ୍ଥ ଜଳସୀମା ଦେଇ ଏହି ଜାହାଜଗୁଡ଼ିକୁ ଏକ 'ଅସାଧାରଣ' ପଥ ଅନୁସରଣ କରିବାକୁ କୁହାଯାଇଛି, ଯାହାଦ୍ୱାରା ଆଇଆରଜିସି ନୌସେନା ଓ ବନ୍ଦର କର୍ତ୍ତୃପକ୍ଷ ସେଗୁଡ଼ିକର ପରିଚୟ ନିଶ୍ଚିତ କରିପାରିବେ। ଏହି ବିଶେଷ ବ୍ୟବସ୍ଥା ଭାରତୀୟ ଏଲପିଜି ବାହକଗୁଡ଼ିକ ପାଇଁ ଜାରି ରହିଥିବା ବେଳେ ଏହା ଇରାନର ଉପକୂଳ ସୁରକ୍ଷା ଭିତ୍ତିଭୂମିକୁ ମଧ୍ୟ ସମ୍ଭାବ୍ୟ ବାହ୍ୟ ଆକ୍ରମଣରୁ ରକ୍ଷା କରିବାରେ ସହାୟକ ହେବ ବୋଲି ସୁରକ୍ଷା ବିଶ୍ଳେଷକମାନେ ମତ ଦେଇଛନ୍ତି।

ଦକ୍ଷିଣ ପାର୍ସରେ ଥିବା ଇରାନର ବୃହତ୍ତମ ଗ୍ୟାସଫିଲ୍ଡ ଉପରେ ଇସ୍ରାଏଲୀ ଆକ୍ରମଣ ପରେ ଦୁଇ ସପ୍ତାହରୁ ଅଧିକ ସମୟ ଧରି ଅନେକ ଭାରତୀୟ ଜାହାଜ ଅଟକି ରହିଥିଲେ ମଧ୍ୟ ସାମ୍ପ୍ରତିକ ବୁଝାମଣା ପରେ ପରିସ୍ଥିତିରେ ସୁଧାର ଆସିଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ପଷ୍ଟ କରିଛନ୍ତି ଯେ ହରମୁଜ୍ ପ୍ରଣାଳୀ କାର୍ଯ୍ୟକ୍ଷମ ଅଛି, କିନ୍ତୁ ଆମେରିକା ଓ ଇସ୍ରାଏଲ ସହ ଜଡିତ ଜାହାଜକୁ ଅନୁମତି ମିଳିବ ନାହିଁ। ଅନ୍ୟପଟେ ଆମେରିକାର ଅର୍ଥସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି ଯେ ବିଶ୍ୱ ବଜାରକୁ ତୈଳ ଯୋଗାଣ ବ୍ୟାହତ ନକରିବା ପାଇଁ ଇରାନୀ ଟ୍ୟାଙ୍କରଗୁଡ଼ିକୁ ମଧ୍ୟ ଯିବାକୁ ଦିଆଯାଉଛି। ଏହି ଜଟିଳ ସାମୁଦ୍ରିକ ପରିସ୍ଥିତି ମଧ୍ୟରେ ଭାରତ ଓ ଇରାନ ମଧ୍ୟରେ ଥିବା ଏହି ସିଧାସଳଖ ଯୋଗାଯୋଗ ଭାରତର ଆର୍ଥିକ ଓ ଶକ୍ତି ସ୍ୱାର୍ଥ ରକ୍ଷା ଦିଗରେ ଏକ ପ୍ରମୁଖ ସଫଳତା ଭାବେ ବିବେଚନା କରାଯାଉଛି।

## ଇରାନକୁ କଡ଼ା ଚେତାବନୀ ଦେଲେ ୟୁରୋପୀୟ ଦେଶ ଓ ଜାପାନ

### ହର୍ମୁଜ୍ ପ୍ରଣାଳୀ ଅବରୋଧ



ବ୍ରିଟେନ, ୨୦।୩: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଅବରୋଧ ହୋଇ ରହିଥିବା ବେଳେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ ଓ ଜାପାନ ଭଳି ପ୍ରମୁଖ ବିଶ୍ୱ ଶକ୍ତିମାନେ ଏକ ମିଳିତ ବିବୃତ୍ତି ଜାରି କରି ଇରାନର ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ କଡ଼ା ନିନ୍ଦା କରିବା ସହ ସାମୁଦ୍ରିକ ପରିବହନ ପାଇଁ ଏକ ସୁରକ୍ଷିତ ପଥ ପ୍ରସ୍ତୁତ କରିବାକୁ ସହମତି ପ୍ରକାଶ କରିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ବିବୃତ୍ତିରେ ଇରାନକୁ ତୁରନ୍ତ ଡ୍ରୋନ, କ୍ଷେପଣାସ୍ତ୍ର ଆକ୍ରମଣ ଏବଂ ସମୁଦ୍ରରେ ଲ୍ୟାଣ୍ଡମାଇନ ବିଛାଇବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଆହ୍ୱାନ ଦିଆଯାଇଛି, କାରଣ ଗତ ତିନି ସପ୍ତାହର ସଂଘର୍ଷ ମଧ୍ୟରେ ୧୦ଟି ଟ୍ୟାଙ୍କର ସମେତ ପ୍ରାୟ ୨୩ଟି ବାଣିଜ୍ୟିକ ଜାହାଜ ଆକ୍ରମଣର ଶିକାର ହୋଇଛନ୍ତି ଯାହା ବିଶ୍ୱ ଶାନ୍ତି ଓ ଶକ୍ତି ଯୋଗାଣ ଶୃଙ୍ଖଳ ପ୍ରତି ଏକ ଗୁରୁତର ବିପଦ ସୃଷ୍ଟି କରିଛି ।

ଆମେରିକା-ଇସ୍ରାଏଲ ଆକ୍ରମଣର ଜବାବରେ ଇରାନର ଏହି ପ୍ରତିଶୋଧମୂଳକ ପଦକ୍ଷେପ ଯୋଗୁଁ ତେଲ ଓ ଗ୍ୟାସ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନାଟୋ ଓ ଅନ୍ୟ ସହଯୋଗୀ ଦେଶଗୁଡ଼ିକୁ ଏହି ପ୍ରଣାଳୀ ପୁନଃ ଖୋଲିବାରେ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି । ଯଦିଓ କିଛି ଦେଶ ଏହି ଆବେଦନକୁ ପ୍ରାରମ୍ଭିକ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି, ତଥାପି ଆନ୍ତର୍ଜାତୀୟ ନୌଚାଳନା ସ୍ୱାଧୀନତା ରକ୍ଷା କରିବା ଏବଂ ଶକ୍ତି ବଜାରକୁ ସ୍ଥିର କରିବା ପାଇଁ ବର୍ତ୍ତମାନ ବ୍ୟାପକ ଆଲୋଚନା ଜାରି ରହିଛି । ହରମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ, ଯାହାର ଅବରୋଧ ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବେ ପ୍ରଭାବିତ କରିଛି। ୟୁକେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ ଆନ୍ତର୍ଜାତୀୟ ପରିବହନରେ ଏପରି ଅଯଥା ହସ୍ତକ୍ଷେପ କେବଳ ବାଣିଜ୍ୟିକ କ୍ଷତି କରୁନାହିଁ, ବରଂ ଏହା ବିଶ୍ୱର ସବୁଠାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଶକ୍ତି ଓ ସମ୍ପଦର ଅଭାବ ସୃଷ୍ଟି କରୁଛି।



## ତୈଳ ଦର ବୃଦ୍ଧି ରୋକିବ ‘ୱାର୍କ ଫ୍ରମ୍ ହୋମ୍’

### ବିମାନ ଯାତ୍ରା ବର୍ଜନ କରିବାକୁ ଆଇଇଏର ପରାମର୍ଶ

ନ୍ୟୁୟର୍କ, ୨୦।୩: ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଆକାଶଛୁଆଁ ହୋଇଥିବା ତୈଳ ଦର ଓ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଜାରି କରି ଉପଭୋକ୍ତାମାନଙ୍କୁ ଘରୁ ରହି କାମ କରିବା (ୱାର୍କ ଫ୍ରମ୍ ହୋମ୍) ଏବଂ ଅନାବଶ୍ୟକ ବିମାନ ଯାତ୍ରା ବର୍ଜନ କରିବାକୁ ଆହ୍ୱାନ ଦେଇଛି। ଶକ୍ତି ସଂକଟର ମୁକାବିଲା ପାଇଁ ସଂସ୍ଥା ପକ୍ଷରୁ ଗତ ମାର୍ଚ୍ଚ ୧୧ ତାରିଖରେ ନିଜର ରଣନୈତିକ ଭଣ୍ଡାରରୁ ସର୍ବକାଳୀନ ରେକର୍ଡ ସଂଖ୍ୟକ ୪୦୦ ନିୟୁତ ବ୍ୟାରେଲ୍ ତେଲ ବଜାରକୁ ଛାଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏଥିରେ ଆମେରିକା ସବୁଠାରୁ ବଡ଼ ଯୋଗଦାନ ଦେଇଛି।

‘ଆଇଇଏ’ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲଙ୍କ କହିବା ଅନୁଯାୟୀ, କେବଳ ଯୋଗାଣ ବୃଦ୍ଧି ଯଥେଷ୍ଟ ନୁହେଁ, ବରଂ ସରକାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ସାଧାରଣ ପରିବାରଗୁଡ଼ିକ ହାଇୱେରେ ଗାଡ଼ିର ବେଗ ଅତିକମରେ ୧୦ କିମି/ଘଣ୍ଟା କମାଇବା ଏବଂ ବିକଳ୍ପ ପରିବହନ ବ୍ୟବସ୍ଥା ଥିଲେ ବିମାନ ଯାତ୍ରାରୁ ନିବୃତ୍ତ ରହିବା ଭଳି ଠୋସ୍ ପଦକ୍ଷେପ ନେଲେ ହିଁ ତୈଳ ଚାହିଦା ହ୍ରାସ ପାଇବା ସହ ସାଧାରଣ ଜନତାଙ୍କୁ ଦର ବୃଦ୍ଧିର ପ୍ରଭାବରୁ ସୁରକ୍ଷା ପ୍ରଦାନ କରାଯାଇପାରିବ। ଏହି ପ୍ରସଙ୍ଗରେ ଅଧିକ ସୂଚନା ଦେଇ ଫାତିହ ବିରୋଲ କହିଛନ୍ତି ଯେ, ବର୍ତ୍ତମାନର ସାମରିକ ସଂଘର୍ଷ ଯୋଗୁଁ ସୃଷ୍ଟି ହୋଇଥିବା ଏହି ଅସ୍ୱାଭାବିକ ସ୍ଥିତିରେ ସେ ବିଶ୍ୱର ପ୍ରମୁଖ ଶକ୍ତି ଉତ୍ପାଦନକାରୀ ଏବଂ ଉପଭୋକ୍ତା ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସଂସ୍ଥା ପକ୍ଷରୁ ଜାରି 'ମେନୁ ଅଫ୍ ମେଜର୍ସ' ବା କାର୍ଯ୍ୟସୂଚୀରେ ଶକ୍ତି ସଞ୍ଚୟ ପାଇଁ ତୁରନ୍ତ କାର୍ଯ୍ୟକାରୀ ହୋଇପାରୁଥିବା ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି। ଆମେରିକା ଓ ଇସ୍ରାଏଲର ଇରାନ ସହ ଯୁଦ୍ଧ ବିଶ୍ୱ ଶକ୍ତି ବଜାରକୁ ଏଭଳି ଏକ ସଙ୍କଟଜନକ ସ୍ଥିତିକୁ ଟାଣି ଆଣିଛି, ଯେଉଁଠାରେ ମୁଦ୍ରାସ୍ଫୀତି ସମସ୍ତ ଦେଶ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି।

## ମୁମ୍ବାଇ-ପୁଣେ ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା

### ୩ ଆଇଆଇଟି ଛାତ୍ରଙ୍କ ମୃତ୍ୟୁ



ମୁମ୍ବାଇ, ୨୦।୩: ମୁମ୍ବାଇରେ ମୁଭି ନାଇଟ୍ ପରେ ଲୋନାଭାଲାରେ ସୂର୍ଯ୍ୟୋଦୟ ଦେଖିବାକୁ ଯାଇ ଫେରୁଥିବା ସମୟରେ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଆଇଆଇଟି-ବୋମ୍ବେର ତିନିଜଣ ମେଧାବୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଗୁରୁବାର ସକାଳ ପ୍ରାୟ ୮ଟା ୩୫ ମିନିଟରେ ଭାଟାନ ସୁଡ଼ଙ୍ଗ ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା, ଯେଉଁଠାରେ ଛାତ୍ରମାନେ ଯାତ୍ରା କରୁଥିବା ଭୋଲ୍ସୱାଗନ ପୋଲୋ କାରଟି ଏକ କଣ୍ଟେନର ଟ୍ରକକୁ ଓଭରଟେକ୍ କରିବାକୁ ଚେଷ୍ଟା କରିବା ସମୟରେ ପଛପଟୁ ଧକ୍କା ଦେଇଥିଲା ଏବଂ ପ୍ରଭାବ ଏତେ ଶକ୍ତିଶାଳୀ ଥିଲା ଯେ ଗାଡ଼ିଟି ଅନେକଥର ଓଲଟି ଏକ ଲୁହା ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା ।

ହାଇୱେ ଟ୍ରାଫିକ ପୁଲିସ କଟର ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଭିତରୁ ଛାତ୍ରମାନଙ୍କୁ ବାହାର କରି କାମୋଥେ ସ୍ଥିତ ଏମଜିଏମ ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା । ମୃତ ଛାତ୍ରମାନେ ହେଲେ ଓମକୁମାର ନିତିନ ବୋର୍ସେ, ଶ୍ରେୟାଂଶ ନରେଶ ଶର୍ମା ଓ ଲୟ ପ୍ରଶାନ୍ତ ଦେଶଭ୍ରାତର। ଏହି ଘଟଣାରେ ପୋଲିସ ଏକ ଏଫଆଇଆର ରୁଜୁ କରିବା ସହ ସିସିଟିଭି ଫୁଟେଜ ମାଧ୍ୟମରେ ଫେରାର କଣ୍ଟେନର ଟ୍ରକକୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି। ଦୁର୍ଘଟଣାର ଶିକାର ହୋଇଥିବା ଏହି ଛାତ୍ରମାନେ ଏକ ଭଡ଼ା ଗାଡ଼ିରେ ମୁମ୍ବାଇର ବିକେସିରେ ସିନେମା ଦେଖିବା ପରେ ଲୋନାଭାଲା ବୁଲିବାକୁ ଯାଇଥିଲେ। ଫେରିବା ବାଟରେ ଓମକୁମାର ଗାଡ଼ି ଚଲାଉଥିଲେ। ଓମକୁମାର ଜଣେ ଦ୍ୱିତୀୟ ବର୍ଷର ଏରୋସ୍ପେସ୍ ଇଞ୍ଜିନିୟରିଂ ଛାତ୍ର ଥିଲେ ଓ କ୍ୟାମ୍ପସରେ ବେଶ୍ ସକ୍ରିୟ ଥିଲେ। ସେହିପରି ଶ୍ରେୟାଂଶ ଜଣେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଥିଲେ ଯିଏ ପରବର୍ତ୍ତୀ ସମୟରେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିଲେ ଏବଂ ଲୟ ଦେଶଭ୍ରାତର ଜଣେ ପଦାର୍ଥ ବିଜ୍ଞାନର ଛାତ୍ର ଥିଲେ। ଏହି ଘଟଣା ଆଇଆଇଟି-ବୋମ୍ବେ କ୍ୟାମ୍ପସରେ ଶୋକର ଛାୟା ଖେଳାଇ ଦେଇଛି ।

## ନିର୍ବାଚନ ପୂର୍ବରୁ ଆସାମରେ ‘ମହାଗଠବନ୍ଧନ’

### ହାତ ମିଶାଇଲେ କଂଗ୍ରେସ ଏବଂ ରାଇଜୋର ଦଳ



ଗୌହାଟୀ, ୨୦।୩: ଆସାମ ବିଧାନସଭା ନିର୍ବାଚନର ତାରିଖ ଘୋଷଣା ପରେ ରାଜ୍ୟରେ ସବୁଠାରୁ ବଡ଼ ରାଜନୈତିକ ପରିବର୍ତ୍ତନ ଦେଖାଯାଇଛି। ଦୀର୍ଘ ଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇ କଂଗ୍ରେସ ଏବଂ ରାଇଜୋର ଦଳ ଆନୁଷ୍ଠାନିକ ଭାବରେ ମେଣ୍ଟ କରିଛନ୍ତି। ଜୋରହାଟରେ ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଐତିହାସିକ ସହଭାଗୀତାକୁ ଚୂଡ଼ାନ୍ତ କରାଯାଇଥିଲା। ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇ ଏକ ବ୍ୟାପକ ବିରୋଧୀ ମେଣ୍ଟ ଗଠନ ପାଇଁ ପ୍ରୟାସକୁ ଦୋହରାଇଛନ୍ତି, ଯେତେବେଳେ ଭାରତୀୟ ଜନତା ପାର୍ଟି (ବିଜେପି) ନିର୍ବାଚନ ପାଇଁ ୮୮ ଜଣ ପ୍ରାର୍ଥୀ ଘୋଷଣା କରିଛନ୍ତି। ଗୋଗୋଇ ଗୁରୁତ୍ୱାରୋପ କରିଛନ୍ତି ଯେ ବର୍ତ୍ତମାନର ପାଞ୍ଚ-ଦଳୀୟ ବୁଝାମଣା ବାହାରେ ବିରୋଧୀ ମେଣ୍ଟକୁ ବିସ୍ତାର କରିବା ପାଇଁ ରାଇଜୋର ଦଳ ସହିତ ଆଲୋଚନା ଚାଲିଛି। ସେ ଦର୍ଶାଇଛନ୍ତି ଯେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟରେ ବର୍ତ୍ତମାନ ଆସାମ ଜାତୀୟ ପରିଷଦ (ଏଜେପି), ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) (ସିପିଆଇ ଏମଏଲ), ଏବଂ ଅଲ୍ ପାର୍ଟି ହିଲ୍ ଲିଡର୍ସ କନଫରେନ୍ସ (ଏପିଏଚସିଏଲ), ଏବଂ କଂଗ୍ରେସ ମଧ୍ୟ ଅନ୍ତର୍ଭୁକ୍ତ। ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ବିରୁଦ୍ଧରେ ବିରୋଧୀ ଦଳକୁ ଏକତ୍ରିତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଆମେ ଏହି ବିରୋଧୀ ମେଣ୍ଟକୁ ବିସ୍ତାର କରିବାକୁ ଚାହୁଁଛୁ, ଏବଂ ତେଣୁ, ଆମେ ଅନ୍ୟ ଏକ ଦଳ, ରାଇଜୋର ଦଳ ସହିତ ଆଲୋଚନା କରୁଛୁ। ଆମେ ଆଶାବାଦୀ। ସମୟ କମ୍ ଅଛି। ଆମେ ଆଶା କରୁଛୁ ଯେ ରାଇଜୋର ଦଳ ସହିତ ଆମର ଆଲୋଚନା ଏକ ସକାରାତ୍ମକ ଫଳାଫଳ ଆଣିବ, ଏବଂ ଏହା ପରେ, ଆମେ ଏହି ପ୍ରସ୍ତାବର ବିବରଣୀ ଆମର ଜାତୀୟ ନେତୃତ୍ୱଙ୍କୁ ପ୍ରଦାନ କରିବୁ, ଯେଉଁମାନେ ଆମକୁ ସେମାନଙ୍କର ଶେଷ ପରାମର୍ଶ ଦେବେ”।

## ବନ୍ଧା ହେଲେ ରସିକିଆ ଜ୍ୟୋତିଷ



ମୁମ୍ବାଇ, ୨୦।୩: ମହାରାଷ୍ଟ୍ରର ନାସିକରେ ଜଣେ ୩୫ ବର୍ଷୀୟ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ ସହ ବ୍ଲାକମେଲ କରିବା ଅଭିଯୋଗରେ ଜଣେ ଖ୍ୟାତନାମା ଜ୍ୟୋତିଷଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ନାମ ଅଶୋକ ଖରାତ ବୋଲି ଜଣାପଡିଛି। ସେ ଅନେକ ମହିଳାଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଥିବା ନେଇ ପୁଲିସ କହିଛି। ଏଫଆଇଆର ଅନୁସାରେ ଖରାତ ନିଜକୁ କ୍ୟାପଟେନ କହିଥାନ୍ତି। କାରଣ ପୂର୍ବରୁ ସେ ମର୍ଚାଣ୍ଟ ନାଭିରେ କାର୍ଯ୍ୟ କରିଥିଲେ । ସେ ମହିଳାଙ୍କୁ ନିଜର ସମସ୍ୟା ସମାଧାନ କରିବାକୁ କହି ନିଜ ଅଫିସକୁ ଡାକିଥାନ୍ତି। ସେଠାରେ ମହିଳାମାନେ ପହଞ୍ଚିଲା ପରେ ସେମାନଙ୍କୁ ନିଶାଦ୍ରବ୍ୟ ଦେଇ ଦୁଷ୍କର୍ମ କରିଥାନ୍ତି।

ଏତିକି ହିଁ ନୁହେଁ ତାର ଭିଡିଓ ରେକର୍ଡିଂ କରି ପରବର୍ତ୍ତୀ ସମୟରେ ମହିଳାଙ୍କୁ ବ୍ଲାକମେଲିଂ କରିଥାନ୍ତି। ସେ ମହିଳାମାନଙ୍କୁ ଭୟଭୀତ କରାଇ ବିଶେଷକରି ତନ୍ତ୍ରମନ୍ତ୍ର କରି ସେମାନଙ୍କ ସ୍ୱାମୀଙ୍କୁ ମାରିଦେବାର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରନ୍ତି। ପୁଲିସକୁ ସେଠାରୁ ଏକ ପେନଡ୍ରାଇଭ

### ସିକ୍ରେଟ କ୍ୟାମେରା ଓ ୫୮ ମହିଳାଙ୍କ ଭିଡିଓ କ୍ଲିପ ଜବତ

ମଧ୍ୟ ମିଳିଛି। ଯେଉଁଥିରେ ଭିନ୍ନ ଭିନ୍ନ ୫୮ ଜଣ ମହିଳାଙ୍କ ସହିତ ଜ୍ୟୋତିଷ ଅଶୋକଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓ ରହିଥିବା କୁହାଯାଉଛି। ଅଭିଯୁକ୍ତ ଜ୍ୟୋତିଷଙ୍କର ବହୁ ନେତାଙ୍କ ସହ ସମ୍ପର୍କ ମଧ୍ୟ ରହିଛି। ତେଣୁ ପୋଲିସ ଘଟଣାର ତଦନ୍ତ କରିବା ଲାଗି ଆଇପିଏସ୍ ଅଧିକାରୀଙ୍କ ନେତୃତ୍ୱରେ ଏକ ଏସ୍‌ଆଇଟି ଗଠନ କରିଛନ୍ତି। ପୀଡିତା କରିଥିବା ଅଭିଯୋଗ ଅନୁସାରେ ଅଭିଯୁକ୍ତ ଜ୍ୟୋତିଷ ପୂଜାପାଠ କରିବା ପାଇଁ ନାସିକର କାନାଡା କର୍ଣ୍ଣର ଅଞ୍ଚଳରେ ରହିଥିବା ଏକ ଅଫିସକୁ ଡାକନ୍ତି। ସେଠାରେ ତାଙ୍କୁ ନିଶଦେଇ ଦୁଷ୍କର୍ମ କରିଥାନ୍ତି।

୨୦୨୨ ନଭେମ୍ବରରୁ ୨୦୨୫ ଡିସେମ୍ବର ଭିତରେ ତାଙ୍କୁ ଅନେକ ଥର ଦୁଷ୍କର୍ମ କରାଯାଇଛି। ଅଭିଯୁକ୍ତ ଜ୍ୟୋତିଷ ନାସିକର ମିରଗାଓଁ ସ୍ଥିତ ଈଶାନେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟର ସଭାପତି ଅଛନ୍ତି। କୁହାଯାଉଛି କି ତାଙ୍କର ରାଜନୈତିକ ସମ୍ପର୍କ ମହାରାଷ୍ଟ୍ର ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ରହିଛି। ବହୁ ବଡବଡ ନେତା ତାଙ୍କ ପାଖକୁ ଆସିଥାନ୍ତି। ୨୦୨୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ତାଙ୍କ କ୍ୟାବିନେଟ ମନ୍ତ୍ରୀ ରାଧାକୃଷ୍ଣ ଭିଜେ ପାଟିଲ ଓ ଦୀପକ କେସରକର ମଧ୍ୟ ସମ୍ପୃକ୍ତ ଜ୍ୟୋତିଷଙ୍କ ପାଖକୁ ଆସିଥିଲେ। ଅଭିଯୁକ୍ତ ଜ୍ୟୋତିଷଙ୍କୁ ଧରିବା ଲାଗି ପୋଲିସ ବୁଧବାର ରାତିରେ ଏକ ସିକ୍ରେଟ ଅପରେସନ କରିଥିଲା।

## ପ୍ରେମାନନ୍ଦଜୀଙ୍କୁ ଭେଟିଲେ ରାଷ୍ଟ୍ରପତି

### ଜନ୍ମଦିନର ଶୁଭେଚ୍ଛା ଜଣାଇଲେ



ନୂଆଦିଲ୍ଲୀ, ୨୦।୩: ଆଜି ମଥୁରା ଗସ୍ତରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ରହିବା ସମୟରେ ବୃନ୍ଦାବନ ସ୍ଥିତ ରାଧା କେଳି କୁଞ୍ଜ ଆଶ୍ରମରେ ପହଞ୍ଚିଛନ୍ତି। ସେ ସେଠାରେ ପହଞ୍ଚି ସନ୍ଥ ପ୍ରେମାନନ୍ଦ ମହାରାଜ ଜୀଙ୍କୁ ଭେଟି ତାଙ୍କ ଆଶୀର୍ବାଦ ପ୍ରାପ୍ତ କରିଛନ୍ତି। ଆଶ୍ରମରେ ରାଷ୍ଟ୍ରପତି ପହଞ୍ଚିବା ପରେ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିବା ଜଣାପଡିଛି। ଏଥିସହ ସେ ଏକାନ୍ତରେ ବସି ପ୍ରେମାନନ୍ଦ ମହାରାଜଙ୍କ ସହ ମଧ୍ୟ ବାର୍ତ୍ତାଳାପ କରିଛନ୍ତି।

ସୂଚନାନୁଯାୟୀ, ମଥୁରାରେ ରାଷ୍ଟ୍ରପତି ମୁର୍ମୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଜି ସକାଳୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ସେ ତାଙ୍କ ଦିନର ଆରମ୍ଭ କରିଥିଲେ। ରାଷ୍ଟ୍ରପତି ରାଧାକେଳି କୁଞ୍ଜରେ ଥିବା ଆଶ୍ରମରେ ପହଞ୍ଚି ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ପ୍ରବଚନ ମଧ୍ୟ ଶୁଣିଥିଲେ। ଏହାରି ମଧ୍ୟରେ ପ୍ରେମାନନ୍ଦ ମହାରାଜଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ରାଷ୍ଟ୍ରପତି ମୁର୍ମୁ। ପ୍ରେମାନନ୍ଦ ଜୀ ମଧ୍ୟ ଖୁସି ମନରେ 'ରାଧେ-ରାଧେ' କହି ତାଙ୍କର ଶୁଭେଚ୍ଛା ଗ୍ରହଣ କରିଥିଲେ। ଦୁଇ ଜଣ ବସି ଏକାନ୍ତରେ ଆଧ୍ୟତ୍ମିକତା, ସେବା ଏବଂ ଜନ କଲ୍ୟାଣ ସମ୍ପର୍କରେ ଆଲୋଚନା କରିଥିଲେ। ଗତକାଲି ରାଷ୍ଟ୍ରପତି ମୁର୍ମୁ ଅଯୋଧ୍ୟାର ରାମ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ଚାଲିଥିବା ସ୍ୱତନ୍ତ୍ର ଧାର୍ମିକ ସମାରୋହର ସାମିଲ ହୋଇ ୧୫୦ କିଲୋଗ୍ରାମ ସୁନାରେ ତିଆରି ଶ୍ରୀ ରାମ ଯନ୍ତ୍ର ସ୍ଥାପନ କରିଥିଲେ।

# ଷ୍ଟେସନ୍‌ରେ ଏଆଇଚାଳିତ କ୍ୟାମେରା ବ୍ୟବହାରକୁ ରେଳମନ୍ତ୍ରୀଙ୍କ ଗୁରୁତ୍ୱ



ନୂଆଦିଲ୍ଲୀ,୨୦।୩(ସଂଚାର ବ୍ୟୁରୋ): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଷ୍ଟେସନରେ ପ୍ରବେଶ, ଯାତ୍ରୀ ସୁବିଧା ଉନ୍ନତିକରଣ ଓ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଉପରେ ଆଲୋଚନା ହୋଇଛି। ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେସନ ପରିସର ମଧ୍ୟରେ ସହଜ ଯାତାୟାତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳଷ୍ଟେସନରେ ଲାଗୁ କରାଯିବ ଓ ଏହାଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେସନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ। ପ୍ଲାଟଫର୍ମ, କନକୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଓ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେସନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନ କରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ବ୍ୟାପକ ଏଆଇ ଚାଳିତ ତଦାରଖ ନିୟୋଜିତ କରାଯିବ। ଆବଶ୍ୟକ ମୁତାବକ ଇଭେଣ୍ଟ ଡିସପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ, ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ର ମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଓ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନା କରି କହିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ୍ ଜୋନକୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ। ଦୀପାବଳି ଓ ଛଠ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଏକ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ବ୍ୟବସ୍ଥା ବୈଧ ଟିକେଟ୍ ଆଧାରରେ ପ୍ରବେଶକୁ ନିୟନ୍ତ୍ରଣ କରିବ, ଯାହା ସଂରକ୍ଷିତ ଟିକେଟ୍‌ଧାରୀ, ମାସିକ ନିୟମିତ ଟିକେଟ୍‌ଧାରୀ ଓ ଅଣସଂରକ୍ଷିତ ଯାତ୍ରୀଙ୍କ ମଧ୍ୟରେ ଠିକଣା ଭାବେ ପୃଥକୀକରଣକୁ ସକ୍ଷମ କରିବ। ଭାରତ ଟ୍ୟାକ୍ସି ହେଉଛି ଭାରତର ପ୍ରଥମ ସମବାୟ ପରିଚାଳିତ ରାଇଡ୍-ହେଲିଂ ପ୍ଲାଟଫର୍ମ। 'ସମବାୟ ସେ ସମୃଦ୍ଧି'ର ପରିକଳ୍ପନା ଅନୁସାରେ, ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ସମାବେଶୀ, ନାଗରିକ କୈନ୍ଦ୍ରିକ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାରଙ୍କ ଜାରି ପ୍ରୟାସରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ। ବୈଠକରେ ୭୬ଟି ରେଳ ଷ୍ଟେସନ ପରିସରର ଉନ୍ନତିକରଣ ସ୍ଥିତିର ମଧ୍ୟ ସମୀକ୍ଷା କରାଯାଇଛି। ଷ୍ଟେସନ କୋଠା ବାହାରେ ଅସଂରକ୍ଷିତ ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଆତଯାତ ଅଞ୍ଚଳ ସୃଷ୍ଟି କରାଯାଉଛି, ଯାହା ପ୍ଲାଟଫର୍ମକୁ ନିୟନ୍ତ୍ରିତ, ପର୍ଯ୍ୟାୟ କ୍ରମେ ପ୍ରବେଶ ସୁନିଶ୍ଚିତ କରୁଛି ଏବଂ ଐତିହାସିକ ଭାବରେ ଅଧିକ ଭିଡ଼ ଏବଂ ସୁରକ୍ଷା ବିପଦ ସୃଷ୍ଟି କରିଥିବା କନକୋର୍ସଗୁଡ଼ିକର ଭିଡକୁ ରୋକୁଛି।

## ଏସ୍‌ଏସ୍‌କେଏମ୍‌ରେ ଯୁବକଙ୍କ ମୃତଦେହ ଉଦ୍ଧାର



କୋଲକାତା,୨୦।୩ (ସଂଚାର ବ୍ୟୁରୋ): ଜଣେ ସଫାଇ କର୍ମଚାରୀଙ୍କ ଏସ୍‌ଏସ୍‌କେଏମ୍‌ରେ ରହସ୍ୟମୟ ମୃତ୍ୟୁ। ହସ୍ପିଟାଲର ନୂତନ ଓପିଡି ଭବନର ତୃତୀୟ ମହଲାରୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ନାମ ଇମ୍ରାନ ସର୍ଦ୍ଦାର (୨୧)। ସୂଚନା ଅନୁଯାୟୀ ଯୁବକ ଜଣକ ହସ୍ପିଟାଲର ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ଥିଲେ। ପୁଲିସ ସନ୍ଦେହ କରୁଛି ଯେ ସେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। କବାଟ ଭିତରୁ ବନ୍ଦ ଥିଲା। ତଦନ୍ତ ଆରମ୍ଭ ହୋଇଛି। ତଦନ୍ତକାରୀମାନେ ମୃତକଙ୍କ ପରିବାରର ସଦସ୍ୟଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଅନ୍ୟପକ୍ଷରେ, ଇମ୍ରାନଙ୍କ ସହକର୍ମୀଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ମୃତଦେହକୁ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କିତ ରହସ୍ୟ ପ୍ରାୟତଃ ସମାଧାନ ହେବ ବୋଲି ଆଶା କରାଯାଉଛି।

## ଦୁର୍ଘଟଣାରେ ଶିଶୁର ମୃତ୍ୟୁ, ଅଞ୍ଚଳରେ ତୀବ୍ର ଉତ୍ତେଜନା

କୋଲକାତା,୨୦।୩ (ସଂଚାର ବ୍ୟୁରୋ): ଏକ ସାତ ବର୍ଷର ଶିଶୁକନ୍ୟାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ। ଏହି ଘଟଣା ଶୁକ୍ରବାର, ସକାଳ ପ୍ରାୟ ସାଢେ ଦଶଟା ସମୟରେ ଲାଭପୁର ଥାନା ଅଧୀନସ୍ଥ ଧନଡାଙ୍ଗା ଗ୍ରାମର ଚୌହଟ୍ଟା-ସାଇଁଥିଆ ରାସ୍ତା ପାର୍ଶ୍ୱରେ ଘଟିଛି। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ଶିଶୁକନ୍ୟା ତାଙ୍କ ମା'ଙ୍କ ସହିତ ରାସ୍ତା ପାର ହେଉଥିବା ସମୟରେ ଏକ ଦ୍ରୁତଗାମୀ ଟେମ୍ପୋ ଗାଡ଼ି ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ଶିଶୁକନ୍ୟାଟି ତଳେ ପଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା କିନ୍ତୁ, ତାକୁ ବଞ୍ଚାଯାଇ ପାରିଲା ନାହିଁ। ଡାକ୍ତରଖାନାର ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

# ଚଳିତ ବର୍ଷ ୨୦ ହଜାର ଶିକ୍ଷକ ପଦବୀ ପୂରଣ ଲକ୍ଷ୍ୟ

### ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୩୧ ହଜାର ୯୯୭ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କାର ଖର୍ଚ୍ଚଦାବି ଆଜି ବିଧାନସଭାରେ ଗୃହୀତ ହୋଇଛି। ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ଓ ଭିତ୍ତିଭୂମି ମଜବୁତ କରିବା ସରକାରଙ୍କ ପ୍ରାଥମିକତା ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ବଜେଟ୍‌ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୧୦୧୦ କୋଟି, ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି ୨୨ ଲକ୍ଷ ୬୨ ହଜାର, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି ୧୦ ଲକ୍ଷ ୪୯ ହଜାର ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଟଙ୍କାର ବ୍ୟୟ ବରାଦ ହୋଇଛି। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଣ୍ଟନ ପାଇଁ ମଧ୍ୟ ବଜେଟ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

ରାଜ୍ୟରେ ଏପର୍ଯ୍ୟନ୍ତ ୨୨,୫୦୨ ଜଣ ଶିକ୍ଷକ ନିଯୁକ୍ତ ହୋଇଥିବା ବେଳେ ଚଳିତ ବର୍ଷ ଆଉ ୨୦ ହଜାର ପଦବୀ ପୂରଣ ପାଇଁ ଯୋଜନା ରହିଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ୨୦୨୬ -୨୭ ଆର୍ଥିକ ବର୍ଷ ପାଇଁ ୫୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାଦ୍ୱାରା ରାଜ୍ୟର ନବମ ଓ ଦଶମ ଶ୍ରେଣୀର ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଉପକୃତ ହେବେ। ଏଥିସହ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ରାଜ୍ୟର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୋଷଣ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

### ବିଏମସି ପେଟ୍ରୋ କାର୍ଡ ଚୋରି କରି ୯ ଲକ୍ଷ ହଡ଼ପ

# ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପେଟ୍ରୋ କାର୍ଡ ଚୋରି କରି ୯ ଲକ୍ଷରୁ ଅଧିକ ଟଙ୍କା ହଡ଼ପ କରିଥିବା ଏଜେନ୍ସିର ଦୁଇ ଜଣ ପୂର୍ବତନ କର୍ମଚାରୀଙ୍କୁ ଗିରଫ କଲା ଇନ୍‌ଫୋସିଟି ପୁଲିସ। ବିଏମ୍‌ସି ପକ୍ଷରୁ ପରିମଳ କାର୍ଯ୍ୟରେ ନିୟୋଜିତ ଜାଗୃତି ନାମକ ଏଜେନ୍ସିର ଘରକୁ ଘର ବର୍ଜ୍ୟ ସଂଗ୍ରହ କରୁଥିବା ଜଣେ ପୂର୍ବତନ ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ବାନ୍ଧିଛି ପୁଲିସ। ସେମାନେ କୌଶଳ କରି ବିଏମସିର ୫ଟି ପେଟ୍ରୋ କାର୍ଡ ଚୋରି କରିନେଇଥିଲେ। ସେହି କାର୍ଡକୁ ନେଇ ଭୁବନେଶ୍ୱର କଳାରାହାଙ୍ଗଠାରେ ଥିବା କ୍ରିଷ୍ଣା ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ହାତ କରି ନିୟମିତ ପେଟ୍ରୋଲ ବଦଳରେ ଟଙ୍କା ଉଠାଇଥିଲେ। ଏହିପରି ବାରମ୍ବାର ହେବାରୁ ବିଏମସି କର୍ତ୍ତୃପକ୍ଷଙ୍କ ସନ୍ଦେହ ଘନୀଭୂତ ହୋଇଥିଲା । ତେଣୁ ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଲା ଯେ ପରିମଳ ଏଜେନ୍ସି ଜାଗୃତିର ପୂର୍ବତନ ଡ୍ରାଇଭର ବିଶାଳ ନାଇକ କଳାରାହାଙ୍ଗ ପେଟ୍ରୋଲ ପମ୍ପର କର୍ମଚାରୀ ଅଚ୍ୟୁତାନନ୍ଦ ସାମଲଙ୍କ ସହ ମିଶି ସେହି ପେଟ୍ରୋ କାର୍ଡ ସହାୟତାରେ ପ୍ରାୟ ୯ ଲକ୍ଷ ୩୯ ହଜାର ୪୩୫ ଟଙ୍କା ହଡ଼ପ କରିନେଇଛନ୍ତି। ଏନେଇ ବିଏମସି ପକ୍ଷରୁ ଡେପୁଟି କମିଶନର୍ ଇନ୍‌ଫୋସିଟି ଥାନାରେ ଏକ ମାମଲା ରୁଜୁ କରିଥିଲେ। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କବିତା ଦିବସ




ଭୁବନେଶ୍ୱର, ୨୦।୩ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ଓ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ଫନୀ ମହାନ୍ତି ଯୋଗଦେଇ ଜୀବନର ଅନୁଭବକୁ କବିତା କିପରି ବିଶ୍ୱସ୍ତ ଭାବେ ରୂପଦିଏ, ସେ ସଂପର୍କରେ ଉଲ୍ଲେଖ କରିଥିଲେ । ଭାରତୀୟ ବାଙ୍ମୟ ପରମ୍ପରା କବିତା ସୃଷ୍ଟି କରିବାରେ କିପରି ଉଦ୍‌ବୋଧନ ଦେଇଆସିଛି ତାହାର ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ରକ୍ଷକ ନାୟକ ଯୋଗଦେଇ କବିତାରେ ଜୀବନ ପ୍ରତି ଆମୁଖତା ଓ ଅନୁରାଗର କଥା କହିବା ସହ କବିତା କିଭଳି ଜୀବନରେ ବସନ୍ତର ରଙ୍ଗ ଭରିଦିଏ ତାହା ଉପରେ ମତବ୍ୟକ୍ତ କରିଥିଲେ । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ କବିତାର ବିଭିନ୍ନ କାବ୍ୟକୌଶଳ ଓ କବିମାନଙ୍କ ସାରସ୍ୱତ ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଆଧୁନିକ କବିତାର ଧାରା ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ବିଶିଷ୍ଟ ସମାଲୋଚିକା ଡ. ମମତା ମଞ୍ଜରୀ ବାରିକ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ସେହିପରି ବିଶିଷ୍ଟ କବି ଡ. ମମତାରାଣୀ ବେହେରା ଉତ୍ତର ଆଧୁନିକ ଓଡ଼ିଆ କବିତାର ସ୍ୱର ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଚିତ କବିତାକୁ ନେଇ ସୁସଜ୍ଜିତ ପ୍ରାଚୀର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

### ବିଏମସି ପକ୍ଷରୁ ସ୍ମାର୍ଟ ଜନପଥରେ ଦିଆଗଲା ସ୍ମାର୍ଟ କିଓସ୍କ

# ଉପକୃତ ହେଲେ ୬୪ ହିତାଧିକାରୀ




ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ସ୍ମାର୍ଟ ସିଟିର ସ୍ମାର୍ଟ ଜନପଥରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଗଲା ସ୍ମାର୍ଟ କିଓସ୍କ। ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିକାଭୁକ୍ତ ୧୦୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ଆଜି ୬୪ ଜଣ ହିତାଧିକାରୀଙ୍କୁ ଖାଲି ଥିବା ୬୬ଟି ସ୍ମାର୍ଟ କିଓସ୍କ ଆବଣ୍ଟନ କରିଛନ୍ତି।

ପୂର୍ବରୁ ୩୫ ଜଣ ହିତାଧିକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ୩୫ଟି କିଓସ୍କ ଲଟେରୀ ମାଧ୍ୟମରେ ପ୍ରଦାନ କରାଯାଇଛି। ସେହିପରି ବଳକା ଥିବା ୨୯ଟି କିଓସ୍କ ମଧ୍ୟରଦେିବ୍ୟାଙ୍ଗ ଓ ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିବା ୫ଟିକୁ ମଧ୍ୟ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଛି। ଅବଶିଷ୍ଟ ୬୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଲଟେରୀ ମାଧ୍ୟମରେ ୨୬ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଏହି ୨୬ ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଲଟେରୀ ମାଧ୍ୟମରେ କିଓସ୍କ ଆବଣ୍ଟନ କରାଯାଇଛି। ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ଓ କେନ୍ଦ୍ରୀୟ ବିଦ୍ୟାଳୟ-୧ ସମ୍ମୁଖରେ ଥିବା କିଓସ୍କଗୁଡ଼ିକୁ ଏହି ସବୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୮ ଜଣ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ କିଓସ୍କ ପ୍ରଦାନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

କିଓସ୍କ ପାଇଥିବା ଲୋକ କୌଣସି ପରିସ୍ଥିତିରେ ମଧ୍ୟ ଅନ୍ୟକୁ ଭଡ଼ା ନଦେବା ପାଇଁ ତାଗିଦ କରିଛନ୍ତି ମେୟର। କିଓସ୍କ ହସ୍ତାନ୍ତର ପରେ ପରେ ସଙ୍ଗେ ସଙ୍ଗେ ପୁରୁଣା ସ୍ଥାନ ଛାଡ଼ିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଛନ୍ତି।

### ଆରଏସଏସର ଶତାବ୍ଦୀ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

# ଓଡ଼ିଶାରେ ୩୦ ଲକ୍ଷ ପରିବାର ସହ ସମ୍ପର୍କ ସ୍ଥାପନ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଗତ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଅଖିଳ ଭାରତୀୟ ପ୍ରତିନିଧି ସଭା ହରିୟାଣାର ସମାଲଖାଠାରେ ଅନୁଷ୍ଠିତ ହୋଇଛି। ଏଥିରୁ ମିଳିଥିବା ସୂଚନାନୁଯାୟୀ ସଂଘର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱୟଂସେବକମାନେ ଦେଶରେ ୩ ଲକ୍ଷ ୯୦ ହଜାର ଗ୍ରାମ ତଥା ସହରାଞ୍ଚଳର ୩୧ ହଜାର ୫୦୦ ବସତିରେ ପହଞ୍ଚି ପ୍ରତ୍ୟେକ ଗୃହର ସଦସ୍ୟଙ୍କୁ ଭେଟିଥିଲେ। ଏହି ଗୃହ ସମ୍ପର୍କ ଅଭିଯାନରେ ପ୍ରାୟ ୧୦ କୋଟି ପରିବାର ସହ ସମ୍ପର୍କ ସ୍ଥାପନ କରାଯାଇଥିଲା। ସେହିପରି ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂସେବକମାନେ ୩୧୬୪୫ ଗ୍ରାମ ଓ ୭୪୨ ନଗରୀୟ ବସତିରେ ୩୦ ଲକ୍ଷ ପରିବାର ସହ ସମ୍ପର୍କ କରିଥିବା ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂସେବକମାନେ ସମାଜର ବନ୍ଧୁ ଭଗିନୀମାନଙ୍କୁ ଗତ ଏକ ଶହ ବର୍ଷ ଧରି ସମାଜ ଜୀବନରେ ସକ୍ରିୟ ଥିବା ସଂଘର ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇ ସେମାନଙ୍କୁ ଦେଶର ହିତ ପାଇଁ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିବା ଶ୍ରୀ ମହାନ୍ତି କହିଛନ୍ତି।

ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ ଓଡ଼ିଶା ସମେତ ସମଗ୍ର ଦେଶରେ ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ମିଳନୀ, ଯୁବା ସମ୍ମିଳନୀ ଓ ସାମାଜିକ ସଦ୍‌ଭାବ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରସତା ବା ଭେଦଭାବର ସମାପ୍ତି, ପରିବାର ପ୍ରବୋଧନ ବା 'ପରିବାର ଏକ ସଂସ୍କାର କେନ୍ଦ୍ର' ଭାବର ବିକାଶ, ପର୍ଯ୍ୟାବରଣର ସୁରକ୍ଷା, 'ସ୍ୱ' ଜାଗରଣ ଅର୍ଥାତ ସମାଜର ଉନ୍ନତିରେ ବାଧକ ଉପନିବେଶବାଦ ମାନସିକତାରୁ ମୁକ୍ତି ଓ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ ଜନ ସଚେତନତା ନିର୍ମାଣ କରାଯାଇଥିଲା। ଓଡ଼ିଶାରେ ୧୩୯୮ ସ୍ଥାନରେ ହିନ୍ଦୁ ସମ୍ମିଳନୀ, ୭୩ଟି ସ୍ଥାନରେ ଯୁବା ସମ୍ମିଳନୀ ଓ ୨୨୭ଟି ସ୍ଥାନରେ ସାମାଜିକ ସଦ୍‌ଭାବ ବୈଠକ ଅନୁଷ୍ଠିତ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗ୍ୟାସ୍...

ଦେଶର ତୈଳ ଉତ୍ପାଦନକାରୀ କମ୍ପାନୀମାନେ ଅନ୍ତର୍ଜାତୀୟ ବଜାରରେ ତୈଳର ଅହେତୁକ ଦର ବଢ଼ିବା କାରଣରୁ ସେମାନଙ୍କୁ ବାଧ୍ୟ ହୋଇ ଏପରି ନିଷ୍ପତ୍ତି ନେବାକୁ ପଡ଼ିଛି ବୋଲି ସ୍ପଷ୍ଟ କରିଛନ୍ତି। ଏକ ଆକଳନ ଅନୁସାରେ, ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାରେଲ୍ ପିଛା ୧୦ ଡଲାର୍ ବଢ଼ିଲେ, ତୈଳ ଉତ୍ପାଦନକାରୀ କମ୍ପାନୀମାନେ ଲିଟର୍ ପିଛା ୬.୩ ଟଙ୍କାର କ୍ଷତି ସହୁଛନ୍ତି। ସେହିପରି ଏହି କ୍ଷତି ପରିମାଣ ଏଲ୍‌ପିଜି କ୍ଷେତ୍ରରେ କିଗ୍ରା ପ୍ରତି ୧୦.୨ ଟଙ୍କା ହୋଇଥାଏ।

## ୩୨% ସାଂସଦଙ୍କ...

ଗୁପ୍ତା (୫,୦୫୩ କୋଟି ଟଙ୍କା), ୱାଇଏସ୍‌ଆର୍‌ସିପିର ଆଲ୍ଲା ଅଯୋଧ୍ୟା ରାମି ରେଡ୍ଡୀଙ୍କ ନିକଟରେ (୨୫୭୭ କୋଟି ଟଙ୍କା)ର ସମ୍ପତ୍ତି ରହିଛି।

ଆପ୍ ସାଂସଦ ସନ୍ତ ବଲବୀର ସିଂହଙ୍କ ନାଁରେ ସବୁଠୁ କମ୍ ସମ୍ପତ୍ତି ରହିଛି। ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୩ ଲକ୍ଷ ଟଙ୍କା ଭିତରେ ହେବ। ତାଙ୍କ ପରେ ମଣିପୁରର ମହାରାଜା ସାଜୋଓବା ଲିସେମ୍ବା ପ୍ରାୟ ୫ ଲକ୍ଷ ଟଙ୍କା ସହିତ ଦ୍ୱିତୀୟ ଏବଂ ଟିଏମସି ସାଂସଦ ପ୍ରକାଶ ଚିକ୍ ବାରାଇକ ପ୍ରାୟ ୯ ଲକ୍ଷ ଟଙ୍କା ସହିତ ତୃତୀୟ ସ୍ଥାନରେ ଅଛନ୍ତି।

ସେହିପରି ଏଡିଆର୍ ରିପୋର୍ଟ ଅନୁଯାୟୀ ୩୨ ପ୍ରତିଶତ ରାଜ୍ୟସଭା ସାଂସଦ ସେମାନଙ୍କ ନାଁରେ ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ଏହି ରିପୋର୍ଟ ୨୩୩ ସାଂସଦଙ୍କ ମଧ୍ୟରୁ ୨୨୯ ସାଂସଦଙ୍କ ସତ୍ୟପାଠ ସମୀକ୍ଷା କରାଯାଇଛି। ଏମାନଙ୍କ ମଧ୍ୟରେ ନବନିର୍ବାଚିତ ୩୭ ସାଂସଦ ମଧ୍ୟ ଅଛନ୍ତି। ୨୨୯ରୁ ୭୩ ସାଂସଦ (୩୨ ପ୍ରତିଶତ) ସେମାନଙ୍କ ନାଁରେ ଅପରାଧିକ ମାମଲା ରହିଥିବା, ୩୬ (୧୬ ପ୍ରତିଶତ) ହତ୍ୟା , ହତ୍ୟା ଉଦ୍ୟମ ଓ ମହିଳାଙ୍କ ବିରୋଧରେ ସଙ୍ଗୀନ ଅପରାଧ ମାମଲା ପରି ଅଭିଯୋଗ ରହିଛି। ଦଳ ଭିତ୍ତିରେ ଦେଖିଲେ ବିଜେପିର ୯୯ ସାଂସଦଙ୍କ ମଧ୍ୟରୁ ୨୭ ଜଣ, କଂଗ୍ରେସର ୨୮ ସାଂସଦରୁ ୧୨ ଜଣ, ତୃଣମୂଳ କଂଗ୍ରେସର ୧୩ ସାଂସଦରୁ ୪ ଜଣ, ଆପ୍‌ର ୧୦ରୁ ୪ ଜଣ ସାଂସଦଙ୍କ ନାଁରେ ଅପରାଧିକ ମାମଲା ରହିଛି।

## ଗିନିଜ୍...

ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପସ୍ଥିତିରେ ଆୟୋଜିତ ପଖାଳ ଉତ୍ସବରେ ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ପ୍ରଦର୍ଶିତ ହୋଇଥିଲା। ଏଥିସହ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ନିଜେ ମୁଖ୍ୟମନ୍ତ୍ରୀ ଏହାକୁ ଦେଖି ପ୍ରଶଂସା କରିବା ସହ ନିଜ ମନ୍ତ୍ରୀମଣ୍ଡଳ ଓ ବିଧାୟକଙ୍କ ସହ ପଖାଳ ଦିବସ ପାଳିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ।

ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜିନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଓ ପଖାଳ ଭୋଗ ଲାଗି ହୋଇଥାଏ। ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ।

ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ। ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି।

ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ। ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

## ନିୟମିତ...

ଶିକ୍ଷକମାନେ ସେମାନଙ୍କର ଚାକିରିରେ ଯୋଗଦାନ ସମୟଠାରୁ ନିୟମିତ ହୋଇଛନ୍ତି। ତେବେ ସେମାନେ ଚାକିରିରେ ଯୋଗଦାନ ସମୟଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନୋସନାଲ୍ ବେନିଫିଟ୍ ପାଇବେ। ସେହିପରି ୨୦୨୬ ଜାନୁଆରୀ ପହିଲାରୁ ସେମାନେ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

## କାରଣ...

ନିର୍ଦ୍ଦେଶ ଦେଇଥିଲା। ଏହାର ଉତ୍ତର ରଖିଛନ୍ତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର। ସେମାନେ ଉତ୍ତରରେ ଲେଖିଛନ୍ତି ଯେ ଦଳ ତାଙ୍କ ଉପରେ ଭିତ୍ତିହୀନ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତାଙ୍କ ଉପରେ ଲଗାଯାଇଥିବା ଅଭିଯୋଗ ବେଆଇନ ଓ ଦଳୀୟ ନେତୃତ୍ୱଙ୍କ ସ୍ୱେଚ୍ଛାଚାରିତା ବୋଲି ସେମାନେ କହିଛନ୍ତି। ଏଥିସହ ସେମାନେ କହିଛନ୍ତି ଯେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ଦଳର ନେତୃତ୍ୱ ସୀମା ଅତିକ୍ରମ କରିଛନ୍ତି। ଏହାସହ କାରଣ ଦର୍ଶାଅ ନୋଟିସ ଜାରି କରି ଦଳର ନେତୃତ୍ୱ ଭାରତୀୟ ନ୍ୟାୟ ସଂହିତାର ଧାରା ଭାଙ୍ଗି ଦଣ୍ଡନୀୟ ଅପରାଧ କରିଛନ୍ତି ବୋଲି ବିଧାୟକମାନେ ଦର୍ଶାଇଛନ୍ତି।

ରାଜ୍ୟସଭା ନିର୍ବାଚନରେ ମତଦାନକୁ ନେଇ କାରଣ ଦର୍ଶାଅ ନୋଟିସ ଜାରି କରି ବିରୋଧୀ ଦଳ ମୁଖ୍ୟ ସଚେତକ ଭାରତୀୟ ନ୍ୟାୟ ସଂହିତାର ଧାରା ୧୭୧ ଓ ୧୭୪ର ଉଲ୍ଲଂଘନ କରିଛନ୍ତି। ଏପରିକି କାରଣ ଦର୍ଶାଅ ନୋଟିସରେ ଲେଖାଯାଇଥିବା ଶବ୍ଦ ପ୍ରମାଣିତ କରୁଛନ୍ତି ଯେ ସେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶର ଅବମାନନା କରି ଭୋଟରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟସଭାରେ ବିବେକାନୁମୋଦିତ ଭୋଟ ଦେବା ଦଶମ ପରିଚ୍ଛେଦର ଉଲ୍ଲଂଘନ କରୁନାହିଁ ବୋଲି ବିଧାୟକମାନେ ଉତ୍ତରରେ କହିଛନ୍ତି।

ଏହି ବିଧାୟକମାନେ କହିଛନ୍ତି ଯେ ସେମାନେ କେବେ ବି ଦଳର ସଦସ୍ୟତା ପରିତ୍ୟାଗ କରିନାହାଁନ୍ତି। ରାଜ୍ୟସଭା ନିର୍ବାଚନରେ ସେମାନେ ସ୍ୱାଧୀନ ମତଦାନ କରି କୌଣସି ଆଇନର ଉଲ୍ଲଂଘନ କରିନାହାଁନ୍ତି। ସେମାନେ ଦଳ ନିର୍ଦ୍ଦେଶରେ ୧୫ ତାରିଖରେ ହୋଇଥିବା ଦଳୀୟ ବୈଠକର ନିଷ୍ପତ୍ତି ଉଲ୍ଲଂଘନ କରିଥିବା ନେଇ ହୋଇଥିବା ଅଭିଯୋଗ ମଧ୍ୟ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେମାନେ କହିଛନ୍ତି। କାରଣ ଦର୍ଶାଅ ନୋଟିସରେ ଏପରି କିଛି ଉଲ୍ଲେଖ କରାଯାଇନାହିଁ କିମ୍ବା ସେମାନଙ୍କୁ ବିଧାୟକ ଦଳ ବୈଠକ ନିଷ୍ପତ୍ତି ସମ୍ପର୍କରେ କୌଣସି ଲିଖିତ ନିର୍ଦ୍ଦେଶ ଆସିନାହିଁ। ସେମାନେ କେବେ ବି ଦଳର ନିଷ୍ପତ୍ତି କି ନିର୍ଦ୍ଦେଶର ଉଲ୍ଲଂଘନ କରିନାହାନ୍ତି। ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ମତଦାନ କରିବା ପାଇଁ ଜଣେ ଭୋଟରଙ୍କୁ ସମ୍ବିଧାନର ଦଶମ ଅନୁଚ୍ଛେଦ ମୁତାବକ ଦଣ୍ଡ ବ୍ୟବସ୍ଥା ଲାଗୁ ହୁଏନାହିଁ। କାରଣ ଦର୍ଶାଅ ନୋଟିସ କେବଳ ବେଆଇନ ଓ ମନମୁଖୀ ନୁହେଁ, ବରଂ ଏହା ଆଇନ ପ୍ରକ୍ରିୟାରେ ସମ୍ବିଧାନର ଅପବ୍ୟବହାର ମଧ୍ୟ। ତେଣୁ ଏହି ନୋଟିସ ପ୍ରତ୍ୟାହାର କରାଯାଉ, ନଚେତ ଏହା ବିରୋଧରେ ସେମାନେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବାଧ୍ୟ ହେବେ ବୋଲି ବିଧାୟକମାନେ ଚେତାଇ ଦେଇଛନ୍ତି।

ଏଭଳି ଉତ୍ତରକୁ ନେଇ ବର୍ଷିଛନ୍ତି ପ୍ରମିଳା ମଲ୍ଲିକ। ସେ କହିଛନ୍ତି ସେମାନେ କ'ଣ ଏକା ଆଇନ ଜାଣିଛନ୍ତି। ଦଳ ବିରୋଧରେ ଭୋଟ ଦେବା କଥା ଏଜେଣ୍ଟଙ୍କଠାରୁ ଜାଣିଥିଲୁ। ଦଳ ବିରୋଧରେ କାହିଁକି ଭୋଟ ଦେଲେ ବୋଲି ପ୍ରଶ୍ନର କାହିଁକି ଉତ୍ତର ଦେଇନାହାଁନ୍ତି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ବିଜେଡି ଟିକେଟ ନେବା ସମୟରେ ବିବେକ ନ ଥିଲା, ଏବେ ତାଙ୍କର ବିବେକ ଉଦୟ ହେଲା। କାର୍ଯ୍ୟାନୁଷ୍ଠାନ ନେଇ ଖୁବଶୀଘ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ସବୁ ବିଧାୟକଙ୍କ ଉତ୍ତରରେ ଲେଖା ସମାନ ଲାଗୁଛି। ଗୋଟେ ଅଫିସରୁ ସବୁ ଉତ୍ତର ଲେଖା ହୋଇଥିବା ସେ ସନ୍ଦେହ କରିଛନ୍ତି। ଦଳରୁ ଅଳିଆ ବାହାରିଗଲେ, ଦଳ ସୁସ୍ଥ ରହିବ। ଦଳରେ ସୁସ୍ଥ ନିର୍ମଳ ଓ ଦଳୀୟ ସଭାପତିଙ୍କ ପ୍ରତି ସମ୍ମାନ ଥିବା ଲୋକ ହିଁ ରହିବେ ବୋଲି ସେ କହିଛନ୍ତି।

# ୧୦ ବିଜୁ ଯୁବ ଓ ଛାତ୍ର ନେତା ନିଲମ୍ବିତ

### ଶୃଙ୍ଖଳା କମିଟିରେ ୬ ବିଧାୟକଙ୍କ ବାବଦରେ ଆଲୋଚନା



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ୧୦ ଜଣ ବିଜୁ ଯୁବ ଏବଂ ଛାତ୍ର ନେତାଙ୍କୁ ଦଳରୁ ନିଲମ୍ବିତ କଲା ବିଜେଡି। ଶୁକ୍ରବାର ଏନେଇ ଦଳ ପକ୍ଷରୁ ବିବୃତ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ନିଲମ୍ବିତଙ୍କ ମଧ୍ୟରୁ ୭ ଜଣ ଛାତ୍ର ନେତା ହୋଇଥିବା ବେଳେ ୩ ଜଣ ଯୁବ ନେତା ଅଛନ୍ତି। ବିଜେଡିରୁ ନିଲମ୍ବିତ ହୋଇଥିବା ୩ ଯୁବ ନେତା ହେଲେ ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ଶୋଭନ ମହାନ୍ତି ଓ ଅନୁପମ ଶତପଥୀ। ସେହିଭଳି ନିଲମ୍ବିତ ହୋଇଥିବା ବିଜୁ ଛାତ୍ର ଜନତା ଦଳର ୭ ଜଣଙ୍କ ମଧ୍ୟରେ ଅଛନ୍ତି ବିସିଜେଡିର ମହାସଚିବ ସୁଜିତ ପାଲଟାସିଂହ ଓ ସାଧାରଣ ସମ୍ପାଦକ ଦେବପ୍ରସାଦ ରାଉତରାୟ। ୫ ଜଣ ବିଜୁ ଛାତ୍ର ଉପସଭାପତି ରଞ୍ଜିତ ଦାସ, ଅବିନାଶ ମହାନ୍ତି, ଦେବୀପ୍ରସାଦ ଲେଙ୍କା, ଅସିତ ରଞ୍ଜନ ଦାସ ଓ ସିଦ୍ଧାର୍ଥ ସ୍ୱାଇଁଙ୍କୁ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଛି। ସେହିପରି ପୁରୀ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଗୌରହରୀ ପ୍ରଧାନଙ୍କୁ ମଧ୍ୟ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଛି।

ସେପଟେ କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ବିଚାରବିମର୍ଶ କରୁଛି। ଏନେଇ ଶୁକ୍ରବାର ଶଙ୍ଖ ଭବନରେ ବିଜେଡି ଶୃଙ୍ଖଳା କମିଟିର ବୈଠକ ହୋଇଥିଲା। ଦେବୀ ମିଶ୍ର, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ସାରଦା ଜେନା, ଚନ୍ଦ୍ରଶେଖର ସାହୁ, ଲୋପାମୁଦ୍ରା ବକ୍ସିପାତ୍ରଙ୍କ ନେତୃତ୍ୱରେ ବସିଥିବା ଏହି ଶୃଙ୍ଖଳା କମିଟି ବୈଠକରେ ବିଧାୟକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ, ସେନେଇ ଆଲୋଚନା ହୋଇଛି।

# ନିମ୍ନମାନର ପିଚୁ ପକାଇ ଠିକାଦାର ମାଲେମାଲ୍

ଆନନ୍ଦପୁର,୨୦।୩ (ସଂଚାର ବ୍ୟୁରୋ): ଚଣ୍ଡାଳି-ବାଲିବେରୁଆଁ ରାସ୍ତାରେ ନିମ୍ନମାନର ପିଚୁ ପକାଇ ଠିକାଦାର ମାରିଲା ଛୁ। ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ।

ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ଚଣ୍ଡାଳି ଠାରୁ ବାଲିବରୁଆଁ ପର୍ଯ୍ୟନ୍ତ ଥିବା ରାସ୍ତାର ବେଲଡା ଗ୍ରାମ ଠାରେ ଦୁଇ ଦିନ ପୂର୍ବରୁ ପଡ଼ିଥିବା ପିଚୁ ଅତି ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ତେବେ ଉକ୍ତ ସ୍ଥାନରେ ପଡ଼ିଥିବା ପିଚୁ ମାତ୍ର ଦୁଇ ଶହ ମିଟର ପକାଇ ଅନ୍ୟ ସ୍ଥାନ ମାନଙ୍କରେ ମୁଠାଏ



## ସରକାରଙ୍କୁ ବଦନାମ ପାଇଁ ଷଡ଼ଯନ୍ତ୍ର

ମୁଠାଏ ପିଚୁ ଛିଞ୍ଚି ଠିକାଦାର ଛାଡ଼ି ଚାଲି ଯାଇଛି। ତେବେ ଯେଉଁଠି ଆବଶ୍ୟକ ସେଇଠି ପଡ଼ିଲା ନାହିଁ ପିଚୁ। ନିମ୍ନମାନର ପିଚୁ ପକାଇ ଠିକାଦାର ମାଲେମାଲ୍ ହେଉଥିବା ଅଭିଯୋଗ। କାମ ସରିବାର ମାତ୍ର ଦୁଇ ଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଇଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ।

ସରକାରଙ୍କ ଲକ୍ଷ୍ୟ ଯେଉଁଠାରେ ଦୃଢ଼ ଓ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ, ସେଠାରେ କିଛି ଅସାଧୁ ଠିକାଦାର ନିଜ ସ୍ୱାର୍ଥ ପାଇଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ଆସିଛି। ସରକାରଙ୍କୁ ବଦନାମ କରିବା ପାଇଁ ଯୋଜନାବଦ୍ଧ ଭାବେ ଏମିତି ନିମ୍ନମାନର କାମ କରିଛି ଠିକାଦାର। ଯାହା ଫଳରେ ସରକାରଙ୍କ ବିକାଶମୂଳକ ପ୍ରୟାସ ଉପରେ ଲୋକଙ୍କର ଭରସା କମିଯାଉଛି। ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଠିକାଦାର ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

## ବିପୁଳ ପରିମାଣର ଚୋରା କାଠ ଜବତ



ବଡ଼ଗାଁ,୨୦।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରୁ ଗଛ କାଟି ସେଥିରୁ ବିଭିନ୍ନ ଉପକରଣ ତିଆରି କରି କାଠ ଚୋରମାନେ ବିକ୍ରି କରିଆସୁଛନ୍ତି। କାଠ ଚୋରଙ୍କ ଯୋଗୁଁ ଜଙ୍ଗଲ ପଦା ହେବାକୁ ବସିଲାଣି। ତେବେ ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ଅଞ୍ଚଳରେ ଚୋରମାନେ ଅବାଧରେ ସଂରକ୍ଷିତ ଜଙ୍ଗଲରୁ ଗଛକାଟି ନେଉଥିବା ସଂପର୍କରେ କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଥିଲେ। ସୁନ୍ଦରଗଡ଼ ଡିଏଫଓଙ୍କ ଠାରେ ଅଭିଯୋଗ ହେବାପରେ ତାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ରାଜ କୁମାର ସେଠୀଙ୍କ ସହିତ ବଡ଼ଗାଁ ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି, ଫରେଷ୍ଟର ହେମବତି ସିଂ, ନୀତିନ କଛାରୀୟା, ରିଙ୍କି ନାଏକ ଏପିଆର ପୋଲିସ ଫୋର୍ସ ଉପସ୍ଥିତିରେ ସାହାଜବାହାଲ ଗ୍ରାମର ଦେଓ ନାରାୟଣ ସାହୁଙ୍କ ଘରେ ଚଢ଼ାଉ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଓ ଶୁକ୍ରବାର ଚଢାଉ କରି ବନ ବିଭାଗ ଅଧିକାରୀମାନେ ବିପୁଳ ପରିମାଣର କାଠପଟା ଓ କାଠ ଚିରିବା ପାଇଁ ଥିବା ଆରା, ଦୁଇଟି ଟ୍ରାକ୍ଟର ଜବତ୍ କରି ମାମଲା ରୁଜୁ କରିଛନ୍ତି।

## ଟ୍ରକ-କାର ଧକ୍କା, ଜଣେ ଆହତ



ସୁନ୍ଦରଗଡ଼, ୨୦।୩ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ୩ଟା ସମୟରେ ବିଜୁ ପଟ୍ଟନାୟକ ଛକ ନିକଟରେ ଏକ କାର ଓ ଟ୍ରକ ଧକ୍କା ଫଳରେ ଜଣେ ମହିଳା ଆହତ ହୋଇଥିବା ସୂଚନା ମିଳିଛି, ସୁଚନାଯୋଗ୍ୟ ଯେ ସୁନ୍ଦରଗଡ଼ ପଟୁ ଏକ କାର ଓଡି-୧୬ଏ୨୬୬୨ ଯାଉଥିଲା ବେଳେ ଅପରପଟୁ ଆସୁଥିବା ଏକ ଟ୍ରେଲର ଓଡଡ-୧୬ପି୩୫୫୮ ସହ ଧକ୍କା ହୋଇଥିଲା। ଏଥିରେ କାରରେ ବସିଥିବା ଜଣେ ମହିଳା ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ସୁନ୍ଦରଗଡ଼ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଭିଡ଼ ହୋଇଯିବାରୁ ପୁଲିସ ତୁରନ୍ତ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ରାଇଘରଡ଼, ୨୦।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଧୀନ କିବେଗଙ୍ଗା ଗ୍ରାମର ରାସ୍ତା କଡରେ ଥିବା ଏକ ଦୋକାନକୁ ହଠାତ୍ ନିୟନ୍ତ୍ରଣ ହରାଇ ଏକ ଗୋରୁ ବୋଝେଇ ଗାଡି ସିଧାସଳଖ ଦୋକାନ ଭିତରକୁ ପଶିଯାଇଥିଲା। ଘଟଣା ସମୟରେ ଦୋକାନ ଭିତରେ କେହି ନଥିବାରୁ ବଡ଼ ଧରଣର ବିପଦ ଟଳିଯାଇଥବା ବେଳେ ଦୋକାନର କ୍ଷତି ଘଟିଥିବା ସୂଚନା ମିଳିଛି। ଘଟଣା ପରେ ଗାଡିର ଡ୍ରାଇଭର ତୁରନ୍ତ ଗାଡି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ପାଇ କୁନ୍ଦେଇ ଥାନାର ଏସଆଇ ଦୁର୍ଗା ପ୍ରସାଦ ବ୍ରହ୍ମା ଓ ତାଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୁଲିସ ଗାଡିଟିକୁ ଜବତ କରିବା ସହିତ ଗାଡି ଭିତରେ ଥିବା ୭ଟି ଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ସୁରକ୍ଷିତ ସ୍ଥାନକୁ ପଠାଇଥିଲେ। ଏହାସହ ପୋଲିସ ଘଟଣା ସମ୍ପର୍କରେ ମାମଲା ରୁଜୁ କରି ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି ।

## କାର୍ଗୋ ଟର୍ମିନାଲରୁ ମାନସିକ ବିକୃତ ଯୁବକ ଉଦ୍ଧାର

### ପରିବାରକୁ ହସ୍ତାନ୍ତର କଲା କମ୍ପାନୀ କର୍ତ୍ତୃପକ୍ଷ



ପାରାଦୀପ, ୨୦।୩ (ସଂଚାର ବ୍ୟୁରୋ): ପାରାଦୀପ (ପିଆଇସିଟି) ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ ଅଚିହ୍ନା ଯୁବକ ଠାବ। ମାଲବାହୀ ଟ୍ରେନ ୱାଗନ ଭିତର ଦେଇ ବନ୍ଦର ନିଷିଦ୍ଧାଞ୍ଚଳ ଭିତରକୁ ପଶି ଆସିଥିଲେ ସମ୍ପୃକ୍ତ ଯୁବକ। ପିଆଇସିଟିର ସୁରକ୍ଷାକର୍ମୀମାନେ ତାକୁ ଦେଖି ନିଜ ହେପାଜତକୁ ନେଇଥିବା ବେଳେ ତାର ପରିଚୟ ଖୋଜିବାକୁ ଚେଷ୍ଟା କରିଥିଲେ। ସମ୍ପୃକ୍ତ ଯୁବକଙ୍କ ଘର ବିହାର ନୱାଦା ଜିଲ୍ଲା ନିମଦାରଗଞ୍ଜ ଥାନା ପାରହା ଗ୍ରାମ ଓ ତାଙ୍କ ନାମ ମନିଷ ପାସୱାନ ବୋଲି ଜଣାପଡିଥିଲା। ପିଆଇସିଟି ସ୍ଥାନୀୟ ପୁଲିସ ସହାୟତାରେ ନିମଦାରଗଞ୍ଜ ଥାନା ସହିତ ଯୋଗାଯୋଗ କରି ମନିଷର ପରିବାରକୁ ଜଣାଇବା ପରେ ଆଜି ତାର ବଡ ଭାଇ ବିକ୍ରମ କୁମାର ଆସି ପାରାଦୀପରେ ପହଂଚି ନିଜ ଭାଇଙ୍କୁ ନେଇ ଘରକୁ ନେଇଯାଇଥିବା ଦେଖିବାକୁ ମିଳିଛି। ମନିଷ ମାନସିକ ବିକୃତ ଥିବା ଓ ସେ ମାଲବାହୀ ଟ୍ରେନରେ ବିହାର ଅଞ୍ଚଳରୁ ଚାଲି ଆସିଥିବା ବେଳେ ପାରାଦୀପ ପିଆଇସିଟି କମ୍ପାନୀ ମାନବିକତାର ପରିଚୟ ଦେଖାଇଥିଲେ। ଗତ କାଲିଠାରୁ ମନିଷଙ୍କୁ ଖାଇବାକୁ ଦେଇ ଉଚିତ ଭାବେ ରଖିଥିଲେ କମ୍ପାନୀ କର୍ତ୍ତୃପକ୍ଷ। ତାଙ୍କ ପରିବାରକୁ ଖୋଜି ତାଙ୍କୁ ଫେରାଇ ଥିବାରୁ ତାଙ୍କ ଭାଇ ବିକ୍ରମ ପିଆଇସିଟି କମ୍ପାନୀକୁ ଧନ୍ୟବାଦ ଦେଇଛନ୍ତି।

# ପୁଲିସର ଅବହେଳା: ୨୦ ଦିନ ଜେଲ୍‌ରେ ରହିଲେ ନାବାଳକ

ନବରଙ୍ଗପୁର/ମୈଦଲପୁର,୨୦।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ମୈଦଲପୁର ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ଜଣେ ନାବାଳକକୁ ଗତ ଫେବୃଆରୀ ୨୪ତାରିଖରୁ ମାର୍ଚ୍ଚ ୧୬ତାରିଖ ଯାଏଁ ନବରଙ୍ଗପୁର ଉପକାରାଗାରରେ ସାବାଳକ ଭାବେ ବିଚାର ବିଭାଗୀୟ ହାଜତରେ ୨୦ଦିନ ରହିଥିଲେ। ସେ ଯଦିଓ ପୁଲିସ ତଦନ୍ତରେ ଅଭିଯୁକ୍ତ ତେବେ ସେ ବାଲସ୍ୱାଧର ଗୃହରେ ରହିବା କଥା।

ପ୍ରତ୍ୟେକ ମାସରେ ଜିଲ୍ଲା ଆଇନସେବା ପ୍ରାଧିକରଣ (ଡିଏଲଏସଏ) ପକ୍ଷରୁ ଜେଲର ତଦାରଖ କରାଯାଇଥାଏ। ଏହି ମାସରେ ଗତ ୫ତାରିଖ ଦିନ ଭାରାପ୍ରାପ୍ତ ସଚିବ ତଥା ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତାଙ୍କ ସହ ଜେଲକୁ ଯାଇଥିଲେ। ସେଠାରେ ଅନ୍ୟ ଅନ୍ତେବାସୀଙ୍କୁ ପଚାରିବା ସମୟରେ ଉକ୍ତ ଅଭିଯୁକ୍ତ ନାବାଳକ ଜଣକ ନିଜ ବୟସ ଓ ଯେଉଁ ଅପରାଧରେ ସେ ଜେଲରେ ରହିଛନ୍ତି ସେ ସମ୍ପର୍କରେ କହିଥିଲେ। ନାବାଳକ ଜଣକ ୨୦୦୯ ମସିହାରେ ଜନ୍ମ ହୋଇଥିବା ବେଳେ ଏବେ ତାଙ୍କୁ ୧୭ବର୍ଷ ବୋଲି କହିଥିଲେ। ଏହା ଜାଣିବା ପରେ ଡିଏଲଏସଏର ଭାରପ୍ରାପ୍ତ ସଚିବ ତୁରନ୍ତ ଜିଲ୍ଲାଦୌରାଜଜଙ୍କୁ ଅବଗତ କରିଥିଲେ। ଜିଲ୍ଲା ଦୌରାଜଜଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ନାବାଳକଙ୍କ ପରିବାରବର୍ଗ ସେ ପାଠ ପଢୁଥିବା ସ୍କୁଲର ପ୍ରମାଣପତ୍ର ଉପକାରାଗାରରେ ଦାଖଲ କରିବା ସହ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ଦାଖଲ କରିଥିଲେ। ବୋର୍ଡ ନାବାଳକ ଜଣକୁ ଭବାନୀପାଟଣାବାଲ ସ୍ୱାଧାରଗୃହକୁ ପଠାଇ ଦେଇଥିବା କହିଛନ୍ତି ଜେଲ୍ ଅଧିକ୍ଷକ।

ନବରଙ୍ଗପୁର ଏଏସ୍‌ପି ଆଦିତ୍ୟ ସେନଙ୍କ ସହ ଯୋଗାଯୋଗ କରିବାରୁ, ମାମଲାର ତଦନ୍ତ ବେଳେ ଅଭିଯୁକ୍ତ ନାବାଳକ ସ୍କୁଲରେ ପଢୁଥିବା ଆଡମିସନ୍ ରେଜିଷ୍ଟ୍ରେରରେ ୨୦୦୪ ମସିହା ଦେଖିକି ସାବାଳକ ବୋଲି ଭାବି କୋର୍ଟ ଚାଲାଣ କରିଥିଲୁ ବୋଲି କହିଛନ୍ତି। ବୋଧେ ୨୦୦୯ ମସିହାକୁ ଲେଖିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ୨୦୦୪ ଭଳି ଲେଖିଥିବେ ବୋଲି କହିଛନ୍ତି। କିନ୍ତୁ ପୋଲିସର ଟିକିଏ ଅବହେଳା ପାଇଁ ଜଣେ ନାବାଳକ କୋଡିଏ ଦିନ ଜେଲରେ ରହିବାକୁ ପଡ଼ିଲା ବୋଲି ଚର୍ଚ୍ଚା ହେଉଛି।

# ମଣ୍ଡିରେ ଧାନ କିଣିବା ଦାବିରେ ରାସ୍ତାରୋକ



ନୀଳଗିରି,୨୦।୩ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ, ନରସିଂହପୁର ପଞ୍ଚାୟତ ଅଧିନସ୍ଥ ଅମ୍ବିକାପୁର ଧାନ ମଣ୍ଡିରେ ଧାନ କିଣିବା ଦାବି ନେଇ ଆଜି ସକାଳ ଆଠ ଘଟିକାରୁ ରାସ୍ତାରୋକ ଆରମ୍ଭ ହୋଇ ଦିନ ବାର ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନ ତରଫରୁ ଏଆରସିଏସ, ବିଷ୍ଣୁ ମୋହନ ମଲ୍ଲିକ, ଏସିଏସଓ, ବିଦ୍ୟୁତ ଲତା ନାୟକ, ଏମଆଇ, ରାଜଲକ୍ଷ୍ମୀ ପଣ୍ଡା ଓ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ବୁଝାସୁଝା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଟୋକନ ଧାରୀଙ୍କ ଠାରୁ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମ କ୍ରମରେ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ, ଦାମୋଦର ପଣ୍ଡା ସନାତନ ଜେନା, ଗୋବର୍ଦ୍ଧନ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଟୋକନଧାରୀ ଚାଷୀମାନେ ଦୀର୍ଘ ପାଞ୍ଚ ଦିନ ଧରି ମଣ୍ଡିରେ ଧାନ ପକାଇଛନ୍ତି। ଦୁଇ ଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡିରେ ଧାନ ଗଜା ହେଲାଣି। ଯାହାକି ଚାଷୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ପ୍ରଶାସନର ପ୍ରତିଶୃତି ଅନୁଯାୟୀ କେତେ ଶୀଘ୍ର ଚାଷୀଙ୍କ ଠାରୁ ଧାନ କିଣା ଯାଉଛି, ତାହା ଦେଖିବାକୁ ବାକି ରହିଲା।

# ଜନ ସୂଚନା ଅଧିକାରୀଙ୍କୁ ୧୦ ହଜାର ଜରିମାନା

କାକଟପୁର/ଅସ୍ତରଙ୍ଗ,୨୦।୩ (ସଂଚାର ବ୍ୟୁରୋ): ସୂଚନା ଅଧିକାର ଆଇନକୁ ଅବହେଳା କରିବା ନେଇ ଜଣେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ମହଙ୍ଗା ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଅ ପଂଚାୟତର ପୂର୍ବତନ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତମାନ ନଈଗୁଆଁ ପଂଚାୟତରେ କାର୍ଯ୍ୟରତ ପିଇଓ ସୁବଳ ଜେନାଙ୍କ ବିରୋଧରେ ରାଜ୍ୟ ସୂଚନା କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ଆବଶ୍ୟକ ତଥ୍ୟ ପ୍ରଦାନ ନ କରିବାରୁ ୧୦ହଜାର ଟଙ୍କା ଜରିମାନା ଲଗାଇଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମର କାର୍ତ୍ତିକ ପରିଡା ପଂଚାୟତରୁ ସୂଚନା ଅଧିକାର ମାଧ୍ୟମରେ ସମ୍ପର୍କିତ କେତେକ ସୂଚନା ମାଗିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟସୀମାରେ ଆବଶ୍ୟକ ସୂଚନା ମିଳି ନଥିଲା। କାର୍ତ୍ତିକ ଅଗଷ୍ଟ ୫,୨୦୨୩ରେ ରାଜ୍ୟ ସୂଚନା କମିଶନ ଶୁଣାଣିରେ ଅପିଲ କରିଥିଲେ। ସୂଚନା କମିଶନ ଶୁଣାଣି ସମୟରେ ଅଧିକାରୀଙ୍କ ଅବହେଳା ଏବଂ କର୍ତ୍ତବ୍ୟରେ ଅନାଗ୍ରହ ସ୍ପଷ୍ଟ ହୋଇଥିଲା। ଏହାକୁ ଗୁରୁତର ସହ କମିଶନ ବିଚାର କରି ପିଇଓ ସୁବଳ ଜେନାଙ୍କୁ ଜରିମାନା ଅର୍ଡର ପ୍ରକାଶ ପାଇଛି। ୩୦ଦିନ ମଧ୍ୟରେ ଏହି ଜରିମାନା ରାଶି ପୈଠ କରିବାକୁ କୁହାଯାଇଛି। ଯଦି ନିର୍ଦ୍ଧାରିତ ସମୟ ଭିତରେ ଜରିମାନା ପୈଠ ନ କରନ୍ତି ତେବେ ତାଙ୍କ ଦରମାରୁ ଆସନ୍ତା ଅପ୍ରେଲ ମାସ ଠାରୁ ୪ଟି ପର୍ଯ୍ୟାୟରେ ଏହି ଅର୍ଥ ରାଶି କାଟିବାକୁ ଅସ୍ତରଙ୍ଗ ବିଡ଼ିଓଙ୍କୁ ନିର୍ଦ୍ଦେଶ ହୋଇଛି।

# ଚୋରି ଟ୍ରାକ୍ଟର ଜବତ, ୩ ଅଭିଯୁକ୍ତ କୋର୍ଟ ଚାଲାଣ



ବାଲିଆପାଳ,୨୦।୩ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ସେତପୁରା ଗ୍ରାମର ଗୀତାରାଣୀ ଦାସଙ୍କର ୨୦୨୬ ଜାନୁୟାରୀ ୧୪ରେ ଆଇଚର କମ୍ପାନୀର ଏକ ଟ୍ରାକ୍ଟର ଚୋରି ହୋଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନମ୍ବର ୧୪୨/୨୬ ମୂଳେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ପୁଲିସ୍ ଫୁଲାଡି ଅଞ୍ଚଳରୁ ଟ୍ରାକ୍ଟର ଜବତ କରିବା ସହିତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସଂପୃକ୍ତ ଥିବା ତିନି ଅଭିଯୁକ୍ତ ମାଷ୍ଟର ମାଇଣ୍ଡ ହିମାଂଶୁ ପାତ୍ର, ବାମପଦା ଅଞ୍ଚଳର ଦିପକ ପାତ୍ର, ସରସ୍ୱତୀପୁର ଜୟଦେବ ମଣ୍ଡଳଙ୍କୁ ଶୁକ୍ରବାର ବାଲିଆପାଳ ପୁଲିସ କୋର୍ଟ ଚାଲାଣ କରିଛି। ଘଟଣା ସମ୍ପର୍କରେ ବାଲିଆପାଳ ପୁଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୁଚନା ଦେଇଛନ୍ତି ବସ୍ତା ଏସଡିପିଓ ମାନସ ଦେଓ। ଏହି ଘଟଣାରେ ଅନ୍ୟ ଗେଙ୍ଗଷ୍ଟାର ମାନଙ୍କର ହାତ ଥାଇ ପାରେ ବୋଲି ଆଶଙ୍କା ଥିବାରୁ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବାଲିଆପାଳ ପୁଲିସ। ଏହି ଖବରଦାତା ସମ୍ମିଳନୀରେ ଆଇଆଇସି ସାଲିଖାନ ମୁର୍ମୁ, ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ, ଏସଆଇ ପ୍ରମୋଦ କୁମାର ମଲ୍ଲିକ, ପ୍ରେମ ପ୍ରତାପ ବାହିନୀ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଘାଟିତ



ବାରିପଦା, ୨୦।୩ (ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲଅପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନ ଏଫ ଡି ସି ର ସହଯୋଗରେ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦଘାଟିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡ଼ର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାଣ୍ଡି, କାହ୍ନାଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଣା ସୋରେନ ଓ ନିରଞ୍ଜନ କୁଜୁର ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିବା ସହ ଏହାର ସଫଳତା କାମନା କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଏହି ମହୋତ୍ସବ ଉପରେ ଆଲୋକପାତ କରିବା ସହ ଏହାକୁ ସଫଳ କରିବା ପାଇଁ ଆଗେଇଆସିଥିବା ସମସ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ ।

ନିଚୁଆପଦା ଉତ୍ତରସାହି ଛଉ ନୃତ୍ୟ ଦଳ ସର୍ବ ପ୍ରଥମେ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ । ପ୍ରଥମ ଦିନରେ ସାନ୍ତାଳୀ, ତିୱା, ହିନ୍ଦୀ, ଓଡ଼ିଆ, ଇଂରାଜୀ, ତାମିଲ, କର୍ବୀ, ଆସାମୀ ଓ ବେଙ୍ଗଲୀ ଭାଷାରେ ୯ଟି ପ୍ରାମାଣିକ ଚଳଚିତ୍ର ଓ ୩ଟି ଲଘୁ ସିନେମା ପ୍ରଦର୍ଶିତ ହୋଇଥିଲା । ପ୍ରତ୍ୟେକ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଆୟୋଜକଙ୍କ ତରଫରୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା । ଆସନ୍ତା ୭ଟି ଲଘୁ ସିନେମା ଓ ୫ଟି ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବା ସହ ଶେଷରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ଖଣି ବିଭାଗର ଚଢ଼ାଉ, ୩୦ ଟନ୍ କୋଇଲା ଜବତ



ଢେଙ୍କାନାଳ, ୨୦।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ରେ ଖଣି ଖାଦାନ ଲୁଟ୍ ଜାରି ରହିଥିବା ବେଳେ ୫୫ ନଂ ଜାତୀୟ ରାଜପଥ କଡ଼ରେ ଥିବା ଗୋବିନ୍ଦପୁର ପୁଲିସ୍ ଫାଣ୍ଡି ଠାରୁ ମାତ୍ର ୨ କିମି ଦୂରରେ ଦିର୍ଘ ବର୍ଷ ଧରି ଚୋରା କୋଇଲା ଡିପୋ କରାଯାଇ ବ୍ୟବସାୟ ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଖଣି ବିଭାଗ ଉପ ନିର୍ଦ୍ଦେଶକ ତଥା ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ସୁବେନ୍ଦ୍ର ସାମଲ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉକ୍ତ ଡିପୋରେ ଚଢାଉ କରି ଗୋଟିଏ ୧୨ ଚକିଆ କୋଇଲା ଟ୍ରକ୍ ସମେତ ୩୦ ଟନ୍ କୋଇଲା ଜବତ କରିଥିଲେ। ଅଧିକାରୀ କହିବା ଅନୁସାରେ ବିଭାଗ ପକ୍ଷରୁ ଏବେ ଜିଲ୍ଲାରେ ବିଭିନ୍ନ ଯାଗାରେ ଚଢାଉ ଜାରି ରହିବ।

## ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତସବାଜି କାର୍ଯ୍ୟକ୍ରମ

ଗୋପ, ୨୦।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ସର୍ବପୁରାତନ ମେଳଣ ଶ୍ରୀ ଶ୍ରୀ ଗୋପାଳଜୀଉ ସାଗର ସ୍ନାନ ମେଳଣ ବା ଲୋକ ଉତ୍ସବ ଅନୁଷ୍ଠାନ ଭାବେ ଉଦଘାଟିତ ହୋଇଯାଇଛି । ୧୭ତାରିଖ ସନ୍ଧ୍ୟାରୁ ପାରମ୍ପରିକ ଓ ପରମ୍ପରା ଏବଂ ଐତିହ୍ୟ ସାଗର ସ୍ନାନ ମେଳଣର ଜମାଣ ଉତ୍ସବ ଆୟୋଜିତ ହୋଇଥିଲା । ଉକ୍ତ ମେଳଣର ମୁଖ୍ୟ ହେଉଛନ୍ତି ଗୋପ ଥାନାର ଭାରପ୍ରାପ୍ତ ଅଧିକାରୀ । କମିଟି ପକ୍ଷରୁ ଥାନାପତିଙ୍କୁ ନୂତନ ବସ୍ତ୍ରଧାରଣ କାରଇ ବାଜା ବାଣ ଆଉ ରୋଷଣୀ ଦ୍ୱାରା ସ୍ୱାଗତ କରାଯାଇଥାଏ । ତାପରେ ଗୋପ ସେନାପତି ସାହିକୁ ଯାଇ ସେଠାରୁ ଶ୍ରୀ ଗୋପାଳଜୀଉର ଜମାଣ ଆରମ୍ଭ ହୋଇଥାଏ ଏବଂ ଗୋପ କୁଶଭଦ୍ରା ନଦୀ ତଟରେ ଥିବା ମେଳଣ ପଡିଆକୁ ସମସ୍ତ ଅମନ୍ତ୍ରିତ ସୁସଜ୍ଜିତ ବିମାନରେ ଥିବା ଠାକୁରଙ୍କୁ ନଦୀ ପଠାରେ ଥିବା ପିଣ୍ଡିରେ ବିରାଜିତ ହୁଅନ୍ତି। ଯେପର୍ଯ୍ୟନ୍ତ ଶ୍ରୀ ଗୋପାଳଜୀଉ ବିରାଜିତ ହୋଇନଥିବେ ଅନ୍ୟ କୌଣସି ଠାକୁରଙ୍କ ବିମାନ ନଦୀ ପଠା ଭିତରକୁ ପ୍ରବେଶ କରିବେନାହିଁ। ଏମିତି ରୀତିନୀତିରେ କାର୍ଯ୍ୟକ୍ରମ ହୋଇଥାଏ। ତାପରଦିନ ମେଳଣ ଆରମ୍ଭ ହୋଇଥାଏ । ଉକ୍ତ ମେଳଣର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଆତସାବାଜୀ ପ୍ରତିଯୋଗିତା। ଯାହାକୁ ଦେଖିବାକୁ ଗୋପ ଓ କୋଣାର୍କ ଏବଂ ନିମାପଡା ସହିତ ଅନ୍ୟ ଦୂରଦୂରାନ୍ତରୁ ହଜାର ହଜାର ସଂଖ୍ୟାରେ ଲୋକ ଆସିଥାନ୍ତି।

ଦ୍ୱିତୀୟ ସନ୍ଧ୍ୟାରେ ଯେହେତୁ ଆତସାବାଜୀ ପ୍ରତିଯୋଗିତା ଥିଲା ସେ ଦୃଷ୍ଟି କୋଣରୁ ପୁର୍ବ ଦିନ ଅପେକ୍ଷା ଅଧିକ ପରିମାଣରେ ଫୋର୍ସ ମୁତୟନ କରିବାକଥା କିନ୍ତୁ ତାହା ଆଉ ପାରିଲକ୍ଷିତ ହୋଇନଥିଲା। ଯାହାଫଳରେ ଅନେକ କିଛି ଅଘଟଣମାନ ଦେଖିବାକୁ ମିଳିଥିଲା। ସେଥିମଧ୍ୟରୁ ଅନ୍ୟତମ ହେଉଛି ଏକ ଗୁରୁତର ରୋଗୀକୁ ଗୋପରୁ ପୁରୀ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେବା ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରଫିକ ଭିତରେ ଫସି ରହିଥିଲା । ଯାହାକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି ।

## ପ୍ରସୁତୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ବାରିପଦା, ୨୦।୩ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ପିଆରଏମ ମେଡ଼ିକାଲରେ ଜଣେ ପ୍ରସୁତୀଙ୍କ ମୃତ୍ୟୁ କୁ ନେଇ ଉତ୍ତେଜନା ଦେଖାଦେଇଅଛି । ଖବର ନେବାରୁ ଜଣାପଡିଅଛି ଯେ ଗତକାଲି ମୟୁରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅନ୍ତର୍ଗତ ପୋଖରିଆ ଗ୍ରାମର ବାଲି ହାଁସଦା ଙ୍କୁ ପ୍ରସୁତୀ ପାଇଁ ପରିବାରୱର୍ଗ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ଆଜି ତାଙ୍କର ସିଜରିନ ଜରିଆରେ ପ୍ରସୁତୀ କରାଯାଇଥିଲା। ମାତ୍ର ପିଲା ଜନ୍ମ ହେବାର କିଛି ସମୟ ପରେ ମାର ମୃତ୍ୟୁ ଘଟିଥିଲା। ଏ ନେଇ ପରିବାରବର୍ଗଙ୍କ ପକ୍ଷରୁ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ପରିବାରବର୍ଗ ମା'ର ମୃତ୍ୟୁକୁ ନେଇ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ଚିକିତ୍ସାରେ ଅବହେଳା ପାଇଁ ତାଙ୍କର ମୃତ୍ୟୁ ଘଟିଅଛି ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ଅସ୍ତ୍ରପ୍ରଚାର ସମୟରେ ବ୍ଲେଡର ଦାଗ ନବଜାତ ଶିଶୁର ଦେହରେ ଦେଖିବାକୁ ମିଳିଛି । ଭାଗ୍ୟବଶତ ନବଜାତ ଶିଶୁଟି ବଞ୍ଚିଯାଇଅଛି । ଏହାକୁ ନେଇ ମୃତଙ୍କ ପରିବାରବର୍ଗ ଙ୍କ ପକ୍ଷରୁ ବାରିପଦା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଅଛି ।

# ଦକ୍ଷିଣ ବାଲିଆପାଳ ଅଞ୍ଚଳରେ ଚୋରା ବାଲିର ପାହାଡ଼

ବାଲିଆପାଳ,୨୦।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଦକ୍ଷିଣ ବାଲିଆପାଳରେ ଥିବା ଡଗରା, ଚଉମୁଖ, ବେତଗଡ଼ିଆ, ଜଗତିପୁର, ଅଁଳାଡିହା, ନୁଆ ଗାଁ, ଜମ୍ବିରାଇ ପ୍ରମୁଖ ପଞ୍ଚାୟତ ମାନଙ୍କରେ ଥିବା ସ୍ତୁପ ବାଲିର ଚୋରା ଚାଲାଣକୁ ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଧୀରେ ଧୀରେ ମହଜୁଦ ଥିବା ଉଚ୍ଚ ବାଲି ସ୍ତୁପ ଗୁଡିକ ଧ୍ୱଂସ କରି ବାଲି ମାଫିଆମାନେ ମାଲେ ମାଲେ ହେଉଛନ୍ତି। ଯାହା ଫଳରେ ସମୁଦ୍ର ଉପକୂଳବର୍ତ୍ତୀ ଲୋକେମାନେ ଭୟଭୀତ ହେଉଛନ୍ତି। ସୁନାମି ବାୟୁର ରକ୍ଷା ପାଇବା ପାଇଁ ଏକ ମାତ୍ର କବଚ ସେହି ଉଚ୍ଚ ବାଲୁକା ସ୍ତୁପ।

### ଜନବସତି ପ୍ରତି ବିପଦ ଆଶଙ୍କା



ସୂଚନା ଅନୁସାରେ ଡଗରା ବେଳାଭୂମିକୁ ଯିବାର ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ଚୋରା ବାଲିର କୃତ୍ରିମ ପାହାଡ଼ ଦେଖିବା ପାଇଁ ମିଳୁଛି। ଦିନ ତମାମ ଜେସିପି ଏବଂ ଟ୍ରାକ୍ଟର ମାଧ୍ୟମରେ ବାଲି ମାଫିଆମାନେ ଉଚ୍ଚା ସ୍ତୁପ ଗୁଡିକରୁ ଶହ ଶହ ଟ୍ରିପ ବାଲି ଆଣି ସେହି ଜାଗାରେ ଗଛିତ କରି ରଖନ୍ତି। ମଧ୍ୟ ରାତ୍ରରେ ୧୨ ଚକିଆ ହାଇୱା ଦ୍ୱାରା ପଶ୍ଚିମବଙ୍ଗକୁ ଅଧିକ ଦାମରେ ବୋଝେଇ କରି ଚାଳଣ କରୁଛନ୍ତି। ଏହି ସ୍ଥାନଟି ଡଗରା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଠାରୁ ପ୍ରାୟ ୨୦୦ ମିଟର ହେବ। ଏଥିରୁ ସ୍ପଷ୍ଟ ବାରି ହେଉଛି ବାଲି ମାଫିଆମାନେ ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀଙ୍କୁ ହାତ କରି ଅସାଧୁ ଉପାୟରେ ରସିଦ କାଟି ପରିବହନ କରୁଛନ୍ତି।

ସବୁଠାରୁ ବଡ କଥା ହେଲା ଏହି ରାସ୍ତା ଦେଇ ଜିଲ୍ଲାପାଳ, ତହସିଲଦାର, ଖଣି ଅଧିକାରୀ ପୋଲିସ କର୍ମଚାରୀଙ୍କ ଗାଡ଼ି ଯାଆ ଆସ କରେ। ମାତ୍ର ଏଥିପ୍ରତି କାହାର ବି ନଜର ନାହିଁ। ଏହା ଦୁଃଖ ଏବଂ ପରିତାପର ବିଷୟ ବୋଲି ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ଭିଟାମାଟି ସୁରକ୍ଷା କମିଟିର ସଭାପତି ଅରୁଣ ଜେନା, ସମ୍ପାଦକ ତୀର୍ଥ କୁମାର ନାଥ ପ୍ରମୁଖ କହିଛନ୍ତି। ପ୍ରଶାସନ ଏହି ସ୍ତୁପ ବାଲି ଚୋରା ଚାଲାଣକୁ ବନ୍ଦ କରି ଜନବସତିର ରକ୍ଷା କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବାଲିଅନ୍ତା ପ୍ରେସ କ୍ଲବ୍ ପକ୍ଷରୁ ବିଶ୍ୱ ପଖାଳ ଦିବସ



ବାଲିଅନ୍ତା,୨୦।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ପ୍ରେସକ୍ଲବ ପକ୍ଷରୁ ଆଜି ବାଳକାଟି ମା ହାଣ୍ଡିଶାଳ ପରିସରରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏନେଇ ଆୟୋଜିତ ସଭାରେ ପ୍ରେସ କ୍ଲବ ସଭାପତି ସୋମନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ପଖାଳ ଦିବସ ଓଡ଼ିଆ ସଂସ୍କୃତି ଏବଂ ପାରମ୍ପରା ସହିତ ଓତଃପ୍ରୋତ ଭାବେ ଜଡିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ସମାଜସେୱୀ ସୁବ୍ରତ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଜନ୍ମେଞ୍ଜୟ ସ୍ୱାଇଁ,ବେଣୁଧର ଭୋଇ,ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ,ଚକ୍ରଧାର ନାୟକ, ଜଗନ୍ନାଥ ବେହେରା, ପ୍ରଦୀପ୍ତ ମହାନ୍ତି,ଅନୁପ ଶୁଭଙ୍କର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ରଜନୀ ରଞ୍ଜନ ଦାଶ, ଲକ୍ଷ୍ମୀଧର ପ୍ରଧାନ, ଇଞ୍ଜିନିୟର ରୁଦ୍ରପ୍ରସାଦ ଭଞ୍ଜ, ନିଶିକାନ୍ତ ପଣ୍ଡା, ନବ କିଶୋର ନାୟକ, ଭଗବାନ ନାୟକ,ଦିବାକର ଷଡ଼ଙ୍ଗୀ, ଗଗନ ଭୋଇ, ପ୍ରକାଶ ବାରିକ, ନିରଞ୍ଜନ ସେନାପତି,ଲକ୍ଷ୍ମଣ ପଟ୍ଟନାୟକ, ଅରବିନ୍ଦ ସାହୁ,ପ୍ରଶାନ୍ତ କୁମାର ବାରିକ, ଜଗମୋହନ ସେଠୀ,ମଳୟ ମହାନ୍ତି, କେଳୁ ଚରଣ ବେହେରା,ଇଞ୍ଜିନିୟର ପ୍ରବାସ ବାରିକ, ପିଣ୍ଟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାମୁହିକ ଭାବେ ପଖାଳ ସହ ୨୦ ପ୍ରକାର ବିଭିନ୍ନ ପାରମ୍ପରିକ ଖାଦ୍ୟ ଭୋଜନ କରାଯାଇଥିଲା ।

## ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା

# ତୁରନ୍ତ କାମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



- ଜାତୀୟ ସ୍ତରର ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ହେବ
- ଗୁଜରାଟ ସାବରମତୀ ଡିଜାଇନକୁ ଅନୁଧ୍ୟାନ ପାଇଁ ପରାମର୍ଶ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ରିଭର୍ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁଯାୟୀ, ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଓ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ୍ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡ଼ିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ଏସବୁ ନିର୍ମାଣ କାର୍ଯ୍ୟରେ ଟ୍ରିବ୍ୟୁନାଲ୍ ଗାଇଡଲାଇନ ପାଳନ କରାଯିବ।

ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମହାନଦୀ କୂଳ ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ସମୟରେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ନିଆଁ ଲାଗିଲେ ଡାଏଲ କରନ୍ତୁ ୧୧୨

### ମାର୍କେଟ କମ୍ପ୍ଲେକ୍ସ ଓ ହାଉସିଂ ସୋସାଇଟିର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ



ଭୁବନେଶ୍ୱର, ୨୦।୩ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ମହାବୀର କମ୍ପ୍ଲେକ୍ସରେ ଆଜି ଘଟିଥିବା ଅଗ୍ନିକାଣ୍ଡ ପରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହକାରେ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ଉଚ୍ଚସ୍ତରୀୟ ବୈଠକରେ ଅଗ୍ନି ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ପଦକ୍ଷେପ ନେଇ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ଜନସାଧାରଣଙ୍କୁ ଅଗ୍ନି ନିରାପତ୍ତା ପ୍ରସଙ୍ଗରେ ଯଥେଷ୍ଟ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ସେବା ଡିଜି ଡଃ. ସୁଧାଂଶୁ ଷଡ଼ଙ୍ଗୀ ବିଭିନ୍ନ ପରାମର୍ଶ ସମ୍ପର୍କରେ ଆଲୋଚନା କରିବା ସହ ଜରୁରୀକାଳୀନ ସ୍ଥିତିରେ ଲୋକେ ୧୧୨ ହେଲ୍ପଲାଇନ୍‌କୁ ତୁରନ୍ତ ଫୋନ କରି ସହାୟତା ନେବାକୁ ଅନୁରୋଧ କରିଛନ୍ତି। ୧୧୨ ହେଉଛି ଏକ ଜରୁରୀ ସହାୟତା ନମ୍ବର, ଯାହା ଟୋଲ ଫ୍ରି ଭାବେ ଉପଲବ୍ଧ ଏବଂ ପୁଲିସ, ଅଗ୍ନିଶମ, ଚିକିତ୍ସା ସୁରକ୍ଷା ଓ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ତୁରନ୍ତ ସହାୟତା ପାଇବା କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ଟିଭି, ରେଡିଓ, ସାମାଜିକ ଗଣମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବ ଓ ବିଭିନ୍ନ କାର୍ଯ୍ୟକ୍ରମରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିଆଯିବା ନେଇ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅଗ୍ନି ନିରାପତ୍ତା ପ୍ରତି ସରକାରଙ୍କ ପକ୍ଷରୁ ରହିଥିବା ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଗ୍ନି ସୁରକ୍ଷା ସମ୍ପର୍କିତ ନିୟମିତ ଯାଞ୍ଚ୍ ସହ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବ୍ୟାବସାୟିକ ପ୍ରତିଷ୍ଠାନ, ହାଉସିଂ ସୋସାଇଟି, ବଡ଼ ବଡ଼ କୋଠା ଆଦି ଅଗ୍ନି ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବା କଥା, ସେମାନଙ୍କୁ ବୈଧ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତୁତି ସ୍ୱରୂପ ବିଭିନ୍ନ ପ୍ରତିଷ୍ଠାନ ନିଜ ନିଜର କର୍ମଚାରୀଙ୍କ ମଧ୍ୟରୁ ଅଗ୍ନି ସୁପରଭାଇଜର ନିୟୋଜିତ କରିବେ। ଏଥିସହ ବିଭିନ୍ନ କୋଠାରେ ବିଦ୍ୟୁତ୍ ବ୍ୟବସ୍ଥାର ନିୟମିତ ଯାଞ୍ଚ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ଆସ ସ୍କୁଲ ଯିବା ଅଭିଯାନ



## ପିଲାଙ୍କ ଘରେ ପହଞ୍ଚିଲା ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଗାମୀ ଶିକ୍ଷାବର୍ଷ (୨୦୨୬- ୨୭) ପାଇଁ ଆସନ୍ତା ଏପ୍ରିଲ୍ ୨ରୁ ୫ ତାରିଖ ମଧ୍ୟରେ ଖଡ଼ିଛୁଆଁ ଉତ୍ସବ ପାଳନ କରାଯିବ। ଏଥିସହ ପ୍ରବେଶ ଉତ୍ସବ ବି ଅନୁଷ୍ଠିତ ହେବ। ୫ରୁ ୬ ବର୍ଷର ପିଲାଙ୍କର ଶିଶୁ ବାଟିକାରେ ନାମଲେଖା ହେବ। ଏଥିସହ ୬ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ନାମଲେଖା ପ୍ରଥମ ଶ୍ରେଣୀରେ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏକ ନିମନ୍ତ୍ରଣ ପତ୍ର ପିଲାଙ୍କ ଘରେ ପହଞ୍ଚିଛି। ଏହି ନିମନ୍ତ୍ରଣପତ୍ରକୁ ଶିକ୍ଷକମାନେ ବାଣ୍ଟିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶା ଶିକ୍ଷା ସର୍ବେକ୍ଷଣ (ଚାଇଲ୍ଡ ଟ୍ରାକିଂ ସର୍ଭେ-ସିଟିଏସ୍) ଦ୍ୱାରା ଗ୍ରହଣ କରାଯାଉଥିବା ତଥ୍ୟକୁ ଆଧାର କରି ନାମଲେଖା ହେବ। ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରି-ସ୍କୁଲରୁ ଏହି ତଥ୍ୟ ସଂଗ୍ରହ କରାଯାଇଛି। ଶିଶୁ ବାଟିକା, ପ୍ରଥମ ଶ୍ରେଣୀରେ ପିଲାମାନେ ଯେପରି ନାମ ଲେଖାଇବେ, ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ପିଲାମାନେ ଖଡ଼ି ଛୁଇଁ ଆରମ୍ଭ କରିବେ ପାଠପଢ଼ା। ପାରମ୍ପରିକ ରୀତିନୀତିରେ ପିଲାଙ୍କର ହେବ ବିଦ୍ୟାଳୟ ପ୍ରବେଶ ଉତ୍ସବ। ଆଡ଼ମ୍ବର ସହକାରେ ପାଳନ ହେବ ଏହି ଉତ୍ସବ। ପ୍ରସ୍ତୁତି ଅନୁଯାୟୀ, ସ୍କୁଲରେ ପିଲାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବ। ଏଥିସହ ପିଲାଙ୍କୁ କିଟ୍ ବଣ୍ଟନ କରାଯିବ। ଆହୁରି 'ଆସ ସ୍କୁଲ ଯିବା ଅଭିଯାନ'ରେ ବିଦ୍ୟାଳୟ ବାହାରେ ଥିବା ୫ ବର୍ଷରୁ ୧୮ ବର୍ଷ ବୟସ ପିଲାଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯାଉଛି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଉଛି।

# ୧୮ କୋଟିର ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

### କଥା ରଖିଲେ ସାଂସଦ ଅପରାଜିତା



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଜଟଣୀ ପୌର ପରିଷଦ ଜନତାଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ବଡ଼ ପ୍ରକଳ୍ପ ଉପହାର ଦେଇଛନ୍ତି। ଆଜି ଜଟଣୀ ୭ ନମ୍ବର ୱାର୍ଡର ରାମଚନ୍ଦ୍ରପୁରଠାରେ ପୁରୁଣା ପିଏଚଡି ପଡ଼ିଆରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରାୟ ୧୮ କୋଟିର ଏକ ବୃହତ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜଟଣୀବାସୀଙ୍କ ପାଇଁ ଏହି ପ୍ରକଳ୍ପ ଭୁବନେଶ୍ୱର ସାଂସଦଙ୍କର ବହୁ ଦିନର ସ୍ୱପ୍ନର ପ୍ରକଳ୍ପ ରହିଥିଲା। ପାନୀୟ ଜଳ ସମସ୍ୟା ଦୂର କରିବାକୁ ବର୍ଷ ବର୍ଷ ଧରି ଜଟଣୀ ପୌର ପରିଷଦ ଲୋକ ଦାବି କରିଆସୁଥିଲେ। ଏନେଇ ନିଜେ ଭୁବନେଶ୍ୱର ସାଂସଦ ଶ୍ରମତୀ ଷଡ଼ଙ୍ଗୀ ପଦକ୍ଷେପ ନେବାକୁ ଯାଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସାଂସଦ କହିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ୮ ହଜାର ୧୪୩ ଘରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚିବ ଓ ୮୦ ହଜାର ଲୋକଙ୍କ ଜଳ ସମସ୍ୟା ଦୂର ହେବ। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ ଜଟଣୀର ୨୩ଟି ୱାର୍ଡର ସର୍ବାଙ୍ଗୀନ ବିକାଶ କରାଯିବ। ୨୦୨୪ ମସିହାରେ ପ୍ରଚାର ସମୟରେ ଲୋକ ଅନୁରୋଧ କରିଥିଲେ ଲୋକଙ୍କ ଜଳ ସମସ୍ୟା ଦୂର କରିବାକୁ। ସେତେବେଳେ ଦେଇଥିବା କଥା ଆଜି ପୂରଣ କରିଛନ୍ତି ସାଂସଦ। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶେଷ ଧନ୍ୟବାଦ ଦେଇଛନ୍ତି। ସେ ୨୪ଘଣ୍ଟିଆ ଜଳ ଯୋଗାଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିବାରୁ ସେ ତାଙ୍କ ପ୍ରତିଶ୍ରୁତି ପୂରଣ କରିପାରିଥିବା ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଜଟଣୀ ପୌର ପରିଷଦରେ ମୋଟ ୭୨ ହଜାର ୯୦୦ଟି ଘର ରହିଛି। ମୋଟ ପାନୀୟ ଜଳ ସଂଯୋଗ ହୋଇଥିବା ଘର ସଂଖ୍ୟା ୭୬୪୩। ଏହି ସଂଖ୍ୟା ହିଁ ସ୍ପଷ୍ଟ କରୁଛି ଯେ ଜଟଣୀ ପୌର ପରିଷଦର ବହୁ କମ୍ ସଂଖ୍ୟକ ଘରକୁ ୱାଟକୋ ଜରିଆରେ ଜଳ ଯୋଗାଣ କରାଯାଉଛି।

## କ୍ଷତିପୂରଣ ଦାବି କଲେ ଚାଷୀ

# କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା



ରାୟଗଡ଼ା,୨୦।୩(ସଂଚାର ବ୍ୟୁରୋ): କ୍ଷତିପୂରଣ ଦାବି କରି ରାୟଗଡ଼ା କ୍ଷୁଦ୍ରଜଳସେଚନ ବିଭାଗ କାର୍ଯ୍ୟାଳୟରେ ସ୍ଥାନୀୟ ଚାଷୀମାନେ ତାଲା ପକାଇଦେଇଛନ୍ତି। ଜମି ହରାଇଥିବା ଚାଷୀମାନେ ଅଦ୍ୟାବଧି କ୍ଷତିପୂରଣ ପାଇନଥିବାରୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବା ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଚାଷୀମାନେ କାର୍ଯ୍ୟାଳୟରେ ତାଲା ପକାଇଦେଇଥିବାରୁ କର୍ମଚାରୀମାନେ ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନାନୁସାରେ, ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍‌ର ପୁଜାରୀଗୁଡ଼ା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯିବା ସକାଶେ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଏହି କେନାଲ ନିର୍ମାଣ ପାଇଁ ପ୍ରାୟ ୩୦ ଜଣ ଚାଷୀ ୫ ଏକର ଜମି ଦେଇଥିଲେ। ଚୁକ୍ତି ଅନୁଯାୟୀ ଜମିହରାମାନେ କ୍ଷତିପୂରଣ ପାଇବା କଥା। କିନ୍ତୁ ଦୀର୍ଘ ୭ ବର୍ଷ ପରେ ବି ଜମିହରାମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏନେଇ ଜମିହରାମାନେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ପଦକ୍ଷେପ ନେବା ସକାଶେ ଦାବି କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ସେମାନଙ୍କ ସମସ୍ୟାର ସମାଧାନ ହୋଇ ନ ଥିବାରୁ ଆଜି ଜମିହରା ଲୋକେ ତିନି ଘଣ୍ଟା କାଳ ଅଫିସରେ ତାଲା ପକାଇବା ସହ ଧାରଣାରେ ବସିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଛି।

## ● ଅଗ୍ନିକାଣ୍ଡରେ ୩ ବଖରା ଘର ଛାରଖାର

# ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ



ନୟାଗଡ଼,୨୦।୩(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ରାଉତପଡ଼ା ଗାଁରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ନିଆଁ ଲାଗି ୩ ବଖରା ଘର ପୋଡ଼ି ଛାରଖାର ହୋଇଛି। ଫଳରେ ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଘରେ କେହି ନ ଥିବା ସମୟରେ ବିଦ୍ୟୁତ ଶର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ପୋଡ଼ିଯାଇଥିବା ସାମଗ୍ରୀ ମଧ୍ୟରେ ସୁନା ଅଳଙ୍କାର, ଟଙ୍କା, ଧାନ ଚାଉଳ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ରହିଛି। ଘରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଗଣିଆ ଦମକଳ ବାହିନୀକୁ ଜଣାଇବା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ପରିବାରଟି ପୂରାପୂରି ନିଃସହାୟ ହୋଇପଡ଼ିଥିବାରୁ ଥଇଥାନ କରାଯିବା ସହ ସରକାରୀ ସହାୟତା ପ୍ରଦାନ କରିବା ସକାଶେ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପୋଷ୍ଟ ଅଫିସରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍

ଜଳେଶ୍ୱର,୨୦।୩(ସଂଚାର ବ୍ୟୁରୋ): ପୋଷ୍ଟ ଅଫିସରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟିନେଇଛନ୍ତି ଦୁର୍ବୃତ୍ତ। ଗତକାଲି ବିଳମ୍ବିତ ରାତିରେ ତାଲା ଭାଙ୍ଗି ନଗଦ ଟଙ୍କା ସହ ଦୁର୍ବୃତ୍ତମାନେ ଅନ୍ୟାନ୍ୟ ସମ୍ପତ୍ତି ଚୋରି କରିନେଇଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ବରୁଣଗଡ଼ିଆ ଡାକଘରେ ଘଟିଛି ଏହି ଲୁଟ୍। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ନରେ ପୋଷ୍ଟମାଷ୍ଟର ଦେବାଶିଷ ଦତ୍ତ ପୋଷ୍ଟ୍ ଅଫିସ୍‌ରେ ତାଲା ଦେଇ ଘରକୁ ଯାଇଥିଲେ। ତେବେ ଆଜି ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସେ ପୋଷ୍ଟ୍ ଅଫିସ୍‌ରେ ପହଞ୍ଚିବା ବେଳକୁ ତାଲା ଭାଙ୍ଗି ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ବସ୍ତା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାମାନଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରିନାହିଁ। ଡାକଘରୁ ନଗଦ ଟଙ୍କା ସହ ଗ୍ରାହକଙ୍କ ଜମାଖାତା, ପ୍ରିଣ୍ଟର ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି।

## ● ନରସିଂହପୁରରେ ପୁଣି ହାତୀ ମୃତ୍ୟୁ

# ମାସକରେ ମଲେଣି ୪ ଦନ୍ତା

କଟକ,୨୦।୩(ସଂଚାର ବ୍ୟୁରୋ): ନରସିଂହପୁରରେ ପୁଣି ଦନ୍ତା ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଫଳରେ ମାସକ ମଧ୍ୟରେ ସ୍ଥାନୀୟ= ଅଞ୍ଚଳରେ ୪ଟି ଦନ୍ତା ହାତୀଙ୍କ ମୃତ୍ୟୁ ଘଟିଲାଣି। ଆଜି ମୃତ୍ୟୁବରଣ କରିଥିବା ଦନ୍ତାର ବୟସ ପ୍ରାୟ ୫ ବର୍ଷ ବୋଲି ଜଣାପଡ଼ିଛି। ନରସିଂହପୁର ପୂର୍ବ ବନାଞ୍ଚଳ ଅନ୍ତର୍ଗତ ଖାରୁଆଣି ବିଟ ଖେସେରା ଜଙ୍ଗଲ ନିକଟରେ ଉକ୍ତ ହାତୀର ମୃତଦେହକୁ ଠାବ କରାଯାଇଛି। ବନାଞ୍ଚଳ ଅଧିକାରୀ କୁଳେଶ୍ ସାହୁ ଓ ଆଠଗଡ଼ ଏସିଏଫ ମନୋଜ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହାତୀଟିର କେଉଁ କାରଣରୁ ମୃତ୍ୟୁ ଘଟିଛି, ସେନେଇ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ। କିନ୍ତୁ ହାତୀଟିକୁ ହର୍ପିସ୍ ରୋଗ ହୋଇଥିବା ଏସିଏଫ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୮୧ଟି ହାତୀ ମରିଛନ୍ତି। ସେହିପରି ରାଜ୍ୟରେ ଗତ ଦେଢ଼ବର୍ଷ ଅର୍ଥାତ୍ ୨୦୨୪-୨୫ ଓ ୨୦୨୫-୨୬ ସେପ୍ଟେମ୍ବର ସୁଦ୍ଧା ୧୧୪ଟି ହାତୀଙ୍କ ପ୍ରାଣ ଯାଇଛି। ଏହି ହାତୀଙ୍କ ମଧ୍ୟରୁ ୬ଟି ଶିକାରୀଙ୍କ ଶିକାର ହୋଇଥିବା ବେଳେ ବିଦ୍ୟୁତ ଆଘାତରେ ୪୨ଟି, ରେଳ ଦୁର୍ଘଟଣାରେ ୪ଟି, ବିଭିନ୍ନ ରୋଗରେ ୨୯ଟି, ପ୍ରାକୃତିକ କାରଣ ଯୋଗୁଁ ୧୭ଟି, ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ଟି ଓ ଅନ୍ୟାନ୍ୟ ଦୁର୍ଘଟଣା ଯଥା ପାହାଡ଼ରୁ ପଡ଼ି, ନଦୀନାଳରେ ପଡ଼ି, ନିଜ ଭିତରେ ଲଢ଼େଇ ଆଦିରେ ୧୩ ହାତୀଙ୍କ ଜୀବନ ଯାଇଛି ବୋଲି ବିଧାନସଭାରେ ବିଭାଗୀୟ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଥିଲେ।

# ୨୮୬୮ କିଗ୍ରା ଗଞ୍ଜେଇ ଜବତ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ନିଶାଦ୍ରବ୍ୟ କାରବାର ଉପରେ କଟକଣା ଲଗାଇବା ସକାଶେ ବିଭିନ୍ନ ସମୟରେ ଓଡ଼ିଶା ପୁଲିସ୍ ଚଢ଼ାଉ କରୁଥିବା ବେଳେ ଏହି କ୍ରମରେ ଗତ ୧୫ରୁ ୨୦ ତାରିଖ ମଧ୍ୟରେ ତିନି ଜିଲ୍ଲାର ପୁଲିସ୍ ମୋଟ ୨୮୬୮ କିଗ୍ରା ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛି। ବୌଦ୍ଧ, ମାଲକାନଗିରି ଓ ଗଜପତି ଜିଲ୍ଲା ପୁଲିସ ପକ୍ଷରୁ ନିଶା କାରବାର ବିରୋଧରେ ଅଭିଯାନକୁ ଜୋରଦାର କରାଯାଇଛି। ବୌଦ୍ଧ ଜିଲ୍ଲା ପୁଲିସ୍ କଣ୍ଟାମାଳ ଥାନା ଓ ମଡେଲ ଥାନାଞ୍ଚଳରୁ ୧୬୦୦ କିଗ୍ରା ଗଞ୍ଜେଇ ଜବତ କରିଥିବା ବେଳେ ଆଜି ଗଜପତି ଜିଲ୍ଲା ପୁଲିସ ଅଡ଼ବା ଥାନା ଅନ୍ତର୍ଗତ ରାଜପୁର ଓ ମୋହନାଗୁଡ଼ି ଗ୍ରାମରେ ଚଢ଼ାଉ କରି ମୋଟ ୭୨୫ କିଗ୍ରା ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏଥିସହ ପୁଲିସ୍ ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଗାଡ଼ି ଓ ବେପାରୀଙ୍କ ମୋବାଇଲ୍ ଫୋନ୍ ଜବତ କରିଛି। ବେପାରୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଆହୁରି ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଚିତ୍ରକୋଣ୍ଡା, ଓରକେଲ ଓ କାଲିମେଳା ଥାନାଞ୍ଚଳରେ ଚଢ଼ାଉ କରାଯାଇ ମୋଟ ୫୪୩ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଏଥିସହ ପୁଲିସ୍ ପ୍ରଶାସନ ୮ ଏକର ଜମିରୁ ବେଆଇନ ଗଞ୍ଜେଇ ଚାଷକୁ କାଟି ନଷ୍ଟ କରିଦେଇଥିବା ଜଣାପଡ଼ିଛି।

## ଗଛରେ ପିଟି ହେଲା କାର୍, ଡାକ୍ତର ମୃତ

ଜୁନାଗଡ଼,୨୦।୩(ସଂଚାର ବ୍ୟୁରୋ): ଜୁନାଗଡ଼ ବଳଦିଆମାଳ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୮ଟା ସମୟରେ ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଘଟି ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଟ୍ରକକୁ ଜୋରଦାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କାରରେ ବସିଥିବା ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ଜୁନାଗଡ଼ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଅନୁଯାୟୀ, କାର ଡ୍ରାଇଭର ଗାଡ଼ି ଚଳାଉଥିବା ବେଳେ ଡାକ୍ତର ପ୍ରଧାନ ଆଗ ସିଟ୍‌ରେ ବସିଥିଲେ। ଡାକ୍ତର ପ୍ରଧାନ ଭବାନୀପାଟଣାରୁ ଧର୍ମଗଡ଼ରେ ଥିବା ନିଜ କ୍ଲିନିକକୁ ରୋଗୀ ଦେଖିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।



## ମହାବୀର କମ୍ପ୍ଲେକ୍ସରେ ଜଳିଗଲା ୭ ଦୋକାନ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ପୁଣି ଭୁବନେଶ୍ୱରର ଏକ ମାର୍କେଟ କମ୍ପ୍ଲେକ୍ସରେ ଲାଗିଛି ନିଆଁ। ଲିଙ୍ଗିପୁର ପରେ ସିଆରପି ଛକ ନିକଟରେ ଥିବା ମହାବୀର ମାର୍କେଟ କମ୍ପ୍ଲେକ୍ସରେ ନିଆଁ ଲାଗି ୭ରୁ ଅଧିକ ଦୋକାନ ଘର ଜଳିପୋଡ଼ି ଛାରଖାର ହୋଇଯାଇଛି। ଖବର ପାଇ ୪ଟି ଦମକଳ ଗାଡ଼ି ଘଟଣସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡର ଠୋସ୍ କାରଣ ଅସ୍ପଷ୍ଟ ରହିଥିଲେ ହେଁ ଏହା ଶର୍ଟ ସର୍କିଟ୍‌ଜନିତ ବୋଲି ସନ୍ଦେହ କରାଯାଉଛି। ନିଆଁ ଲାଗିବା ଫଳରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ବାରମ୍ବାର ମାର୍କେଟ କମ୍ପ୍ଲେକ୍ସରେ ନିଆଁ ଲାଗିବା ଅଗ୍ନିଶମ ବାହିନୀର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୫ ବର୍ଷରେ ୧୫ ହଜାର କିମି ରାସ୍ତା ଉନ୍ନତି ଲକ୍ଷ୍ୟ

### ପୂର୍ତ୍ତ ବିଭାଗ ପାଇଁ ୧୩,୪୫୧ କୋଟିର ବ୍ୟୟ ବରାଦ



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ତ୍ତ ବିଭାଗର ବଜେଟ୍ ଉପସ୍ଥାପନ କରିଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ବ୍ୟୟ ବାବଦରେ ୨୭୨୫ କୋଟି ଟଙ୍କା ଏବଂ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୭୨୬ କୋଟି ଟଙ୍କା ଅଟକଳ କରାଯାଇଛି। ପୂର୍ତ୍ତ ବିଭାଗ ପାଇଁ ମୋଟ ୧୩ ହଜାର ୪୫୧ କୋଟି ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଛି। ପୂର୍ତ୍ତ ବିଭାଗ ୫ ବର୍ଷ ମଧ୍ୟରେ ୧୫ ହଜାର କିମି ବିଶ୍ୱସ୍ତରୀୟ ରାସ୍ତା ନେଟୱାର୍କ ନିର୍ମାଣ କରିବାକୁ ଯୋଜନା କରିଛି। ୨୦୨୫-୨୬ ମଧ୍ୟରେ ରାଜଧାନୀର ଭିଡ଼ ହ୍ରାସ ଯୋଜନା ଅଧୀନରେ ବିକାଶ ପାଇଁ ଭୁବନେଶ୍ୱରରେ ୩୭ଟି ରାସ୍ତା ସହ ମାଷ୍ଟର ପ୍ଲାନକୁ ଅନୁମୋଦନ କରାଯାଇଛି। ଉତ୍ତମ ସଡ଼କ ସଂଯୋଗୀକରଣ ପାଇଁ ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ ମାନକରେ ଉନ୍ନତ କରିବା କାର୍ଯ୍ୟକ୍ରମ ରହିଛି। ସଡ଼କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ୪ ଲେନ୍ ମାନକ ରାସ୍ତା, ଶିଳ୍ପ କ୍ଲଷ୍ଟର ଓ ଖଣି କ୍ଷେତ୍ରକୁ ୬ ଲେନ୍ ରାସ୍ତା, ବନ୍ଦର, ରେଳ ଷ୍ଟେସନ ଓ ବିମାନବନ୍ଦରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ୪ ଲେନ୍‌ରେ ସଂଯୋଗ କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ଦକ୍ଷିଣରୁ ଉତ୍ତରକୁ ସଂଯୋଗ କରିବା ପାଇଁ ପ୍ରାୟ ୧୫ ହଜାର କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ୯୬୯ କିମି ଦୀର୍ଘ ମୋଟୁ-ତିରିଙ୍ଗି ରାସ୍ତାର ବିକାଶ କରାଯିବ। ଝାରସୁଗୁଡ଼ା-ସମ୍ବଲପୁରର ଶିଳ୍ପ ଓ ଖଣି ଅଞ୍ଚଳକୁ ଉପକୂଳବର୍ତ୍ତୀ ସହର ବାଲେଶ୍ୱର ଓ ଧାମରା ବନ୍ଦର ସହ ସଂଯୋଗ କରିବା ପାଇଁ ପ୍ରାୟ ୭୫୦୦ କୋଟି ଟଙ୍କା ବ୍ୟୟରେ ୩୮୩ କିମି ଦୀର୍ଘ ଝାରସୁଗୁଡ଼ା-ବାଲେଶ୍ୱର ରାସ୍ତାର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଜିଦ୍‌ରେ ଅଟଳ ବିରୋଧୀ ଓ ଶାସକ ଦଳ

- ଚତୁର୍ଥ ଦିନ ପାଇଁ ବିଧାନସଭା ଅଚଳ
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡି-କଂଗ୍ରେସ
- ବିନା ବିରୋଧୀରେ ପାସ୍ ହେଉଛି ଖର୍ଚ୍ଚ ଦାବି



ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): କଟକ ଏସସିବି ଅଗ୍ନିକାଣ୍ଡ ଘଟଣାରେ କ୍ରମାଗତ ଭାବେ ଚତୁର୍ଥ ଦିନ ପାଇଁ ଗୃହରେ ହଟ୍ଟଗୋଳ କରିଛନ୍ତି ବିରୋଧୀ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରି ଶୁକ୍ରବାର ମଧ୍ୟ ବିରୋଧୀ ଦଳର ସଦସ୍ୟମାନେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିନାହାନ୍ତି। ଅଗ୍ନିକାଣ୍ଡ ଘଟଣାରେ ସରକାର ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୪ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ମଧ୍ୟ ଏହା ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଆଜି ମଧ୍ୟ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ କରିବା ସକାଶେ ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ତାହା ପୁଣିଥରେ ଫେଲ ମାରିଛି। ପ୍ରଶ୍ନକାଳ, ଶୂନ୍ୟକାଳ ତ ଧୋଇଗଲା, ଅପରାହ୍ନ ଅଧିବେଶନରେ ବିରୋଧୀ ଗୃହ ବର୍ଜନ କରିଥିଲେ। ବିନା ବିରୋଧୀ ଦଳରେ ସରକାରୀ ଦଳ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା କରି ଏହାକୁ ଗୃହୀତ କରାଇନେଇଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭରୁ ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ଅନ୍ୟ ଏକ ପ୍ରଶ୍ନର ଉତ୍ତର ଉଚ୍ଚ ଶିକ୍ଷାମନ୍ତ୍ରୀ ରଖିଥିବା ବେଳେ ବିରୋଧୀଙ୍କ ହୋହାଲ୍ଲା କାରଣରୁ ଏହା ସ୍ପଷ୍ଟ ଶୁଣାଯାଉ ନ ଥିଲା। ହୋହାଲ୍ଲା ମଧ୍ୟରେ ବାଚସ୍ପତି ଗୃହ ଚଳାଇବାକୁ ପ୍ରୟାସ କରିଥିବା ବେଳେ ବିରୋଧୀ ନିଜର ହଟ୍ଟଗୋଳକୁ ତୀବ୍ର କରିଥିଲେ। ବିଜେଡି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ବ୍ୟୋମକେଶ ରାୟ, ପ୍ରଦୀପ ସାହୁ, କଂଗ୍ରେସ ବିଧାୟକ ମଙ୍ଗୁ ଖିଲ, ନୀଳମାଧବ ହିକକା, ପବିତ୍ର ସାଉନ୍ତା ପ୍ରମୁଖ ଉଭୟ ପାର୍ଶ୍ୱରୁ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାକୁ ଉଦ୍ୟମ କରୁଥିବା ବେଳେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଅଟକାଇଥିଲେ। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ୧୦ଟା ୫୨ରୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ଗୃହକାର୍ଯ୍ୟ ପୁଣିଥରେ ଆରମ୍ଭ ହେବା ମାତ୍ରେ ସମାନ ପରିସ୍ଥିତି ଜାରି ରହିଥିଲା। ଗୃହରେ ବିରୋଧୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରିପୋର୍ଟର୍ସ ଟେବୁଲରେ ଚଢ଼ି ପୋଷ୍ଟର ଦେଖାଇବା ସହ ସ୍ଲୋଗାନ ଦେଇଥିଲେ।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କ ଏଭଳି ଆଚରଣକୁ ତୀବ୍ର ନିନ୍ଦା କରିଥିଲେ। ଏସସିବି ଅଗ୍ନିକାଣ୍ଡ ଭଳି ଦୁଃଖଦ ଘଟଣାରେ ସରକାର ତୁରନ୍ତ ପ୍ରତିକ୍ରିୟାଶୀଳ ହୋଇଥିଲେ। ଦୁଇ ଦିନ ମଧ୍ୟରେ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। ଦୁଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏଭଳି ଦୁଃଖଦ ଘଟଣାରେ ରାଜନୀତି ନକରି ବିରୋଧୀ ଦଳ ଆଲୋଚନାକୁ ଆସନ୍ତୁ ବୋଲି ବିଜେପି ବିଧାୟକ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ।

## ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

ପୋଲସରା,୨୦।୩(ସଂଚାର ବ୍ୟୁରୋ): ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ହୋଇଛି। ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ଦୁଇ ଜଣ ଦୁର୍ବୃତ୍ତ ହାଣିଦେବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଆକ୍ରମଣ ପରେ ଉକ୍ତ ଦୁଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଆହତ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ରାଣିପଡ଼ା ଗାଁର ଶିବାଜୀ ବରାଡ଼ଙ୍କୁ ପ୍ରଥମେ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲସରା ଥାନା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar | ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash | ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଜୋମାଟୋ ପ୍ଲାଟଫର୍ମ ଫି’ ୧୪.୯୦ ଟଙ୍କାକୁ ବୃଦ୍ଧି




ନୂଆଦିଲ୍ଲୀ, ୨୦।୩ଃ ପ୍ଲାଟଫର୍ମ ଫି ବଢ଼ାଇଲା ଫୁଡ୍ ଡେଲିଭରି ପ୍ଲାଟଫର୍ମ ଜୋମାଟୋ। ଆପରେ ଉପଲବ୍ଧ ବିବରଣୀ ଅନୁସାରେ, ପ୍ରତି ଅର୍ଡର ପାଇଁ ଏହା ୟୁଜରଙ୍କଠାରୁ ନେଉଥିବା ପ୍ଲାଟଫର୍ମ ଫିକୁ ୨.୪୦ ଟଙ୍କାକୁ ବୃଦ୍ଧି କରିଛି। ପ୍ରି GST ଆଧାରରେ ପ୍ଲାଟଫର୍ମ ଫି ବର୍ତ୍ତମାନ ପ୍ରତି ଅର୍ଡର ପାଇଁ ୧୪.୯୦ ଟଙ୍କା ହୋଇଛି, ଯାହା ପୂର୍ବରୁ ୧୨.୫୦ ଟଙ୍କା ଥିଲା। ସେପ୍ଟେମ୍ବର ୨୦୨୫ରେ ଜମାଟୋ ଶେଷ ଥର ପାଇଁ ପ୍ଲାଟଫର୍ମ ଫି ବଢ଼ାଇଥିଲା। ଆଉ ଏବେ ୫ ମାସ ପରେ ଦ୍ୱିତୀୟ ଥର ପାଇ ଫି ବୃଦ୍ଧି କରିଛି।

ଜମାଟୋରେ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ସ୍ୱିଗି ମଧ୍ୟ ଏହା ଠାରୁ ଅଧିକ ପ୍ଲାଟଫର୍ମ ଫି ନେଉଛି। ଟିକସ ମିଶାଇବା ପରେ ସ୍ୱିଗି ବର୍ତ୍ତମାନ ପ୍ରତି ଅର୍ଡର ପାଇଁ ୧୪.୯୯ ଟଙ୍କା ପ୍ଲାଟଫର୍ମ ଶୁଳ୍କ ନେଉଛି। ଯଦିଓ ଉଭୟ କମ୍ପାନୀ ପ୍ଲାଟଫର୍ମ ଫି ପାଇଁ ସମାନ ମୂଲ୍ୟ ଧାରା ଅନୁସରଣ କରନ୍ତି, ତେବେ ଜୋମାଟୋ ଠାରୁ ସ୍ୱିଗି ୯ ପଇସା ଅଧିକ ପ୍ଲାଟଫର୍ମ ଫି ନେଉଛି।

ବର୍ତ୍ତମାନ ଭାରତର ଫୁଡ୍ ଡେଲିଭରି ମାର୍କେଟ୍ରେ କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ୁଥିବା ବେଳେ ଅର୍ବାନ୍ ମୋବିଲିଟି ଷ୍ଟାର୍ଟଅପ୍ ରାପିଡୋ ସମ୍ପ୍ରତି ବେଙ୍ଗାଲୁରୁରେ ଏହାର ଖାଦ୍ୟ ବିତରଣ ସେବା, ଓନଲି, ଆରମ୍ଭ କରିଛି। କମ୍ପାନୀ କହିଛି ଯେ ଏହା ଗ୍ରାହକ କିମ୍ବା ରେଷ୍ଟୁରାଣ୍ଟଠାରୁ ଡେଲିଭରି ଫି ବ୍ୟତୀତ କୌଣସି ଅତିରିକ୍ତ ଶୁଳ୍କ ନେବ ନାହିଁ। ତେଣୁ ଆଗକୁ ଏ ଦିଗରେ ଆହୁରି ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ରାପିଡୋର ଏହି ପଦକ୍ଷେପ ସ୍ୱିଗି ଜୋମୋଟା ଭଳି ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ଚାପ ସୃଷ୍ଟି କରିପାରେ। ବିଶେଷକରି ଗ୍ରାହକମାନେ ଫୁଡ ଡେଲିଭରି ଅର୍ଡରରେ ଯୋଡା ଯାଇଥିବା ବିଭିନ୍ନ ଶୁଳ୍କକୁ ଦେଖି ହୁଏତ ରାପିଡୋ ମୁହାଁ ହୋଇପାରନ୍ତି।

ସେପଟେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବଢ଼ିବା ଶୁକ୍ରବାର(ମାର୍ଚ୍ଚ ୨୦) ଦେଶରେ ପ୍ରିମିୟମ ଅର୍ଥାତ ପାୱାର ପେଟ୍ରୋଲର ଦାମ୍ ବଢ଼ିଛି। ସୂଚନା ଅନୁସାରେ, ପ୍ରମିୟିମ ପେଟ୍ରୋଲର ଦାମରେ ଲିଟ ପ୍ରତି ୨ ଟଙ୍କା ୩୦ ପଇସା ବୃଦ୍ଧି ପାଇଛି। ପେଟ୍ରୋଲ ଡିଲର ଏନେଇ ସ୍ପଷ୍ଟ କରିଥିବା CNBC ଆୱାଜର ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ବର୍ତ୍ତମାନ ଏହି ଦାମ୍ କେବଳ ପାୱାର ପେଟ୍ରୋଲ ଦାମରେ ଲାଗୁ ହେବ, ତେବେ ରେଗୁଲାର ପେଟ୍ରୋଲ ଦାମ ବଢ଼ି ନାହିଁ। ତେବେ ଆଗକୁ ଉଚ୍ଚ ଇନ୍ଧନ ମୂଲ୍ୟ ଡେଲିଭରି କାର୍ଯ୍ୟକୁ ପ୍ରଭାବିତ କରିପାରେ, ଯାହା ପ୍ଲାଟଫର୍ମ ସହିତ ଜଡିତ ରେଷ୍ଟୁରାଣ୍ଟ ଏବଂ ଡେଲିଭରି ପାର୍ଟନର ଉଭୟଙ୍କୁ ପ୍ରଭାବିତ କରିପାରେ। ଗ୍ରାହକଙ୍କୁ ପ୍ରତି ଅର୍ଡର ପାଇଁ ଅଧିକ ଟାଙ୍କା ଦେବାକୁ ପଡ଼ିପାରେ। ତେବେ ବର୍ତ୍ତମାନ ଗ୍ୟାସ୍ ସଂକଟ ଜାରି ରହିଥିବା ବେଳେ ଦେଶରେ ୫୦ ପ୍ରତିଶତରୁ ଅଧିକ ରେଷ୍ଟୁରାଣ୍ଟ ଓ ଉଠାଦୋକାନୀମାନେ ଖାଦ୍ୟ ଦାମ ବୃଦ୍ଧି କରିଛନ୍ତି ବୋଲି ଲୋକାଲ ସାରକଲ ସର୍ଭେରୁ ଜଣାପଡ଼ିଛି।



# ଉଛୁଳିଲା ପୁଞ୍ଜି ବଜାର, ସେୟାର ମାର୍କେଟ୍ ଉପରମୁହାଁ

ନୂଆଦିଲ୍ଲୀ, ୨୦।୩ଃଗୁରୁବାର ଭୁଶୁଡ଼ି ପଡ଼ିଥିବା ସେୟାର ମାର୍କେଟ୍ ଶୁକ୍ରବାର ଉପରମୁହାଁ ହୋଇଛି। ସେନସେକ୍ସ ପ୍ରାୟ ୧ ହଜାର ପଏଣ୍ଟ ବଢିଥିବା ବେଳେ ନିଫ୍ଟିରେ ୩୦୦ ପଏଣ୍ଟ ବୃଦ୍ଧି ହୋଇଛି। ଗୁରୁବାର ସେନସେକ୍ସ ୭୪ ହଜାର ୨୦୦ରେ ବନ୍ଦ ହୋଇଥିବା ବେଳେ ଆଜି ୭୫ ହଜାର ୧୨୦.୨୨ରେ ବ୍ୟବସାୟ କରୁଛି। ସେହିପରି ନିଫ୍ଟି ୨୮୫ ପଏଣ୍ଟ ବଢି ୨୩୨୮୫ ରେ କାରବାର କରୁଛି। ପୁଞ୍ଜି ବଜାର ଉଛୁଳିବା ଯୋଗୁଁ ଅଟୋ, ବ୍ୟାଙ୍କିଂ, ଆଇଟି, ମେଟାଲ, ରିୟଲ ଇଷ୍ଟେଟ୍, ଫାର୍ମା, କେମିକାଲ, ଏବଂ ଏନର୍ଜି ସେକ୍ଟରର ସେୟାର ବଢ଼ିଛି। ବଜାର ବର୍ତ୍ତମାନ ସକାରାତ୍ମକ ଅଛି, ନିଫ୍ଟି ମିଡକ୍ୟାପ୍ ୧୦୦ରେ ୧.୫୨ ପ୍ରତିଶତ ଏବଂ ନିଫ୍ଟି ସ୍ମଲକ୍ୟାପ୍ ୧୦୦ରେ ୦.୮୯ ପ୍ରତିଶତ ବୃଦ୍ଧି ପାଇଛି। ବିଏସଇ ଟପ୍ ୩୦ରେ ଏଚଡିଏଫସି ଏବଂ ବାଜାଜ ଫାଇନାନ୍ସ ଛାଡ଼ି ବାକି ସବୁ ସେୟାରରେ ବୃଦ୍ଧି ହୋଇଛି। ଟାଟା ଷ୍ଟିଲରେ ସବୁଠୁ ଅଧିକ ଲାଭ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୟାବହତା ମଧ୍ୟରେ ଅଶୋଧିତ ତୈଳ ଦରରେ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ଯୋଗୁଁ ବୈଶ୍ୱିକ ବଜାର ଏବେ ସ୍ଥିର ରହିଛି। ଗୁରୁବାର ଅଶୋଧିତ ତୈଳ ଏନର୍ଜି ପ୍ଲାଣ୍ଟରେ ଆକ୍ରମଣ ଯୋଗୁଁ ତୈଳ ଦର ବ୍ୟାରେଲ ପିଛା ୧୧୯.୧୩ ଡଲାରରେ ପହଞ୍ଚିଥିଲା। ହେଲେ ଆଜି ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ ପିଛା ୧୦୭ ଡଲାର ରହିଛି।୨- ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତନ୍ୟାହୁ କହିଛନ୍ତି ଯେ, ହୋର୍ମୁଜ୍ ଜଳପଥ ଖୋଲିବା ପାଇଁ ଆମେରିକାକୁ ସମର୍ଥନ କରିବେ। ଇରାନୀ ତୈଳ ଏବଂ ଗ୍ୟାସ୍ ଠିକଣା ଉପରେ ଆକ୍ରମଣ ହେବ ନାହିଁ। ଖୁବଶୀଘ୍ର ଯୁଦ୍ଧ ସରିବ।୩-ଗୁରୁବାର ଦିନ ଆମେରିକାର ଷ୍ଟକ୍ ମୂଲ୍ୟ ହ୍ରାସ ପାଇ ବନ୍ଦ ହୋଇଥିଲା, କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ବୟାନ ପରେ ଏହା ରିକୋଭରି ହୋଇଛି। ଆଜି ଏସୀୟ ବଜାରରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହେଉଛି।

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ଆସିପାରୁନି ଏଲ୍ଏନ୍ଜି



କଟକ, ୨୦।୩ଃମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏଲପିଜି ସଙ୍କଟ। ଦେଶକୁ ଆସିପାରୁନି ଏଲ୍ଏନ୍ଜି(ଲିକ୍ୟୁଫାଏଡ୍ ନାଚୁରାଲ୍ ଗ୍ୟାସ୍)। ସେରାମିକ୍ ଟାଇଲ୍ସ ଦର ୨୦ ପ୍ରତିଶତ ବୃଦ୍ଧି। ବଡ଼ବଡ଼ କାରଖାନା ପ୍ରଭାବିତ। ଟାଇଲ୍ସ ପ୍ରସ୍ତୁତିରେ ଏଲ୍ଏନ୍ଜି ବ୍ୟବହାର ହୋଇଥାଏ। ଦେଶକୁ ଏଲ୍ଏନ୍ଜି ଆସିନପାରିବାରୁ ସେରାମିକ୍ ଟାଇଲ୍ସ ପ୍ରସ୍ତୁତ ହୋଇପାରୁନି। ଫଳରେ ଏହାର ଦର ଚଳିତ ସପ୍ତାହରୁ ବଢ଼ିବାରେ ଲାଗିଛି। କଟକ-ଭୁବନେଶ୍ୱରରେ ଥିବା ସେରାମିକ୍ ଟାଇଲ୍ସର ବ୍ୟବସାୟୀଙ୍କ ପକ୍ଷରୁ ଏଭଳି କିଛି ସୂଚନା ଦିଆଯାଇଛି।

ସେରାମିକ୍ସ ଟାଇଲ୍ସ ଗୁଡ଼ିକର ପ୍ରସ୍ତୁତି ଦୁଇଟି ପର୍ଯ୍ୟାୟରେ ହୁଏ। ପ୍ରଥମ ଢାଞ୍ଚାରେ ପକାଇବା ପରେ ତାକୁ ଶକ୍ତ ଓ ଚିକ୍କଣ କରିବା ପାଇଁ ଏକ ଉଚ୍ଚ ତାପମାତ୍ରା ଫର୍ଣ୍ଣେସ୍ରେ ରଖାଯାଏ। ଏହି ଫର୍ଣ୍ଣେସ ଗୁଡ଼ିକ କେବଳ ଏଲ୍ଏନ୍ଜିରେ ଚାଲିଥାଏ। ଏଲ୍ଏନ୍ଜି ବା ଲିକ୍ୟୁଫାଏଡ୍ ନାଚୁରାଲ୍ ଗ୍ୟାସ୍ ଜଳିବା ଯୋଗୁଁ କାର୍ବନ୍ ବା ଅଙ୍ଗାରକାମ୍ଳ କମ୍ ବାହାରିଥାଏ। ତେଣୁ ସାଜସଜ୍ଜାରେ ବ୍ୟବହୃତ ଟାଇଲ୍ସ ଗୁଡ଼ିକ ନିର୍ମାଣ ସଠିକ୍ ହୁଏ। ଏସବୁ କାରଖାନାକୁ ସରକାରଙ୍କ ପକ୍ଷରୁ ଏଲ୍ଏନ୍ଜି ଯୋଗାଣ କରାଯାଏ। ନିୟମ ଅନୁସାରେ ପ୍ରାୟ ୧ ସପ୍ତାହ ପର୍ଯ୍ୟନ୍ତ ଆବଶ୍ୟକୀୟ ଏଲ୍ଏନ୍ଜିକୁ କାରଖାନା ଗଚ୍ଛିତ ରଖିପାରିବେ। ତେବେ ଗତ ୨୮ ତାରିଖରେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରେ ଦେଶକୁ ଧିରେ ଧିରେ ଏଲ୍ଏନଜି ଯୋଗାଣ ବନ୍ଦ ହେଲା। ଦେଶକୁ ଆସୁଥିବା ଏଲ୍ଏନ୍ଜିର ୪୭ ପ୍ରତିଶତ କତରଦେଶରୁ ଓ ୧୩ ପ୍ରତିଶତ ୟୁଏଇରୁ ଆସେ। ୧୦ ପ୍ରତିଶତ ଆମେରିକାରୁ ଆସିଥାଏ। ତେବେ ଯୁଦ୍ଧ ପୂର୍ବରୁ କାରଖାନାରେ ଯାହା କିଛି ଷ୍ଟକ୍ ଥିଲା ସେସବୁ ସପ୍ତାହ ମଧ୍ୟରେ ଶେଷ ହୋଇଗଲା। ଏହା ପରେ କିଛି କାରଖାନାକୁ ଏଲ୍ଏନ୍ଜି ସଂପୂର୍ଣ୍ଣ ଯୋଗାଣ ବନ୍ଦ ହୋଇଯିବାରୁ ସେଠାରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ ଷ୍ଟକିଷ୍ଟ୍ ଓ ରିଟେଲ୍ ଷ୍ଟୋର୍କୁ ଟାଇଲ୍ସ ଯୋଗାଣ ମଧ୍ୟ କିଛି ମାତ୍ରାରେ କମିବାରୁ ତାର ଦର ବଢ଼ିବାରେ ଲାଗିଛି। ଉଭୟ ବ୍ରାଣ୍ଡେଡ୍ ବା ଅଧିକ ଦାମର ଟାଇଲ୍ସ ଓ କମ୍ ଦାମର ଟାଇଲ୍ସରେ ଦର ବଢ଼ିଛି। ପ୍ରତି ପ୍ୟାକେଟ୍ ପିଛା ୧୨ ପ୍ରତିଶତରୁ ୨୦ ପ୍ରତିଶତ ଦର ବଢ଼ିଛି। ଯଦି ସ୍ଥିତି ଏଭଳି ଲାଗି ରହେ, ତାହାଲେ ୧୫ଦିନରୁ ମାସେ ମଧ୍ୟରେ ଆହୁରି ଅଧିକ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଗୃହ ନିର୍ମାଣ କାମ ଜୋରଦାର ହେଉଛି। ବ୍ୟବସାୟୀଙ୍କ କହିବାନୁସାରେ ସାଧାରଣତଃ ଏହି ସମୟରେ ଟାଇଲ୍ସର ବିକ୍ରି ଅଧିକ ଥାଏ। ତେଣୁ କାଖାନାରେ ଉତ୍ପାଦନ କମ୍ ହେବା ଯୋଗୁଁ କିଛି କାରଖାନା ମାଲିକ ମଧ୍ୟ ଜାଣିଶୁଣି ବଜାରକୁ ଟାଇଲ୍ସ କମ୍ ମାତ୍ରାରେ ଛାଡୁଛନ୍ତି। ତେଣୁ ଦର ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ ବୋଲି ବ୍ୟବସାୟୀମାନେ ସୂଚନା ଦେଇଛନ୍ତି।

# ଏପ୍ରିଲରୁ ମହଙ୍ଗା ହେବ ବିଳାସପୂର୍ଣ୍ଣ କାର୍



ନୂଆଦିଲ୍ଲୀ, ୨୦।୩ଃ ଯଦି ଆପଣ ଏକ ବିଳାସପୂର୍ଣ୍ଣ କାର୍ କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କ ପକେଟ୍ ଉପରେ ଏହାର ଭାର ବଢ଼ିବାକୁ ଯାଉଛି। ଆସନ୍ତା ଏପ୍ରିଲ ୧ ତାରିଖରୁ ଭାରତୀୟ ବଜାରରେ ବିଏମଡବ୍ଲ୍ୟୁ, ମର୍ସିଡିଜ୍-ବେଞ୍ଜ୍ ଏବଂ ଅଡି ଭଳି ନାମୀଦାମୀ କମ୍ପାନିଗୁଡ଼ିକ ସେମାନଙ୍କ କାର୍‌ର ଦାମ୍ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। କମ୍ପାନି ଏହାର ବିଭିନ୍ନ ରେଞ୍ଜରେ ଏପ୍ରିଲ ୧ରୁ ୨% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଗୁରୁବାର ଘୋଷଣା କରିଛି। ଦୁର୍ବଳ ଟଙ୍କା ଏବଂ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଯୋଗୁ ଲକ୍ଜ୍ୟୁରୀ କାର ନିର୍ମାତାମାନେ ସେମାନଙ୍କ ଯାନଗୁଡ଼ିକର ଦରବୃଦ୍ଧି ଘୋଷଣା କରୁଛନ୍ତି। ଲଜିଷ୍ଟିକ୍ସ ଏବଂ କଞ୍ଚାମାଲ ଖର୍ଚ୍ଚ ବଢ଼ିବା ସହିତ ଆହ୍ୱାନ ପାଲଟିଛି ଦୁର୍ବଳ ଟଙ୍କା। ତେଣୁ ଏପ୍ରିଲ ପହିଲାରୁ ବିଭିନ୍ନ ରେଞ୍ଜ ଉପରେ ୨% ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି କହିଛନ୍ତି ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍। ମର୍ସିଡିଜ୍ ବେଞ୍ଜ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ସନ୍ତୋଷ ଆୟର କହିଥିଲେ ଯେ, ପ୍ରତି ତ୍ରୟମାସରେ କମ୍ପାନି ପ୍ରାୟ ୨% ଦର ବଢ଼ାଇବାକୁ ଯୋଜନା ରହିଛି। ଅଡି ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ବଲବୀର ସିଂହ ଧୀଲୋନ୍ କହିଛନ୍ତି ଯେ, ଏପ୍ରିଲ ପହିଲାରୁ ଦର ୨% ପର୍ଯ୍ୟନ୍ତ ବଢ଼ିବ। ଗୁରୁବାର ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି ଯେ, କମ୍ପାନି ଏହାର ବିଏମଡବ୍ଲ୍ୟୁ ଏବଂ ମିନି ମଡେଲଗୁଡ଼ିକର ଦରରେ ୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବ। ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ତଥା ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି ଯେ, "ବଢ଼ୁଥିବା ଲଜିଷ୍ଟିକ୍ସ ଖର୍ଚ୍ଚ, କଞ୍ଚାମାଲର ଦାମ୍ ଏବଂ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଆମେ ଏହି ଦର ବୃଦ୍ଧି କରିବାକୁ ବାଧ୍ୟ ହେଉଛୁ।" ସୂଚନାଯୋଗ୍ୟ ଯେ, ଭାରତରେ ବିଏମଡବ୍ଲ୍ୟୁ କାର୍‌ର ମୂଲ୍ୟ ୪୫.୩୦ ଲକ୍ଷରୁ ଆରମ୍ଭ କରି ୨.୫୮ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ଅଡି ଇଣ୍ଡିଆ ମଧ୍ୟ ଏପ୍ରିଲ ୧ରୁ ସମସ୍ତ ମଡେଲ୍ ଉପରେ ୨% ଦର ବୃଦ୍ଧି ଲାଗୁ କରିବ। ଅଡି ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ବଲବୀର ସିଂହ ଧୀଲୋନ୍ କହିଛନ୍ତି ଯେ କଞ୍ଚାମାଲ ଖର୍ଚ୍ଚ ବୃଦ୍ଧି ଏହାର ମୁଖ୍ୟ କାରଣ। କମ୍ପାନି ପ୍ରତି ତ୍ରୟମାସରେ ପ୍ରାୟ ୨% ଦର ବୃଦ୍ଧି କରିବାକୁ ଯୋଜନା ରଖିଛି। ୟୁରୋ ତୁଳନାରେ ଟଙ୍କାର ମୂଲ୍ୟ କମିବା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କମ୍ପାନିର ସେଲ୍ସ ଆଣ୍ଡ ମାର୍କେଟିଂ ଭାଇସ ପ୍ରେସିଡେଣ୍ଟ ବ୍ରେଣ୍ଡନ ସିସିଙ୍ଗ୍ ସୂଚନା ଦେଇଛନ୍ତି। ବିଳାସପୂର୍ଣ୍ଣ କାର୍ ମହଙ୍ଗା ହେବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ବୈଦେଶିକ ମୁଦ୍ରା ବଜାରରେ ଭାରତୀୟ ଟଙ୍କାର ଦୁର୍ବଳ ସ୍ଥିତି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ରେକର୍ଡ ସ୍ତରକୁ ଖସି ୯୩.୩୫ ରେ ପହଞ୍ଚିଛି। ଭାରତରେ ବିକ୍ରି ହେଉଥିବା ଅଧିକାଂଶ ଲକ୍ଜ୍ୟୁରୀ କାର୍ କିମ୍ବା ସେଗୁଡ଼ିକର ଯନ୍ତ୍ରାଂଶ ଜର୍ମାନୀ ଏବଂ ବ୍ରିଟେନରୁ ଆମଦାନୀ କରାଯାଏ। ଡଲାର ଏବଂ ୟୁରୋ ମହଙ୍ଗା ହେବା ଫଳରେ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇଛି। ପଶ୍ଚିମ ଏସିଆରେ ଲାଗିରହିଥିବା ଉତ୍ତେଜନା ଯୋଗୁଁ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଲଜିଷ୍ଟିକ୍ସ (ପରିବହନ) ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ପରେ ଆସନ୍ତା ମାସରୁ ପ୍ରିମିୟମ୍ କାର୍ କିଣିବା ଗ୍ରାହକଙ୍କ ପାଇଁ ଆହୁରି ବ୍ୟୟବହୁଳ ହେବ।

# ଫୋନ୍‌ରେ ଆଧାର ଆପ୍ ଭର୍ତ୍ତି କରିବା ଫନ୍ଦି




ନୂଆଦିଲ୍ଲୀ, ୨୦।୩ଃସରକାରୀ ଆପ୍‌କୁ ଫୋନ୍‌ରେ ଆଗୁଆ ଇନଷ୍ଟଲ୍ କରାଇବାକୁ କେନ୍ଦ୍ର ସରକାର ଜୋରଦାର ଉଦ୍ୟମ କରୁଛନ୍ତି। ପ୍ରତି ଥର ତାହାକୁ କଡ଼ା ବିରୋଧ କରାଯିବା ପରେ ସରକାର ନିଷ୍ପତ୍ତି ପ୍ରତ୍ୟାହାର କରୁଛନ୍ତି। କିନ୍ତୁ ସେହି ଧାରା ବନ୍ଦ ହେଉନାହିଁ। ଆଉ ଏକ ସରକାରୀ ଆପ୍‌କୁ ଫୋନ୍‌ରେ ଆଗୁଆ ଇନଷ୍ଟଲ୍ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ତାହା ହେଉଛି ଆଧାର ଆପ୍। ସେହି ପ୍ରସ୍ତାବକୁ ଫୋନ୍ ନିର୍ମାତାମାନେ କଡ଼ା ବିରୋଧ କରୁଛି। ଆଧାର ହେଉଛି ଦେଶର ବାୟୋମେଟ୍ରିକ୍ ପରିଚୟପତ୍ର। ଆଧାର କାର୍ଡ ଜାରି କରୁଥିବା ସଂସ୍ଥା ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପକ୍ଷରୁ ଗତ ଜାନୁଆରି ୧୩ରେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ ଏକ ପତ୍ର ଲେଖି ଫୋନ୍‌ଗୁଡ଼ିକରେ ଆଧାର ଆପ୍‌କୁ ଆଗୁଆ ଇନଷ୍ଟଲ୍ କରିବାର ସମ୍ଭାବନା ବିଷୟରେ ଗୁଗୁଲ୍, ଆପଲ୍ ଓ ଅନ୍ୟ ଅଗ୍ରଣୀ ଫୋନ୍ ନିର୍ମାତାଙ୍କ ସହ ଆଲୋଚନା କରିବାକୁ କୁହାଯାଇଥିଲା। ଯଦିଓ ଏହାର ଏକ ସିଧାସଳଖ ନିର୍ଦ୍ଦେଶ ନୁହେଁ, କିନ୍ତୁ ଗଳାବାଟରେ ସରକାର ଆଧାର ଆପ୍‌କୁ ଫୋନ୍‌ରେ ଭର୍ତ୍ତି କରିବାକୁ ଚାହୁଁଛନ୍ତି। ତାହା ଜରିଆରେ ସରକାର ଗୁଇନ୍ଦାଗିରି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। କିନ୍ତୁ, ଫୋନ୍ ନିର୍ମାତାମାନଙ୍କ ଅଲଗା ସମସ୍ୟା ରହିଛି। ସେମାନେ କହୁଛନ୍ତି ଯେ ଆଧାର ଆପ୍‌କୁ ଆଗୁଆ ଇନଷ୍ଟଲ୍ କଲେ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ିଯିବ ଓ ଫୋନ୍‌ର କାର୍ଯ୍ୟଦକ୍ଷତା ହ୍ରାସ ପାଇବ। ସେମାନେ କହିଛନ୍ତି ଯେଏହି ପ୍ରସ୍ତାବ ଫୋନ୍ ବ୍ୟବହାରକାରୀମାନଙ୍କ ବ୍ୟକ୍ତିଗତ ଗୋପନୀୟତା ସହ ସିଧାସଳଖ ସମ୍ପର୍କିତ ଥିବାରୁ ଆପଲ୍ ଓ ସାମସଙ୍ଗ ଉକ୍ତ ପ୍ରସ୍ତାବକୁ କଡ଼ା ବିରୋଧ କରୁଛନ୍ତି। କୌଣସି ଭାରତୀୟ ସରକାରୀ ଆପ୍‌କୁ ଫୋନ୍‌ରେ ଆଗୁଆ ଇନଷ୍ଟଲ୍ କରାଇବାର ଅର୍ଥ ହେଉଛି ସେଗୁଡ଼ିକୁ ଅଲଗା ତିଆରି କରିବା। ଯେଉଁ ବ୍ୟବସ୍ଥାରେ ରପ୍ତାନି ଉଦ୍ଦେଶ୍ୟରେ ଫୋନ୍ ନିର୍ମାଣ କରାଯାଉଛି, ସେଥିରେ ଏହି ଫୋନ୍‌ଗୁଡ଼ିକୁ ତିଆରି କରାଯାଇପାରିବ ନାହିଁ। ଭାରତ ସ୍ୱତନ୍ତ୍ର ଫୋନ୍ ତିଆରି କରିବାକୁ ଅଲଗା ବ୍ୟବସ୍ଥା କରିବାକୁ ହେବ। ସେଥିପାଇଁ ବିପୁଳ ପୁଞ୍ଜିନିବେଶ ଦରକାର। ସେମାନେ ଏହା ମଧ୍ୟ କହିଛନ୍ତି ଯେ ରୁଷ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ଦେଶ ସରକାରୀ ଆପ୍ ଆଗୁଆ ଇନଷ୍ଟଲ୍ କରିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। ଜାନୁଆରି ମାସରେ ଆଧାର ଆପ୍ ଉନ୍ମୋଚନ କରାଯାଇଥିଲା। ତାହା ଜରିଆରେ ଗ୍ରାହକମାନେ ବ୍ୟକ୍ତିଗତ ବିବରଣୀ ଅପ୍‌ଡେଟ୍ କରିବା ଓ ନିଜର ବାୟୋମେଟ୍ରିକ୍ ତଥ୍ୟ ଲକ୍ କରିବାର ସୁବିଧା ପାଉଛନ୍ତି। ସେଥିପାଇଁ ଲୋକମାନଙ୍କୁ ସେହି ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଆଧାର ହେଉଛି ଏକ ୧୨ ସଂଖ୍ୟା ବିଶିଷ୍ଟ ସ୍ୱତନ୍ତ୍ର ପରିଚୟ ନମ୍ବର ଓ ସେଥିରେ ଟିପ ଚିହ୍ନ ଓ ନେତ୍ର ପିତୁଳାର ସ୍କାନ ଭଳି ବାୟୋମେଟ୍ରିକ୍ ତଥ୍ୟ ରହିଛି। ବ୍ୟାଙ୍କଠାରୁ ଆରମ୍ଭ କରି ଟେଲିକମ୍ ସେବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପ୍ରମାଣୀକରଣ କାର୍ଯ୍ୟରେ ତାହା ବ୍ୟବହାର କରାଯାଉଛି। ଆଧାର ଡାଟାବେସ୍ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସରକାର ଦାବି କରୁଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ସେହି ତଥ୍ୟ ଲିକ୍ ହେଉଥିବା ଖବର ସାମ୍ନାକୁ ଆସୁଛି। ସରକାରୀ ଆପ୍‌କୁ ଫୋନ୍‌ରେ ଆଗୁଆ ଇନଷ୍ଟଲ୍ କରିବା ପ୍ରସ୍ତାବ ଦେବା କିଛି ନୂଆ କଥା ନୁହେଁ। ଗତ ଡିସେମ୍ବରରେ ସଞ୍ଚାର ସାଥୀ ଆପ୍‌କୁ ଇନଷ୍ଟଲ୍ କରିବାକୁ ସରକାର ଦେଇଥିବା ପ୍ରସ୍ତାବକୁ କଡ଼ା ବିରୋଧ କରାଯିବା ପରେ ସରକାର ସେହି ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ। ବିପର୍ଯ୍ୟୟ ଆଲର୍ଟ ସେବା ସଚେତ୍ ଆପ୍‌କୁ ମଧ୍ୟ ଆଗୁଆ ଇନଷ୍ଟଲ୍ କରିବାକୁ ନିର୍ଦ୍ଦେଶ ଦେଇ ସରକାର ପରେ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଚେକ୍ ବାଉନ୍ସ ମାମଲା: କୋର୍ଟରେ ହାଜର ହେଲେ ବାଲାଜୀ ଇଞ୍ଜିକନ କମ୍ପାନୀର ପୂର୍ବତନ କର୍ମଚାରୀ



ସୁନ୍ଦରଗଡ଼,୨୦ା୩ (ସଂଚାର ବ୍ୟୁରୋ): ଚେକ୍ ବାଉନ୍ସ ଅଭିଯୋଗରେ ବାଲାଜୀ ଇଞ୍ଜିକନ କମ୍ପାନୀର ପୂର୍ବତନ ସାଇଡ ଇନଚାର୍ଜ ବିଷ୍ଣୁ ନାଏକଙ୍କ ନାମରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ସେ ବାଲାଜି କମ୍ପାନୀର ଆକାଉନଷ୍ଟେନ ବିକାଶ କୁମାର ପୃଷ୍ଟେଙ୍କ ଠାରୁ କମ୍ପାନୀ ର ବିଭିନ୍ନ କାର୍ଯ୍ୟନେଇ ପ୍ରାୟ ୩ଲକ୍ଷ ୨୩ହଜାର ଟଙ୍କା ନେଇଥିଲେ କିନ୍ତୁ ପଇସା ଖର୍ଚ୍ଚ ସଠିକ୍ ବିବରଣୀ ପ୍ରଦାନ କରି ନପାରିବାରୁ ସେ ଟଙ୍କା ଫେରସ୍ତ କରିବାକୁ ନେଇ ଏକ ଚେକ୍ ପ୍ରଦାନ କରିଥିଲେ, ଯାହାକି ବାଉନ୍ସ ହୋଇଥିଲା। ଯାହାକୁ ନେଇ ଆକାଉନଷ୍ଟେନ ହେମଗିର କୋର୍ଟ ଠାରେ ଅଭିଯୋଗ କରିଥିଲେ। ଉଲ୍ଲେଖ ଥାଉ ଯେ ବାଲାଜୀ ଇଞ୍ଜିକନ କମ୍ପାନୀ ରେ କାର୍ଯ୍ୟରତ ଥିବା ବେଳେ ଅନେକ୍ ଦୁର୍ନୀତି ମୂଳକ କାର୍ଯ୍ୟ ରେ ସମ୍ପୃକ୍ତ ଥିବା ନେଇ କମ୍ପାନୀ ତାଙ୍କୁ କାର୍ଯ୍ୟ ରୁ ନିଲମ୍ବିତ କରିଥିଲେ, ଏନେଇ କେସ ୩/୨୫ରେ ମାମଲା ଚାଲୁଥିବା ବେଳେ ଆଜି ବିଷ୍ଣୁ କୋର୍ଟରେ ହାଜର ହୋଇଥିଲେ।

## ଗ୍ରାମବାସୀଙ୍କୁ ବଜାର ମନା
# କିଣାବିକା କଲେ ୧ ହଜାର ଫାଇନ

ନବରଙ୍ଗପୁର/ନନ୍ଦାହାଣ୍ଡି,୨୦ା୩ (ସଂଚାର ବ୍ୟୁରୋ): ଦୁଇ ଗ୍ରାମବାସୀଙ୍କୁ ବଜାର ମନା, କିଣା ବିକା କଲେ ୧ହଜାର ଫାଇନ, ଗ୍ରାମ୍ୟ କମିଟି ପକ୍ଷରୁ ଏହି ପରି ଫତୱା ଜାରି କରାଯାଇଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା, ଗୁରୁଜାନିଗୁଡ଼ା, ବିଞ୍ଜିଗୁଡା ଓ ନରସିଂହଗୁଡା ଗ୍ରାମବାସୀ ପୁରୁଷ ପୁରୁଷ ଧରି ମିଳିମିଶି ବାଲିଯାତ୍ରା, ଠାକୁରାଣୀ ଯାତ୍ରା ଆଦି ଜାନିଯାତ୍ରା କରୁଥିଲେ କିନ୍ତୁ ଗତ ତିନି ବର୍ଷ ହେଲା ଧଣ୍ଡରା ଓ ଗୁରୁଜାନିଗୁଡା ଅଲଗା ବାଲିଯାତ୍ରା କଲେ ଓ ଗ୍ରାମ ଠାକୁରାଣୀ ମନ୍ଦିରର ପୂଜାରୀ (ଜାନି) ନରସିଂହଗୁଡା ବାସି ପରିବର୍ତନ କଲେ ଯେଉଁଠୁ ବିବାଦ ର ସୂତ୍ରପାତ ହେଲା। ନରସିଂଗୁଡା ଗ୍ରାମବାସି ନୂଆ ପୂଜାରୀ ଙ୍କୁ ଠାକୁରାଣୀ ମନ୍ଦିର ନାମରେ ଥିବା ୩.୫ ଏକର ଜମିର ଭାଗ ମାଗିଲେ ଏହି ବିବାଦର ସମାଧାନ ହୋଇ ନଥିବା ବେଳେ ଚଳିତ ବର୍ଷ ଗ୍ରାମ୍ୟ ଜଙ୍ଗଲ କାଟିବା ସମୟରେ ଧଣ୍ଡରା ଓ ଗୁରୁଜାନିଗୁଡା ଗ୍ରାମର ଲୋକ ନରସିଂହଗୁଡା ଗ୍ରାମ୍ୟ ଜଙ୍ଗଲର ସୀମା ଆଡକୁ ଅଧିକ ଆସିଗଲେ ଏଣୁ ବିବାଦ ଆହୁରି ବଢିଲା ନରସିଂହଗୁଡା ଗ୍ରାମବାସି କଟା ଜଙ୍ଗଲ ର କାଠ ନେବାକୁ ଦେଲେ ନାହିଁ ଏବଂ ନରସିଂହଗୁଡା ଓ ବିଞ୍ଜିଗୁଡା ଗ୍ରାମରେ ଧଣ୍ଡରା ଓ ଗୁରୁଜାନିଗୁଡା ଗ୍ରାମବାସୀ ଙ୍କ ସକାଶେ ଦୋକାନ ବଜାର ଓ ସାପ୍ତାହିକ ହାଟ ଉପରେ ବିକାକିଣା ଉପରେ ରୋକ ଲଗାଇଲେ।ଅନ୍ୟ ପକ୍ଷରେ ଚାରି ଗ୍ରାମର ବିବାଦ ସମ୍ପର୍କ ରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଅବଗତ ଥିବା ସମୟରେ ପୋଷ୍ଟର ମାରି ଦୋକାନ ବଜାର କୁ ମନା ଘଟଣା ବିଷୟରେ ଜାଣି ନଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ଚାରି ଗ୍ରାମ ମଧ୍ୟରେ ମନ୍ଦିର, ମନ୍ଦିର ଜମି ଓ ଜଙ୍ଗଲ କାଠ କୁ ନେଇ ବିବାଦ ଏତେ ଆଗକୁ ଗଲାଣି ଆର୍ଥିକ କାରବାର ଉପରେ କଟକଣା ଜାରି କରିଛନ୍ତି ନରସିଂହଗୁଡା ଓ ବିଞ୍ଜିଗୁଡା ଗ୍ରାମବାସୀ, ଏଥି ପାଇଁ ଫଂତୱା ଜାରି କରିଛନ୍ତି,କୌଣସି ଦୋକାନୀ ସମ୍ପୃକ୍ତ ଦୁଇ ଗ୍ରାମର ଲୋକଙ୍କୁ ଜିନିଷ ବିକିପାରବେନି, ନରସିଂହଗୁଡା ଗ୍ରାମର ଦୈନିକ ବଜାର ଓ ସପ୍ତାହିକ ଉପରେ ଦୁଇ ଗ୍ରାମ ର ବାସିନ୍ଦା ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ, ଗୁରୁଜାନିଗୁଡା ଓ ଧଣ୍ଡରା ଗ୍ରାମର କେହି କିଛି ବିକ୍ରି କରି ପାରିବେ ନାହିଁ ଯଦି କିଏ କ୍ରୟ ବିକ୍ରୟ କରନ୍ତି ତାହାହେଲେ ୧ ହଜାର ଟଙ୍କା ଜରିମାନା ଦେବା ପାଇଁ ନରସିଂହଗୁଡା ଓ ବିଞ୍ଜିଗୁଡା କମିଟି ପକ୍ଷରୁ ନରସିଂହଗୁଡା ବଜାର ର ବିଭିନ୍ନ ଦୋକାନରେ ଫତୱା ଜାରି କରାଯିବା ସହ ପ୍ରତ୍ୟେକ ଦୋକାନ କାନ୍ଥ ରେ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି ।

ସ୍ୱୀକାର କରିବା ସହ ଆମେ ଆପୋଷ ଆଲୋଚନା ପାଇଁ ଦୁଇ ଗ୍ରାମବାସୀଙ୍କୁ ଡ଼ାକିଥିଲୁ କିନ୍ତୁ ସେମାନେ ସହଯୋଗ କଲେ ନାହିଁ ତେଣୁ ଭୟଭୀତ କରିବାକୁ ଏହି ପ୍ରକାର ନିଷ୍ପତ୍ତି ନେଇଛୁ, ସେହି ଦୁଇ ଗ୍ରାମର ଲୋକ ଆସି ଆମ ଗ୍ରାମରୁ ଜିନିଷ କିଣାବିକା କରୁଥିବା ପ୍ରକାଶ କରିଛନ୍ତି।ଏହା ଦ୍ୱାରା ଚାରି ଗ୍ରାମ ମଧ୍ୟରେ ବିବାଦ ର ନିଆଁ କୁହୁଳିବାରେ ଲାଗିଛି ।ଏହି ସମ୍ପର୍କ ରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରକାଶ କରିଛନ୍ତି ଚାରି ଗ୍ରାମ ମଧ୍ୟରେ ବିବାଦ ସମ୍ପର୍କ ରେ ଖବର ରହିଛି ତେଣୁ ଦୁଇ ଗୋଷ୍ଠି ଙ୍କୁ ନୋଟିସ କରାଯାଇଥିଲା। ପୋଷ୍ଟର ମାରି ବାସନ୍ଦ କରିବା ଘଟଣା ମୋ ନଜର ରେ ନଥିଲା ଏହାର ତଦନ୍ତ କରାଯିବ ଆବଶ୍ୟକ ସ୍ଥଳେ ଦୃଢ କାର୍ଯାନୁଷ୍ଠାନ ନିଆଯିବ।

ଚାରି ଗ୍ରାମ ମଧ୍ୟରେ କୁହୁଳୁ ଥିବା ନିଆଁ ଭୟଙ୍କର ଅଗ୍ନି ର ରୂପ ନେବା ପୂର୍ବରୁ ପ୍ରଶାସନ ହସ୍ତକ୍ଷେପ କରି ସମାଧାନ ର ବାଟ ବାହାର କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲ ରେ ଆଲୋଚନା ହେଉଛି । ନଚେତ ଏହି ବିବାଦ ଦ୍ୱାରା ଧନ ଜୀବନ କ୍ଷତି ହେବାର ବିଶେଷ ସମ୍ଭାବନା ରହିଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ




ରାଜନଗର,୨୦ା୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ମହିଷାସୁର ସ୍ଥିତ ସରସ୍ୱତୀ ଶିଶୁ ୱିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି । ପ୍ରଧାନ ଆଚାର୍ଯ୍ୟ ସୁଲେଖି ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଷାସୁର ବାୟାବାବା ଆଶ୍ରମର ମହନ୍ତ ସାଧୁ କେଦାର ବିଶ୍ୱାଳ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ଓ ଏହି ଦିନର ମାହାତ୍ମ୍ୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ । ପ୍ରଥମେ ଶିଶୁ ମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଚନ୍ଦନ ଦିଆଯାଇ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଗୁରୁଜୀ ବିଭୁତି ଲେଙ୍କା, କୈଳାସ ଚନ୍ଦ୍ର ଜେନା, ଗୁରୁମା ପ୍ରଣତି ସ୍ୱାଇଁ,ସ୍ୱପ୍ନା ସାହୁ,ଶୁଭଶ୍ରୀ ଲେଙ୍କା, କବିତା ବାରିକ,ସଂଗୀତା ସାହୁ,ସୁଦୀପତା ନାୟକ, ଦେବାଞ୍ଜଳୀ ପରିଡ଼ା, ଜୋତିର୍ମୟୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ତୃତୀୟ ଦିବସରେ ବୈତରଣୀ ଆଳତୀ



ଯାଜପୁର ଟାଉନ,୨୦ା୩ (ସଂଚାର ବ୍ୟୁରୋ): 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'ର ଆଜି ଶୁଭାରମ୍ଭ ପୂର୍ବରୁ ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି। ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈତରଣୀ ତଟ ଏକ ଅପୂର୍ବ ଆଧ୍ୟାତ୍ମିକ ଶୋଭା ଧାରଣ କରିବା ସହ ଜିଲ୍ଲାର ପ୍ରାଚୀନ ଗୌରବକୁ ପୁଣି ଥରେ ପ୍ରତିଫଳିତ କରିଛି। ଏହି ଅବସରରେ ସ୍ଥାନୀୟ ଗଙ୍ଗେଶ୍ୱର୍ ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ପାରମ୍ପରିକ ଘୋଡ଼ା ନାଚ, ମୃଦଙ୍ଗର ତାଳ ଏବଂ ଘଣ୍ଟଧ୍ୱନିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ମାଆ ବୈତରଣୀ ନଦୀ ନିକଟରେ ଶାସ୍ତ୍ରୀୟ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶିତିକଣ୍ଠ କାନୁନଗୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ।

# 'ସବୁଜ ଶାଖା' ପରିସରରେ ପଖାଳ ଦିବସ



କାକଟପୁର/ଅସ୍ତରଙ୍ଗ,୨୦ା୩ (ସଂଚାର ବ୍ୟୁରୋ): "ଲଙ୍ଗଳ କଥା ବୁଝୁଛି କ୍ଷେତ, କ୍ଷେତ କଥା ବୁଝେ ଚଷା, ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା, ଓଡିଶା ମୋ ଓଡିଶା ଏଭଳି ଅନେକ ଗୀତ ପଖାଳକୁ ନେଇ ରହିଛି।ପଖାଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତିଟି ଓଡିଆଙ୍କର ଆବେଗ। ପୂର୍ବରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ହେଉନଥିବାରୁ ଏହାର ଉତ୍ପତି ବିଷୟରେ ବିଶେଷ ତଥ୍ୟ କାହାରି ପାଖରେ ନାହିଁ। ତେବେ ଏହା ଯେ ଓଡିଆଙ୍କ ପ୍ରିୟ। ସେଥିରେ କୌଣସି ଦ୍ୱିମତ ନାହିଁ। ୨୦୧୧ମସିହାରୁ କିଛି ଖାଦ୍ୟ ପ୍ରେମୀ ଏହି ଦିବସ ପାଳନ କରିଥିଲେ।

୨୦୧୫ମସିହାରେ ପ୍ରଥମ କରି ପଖାଳ ଦିବସ ପାଇଁ ଟୁଇଟର ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ତେଣୁ ଏହା ମାର୍ଚ୍ଚ ୨୦ପାଳନ ହେଉଛି ପଖାଳ ଦିବସ। ଧନୀ ହେଉ କି ଗରିବ ସମସ୍ତେ ପଖାଳ ଖାଇବାକୁ ପସନ୍ଦ କରନ୍ତି। ପୂର୍ବରୁ ଅଭାବୀ ଚାଷୀ ପରିବାରର ଚଷା ପୁଅ ଯେତେବେଳେ ବିଲକୁ କାମରେ ଯାଉଥିଲା ଗାମୁଛାରେ ପଖାଳ କଂସାଟିଏ ବାନ୍ଧି ନେଇ ଯାଉଥିଲା। ଓଡ଼ିଆ ମାନେ ଯେଉଁଠି ଥାଆନ୍ତୁ ନାଁ କାହିଁକି ପଖାଳ ପ୍ରତି ସବୁବେଳେ ସେମାନଙ୍କ ଆକର୍ଷଣ ରହି ଆସିଛି। ସେଇଥି ପାଇଁ କଥାରେ ଅଛି ଝୁରି ହେଉଛି ଦିନ କାଳ, ମନ ଖୋଜୁଛି ସେ କାଳ ପଖାଳ। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସବୁଜ ଶାଖା "ଆନୁକୂଲ୍ୟରେ ୪ର୍ଥ ବର୍ଷ ପଖାଳ ଦିବସ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତି, କବି, କବିୟତ୍ରୀ ଓ ସମାଜସେବୀ ମାନଙ୍କୁ ନେଇ ଏକ ଭବ୍ୟ କାର୍ଯ୍ୟକ୍ରମ ରେ କବି ଓ କବିୟତ୍ରୀ ମାନଙ୍କ ଦ୍ୱାରା ପଖାଳ ସମ୍ବନ୍ଧୀୟ କବିତା ଆବୃତ୍ତି କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପିଜା, ବର୍ଗର ଓ ନୁଡୁଲ୍ସ ଭିତରେ ଅଣନିଶ୍ୱାସୀ ହୋଇ ପଡ଼ିଥିବା ପଖାଳ ଏବେ ନିଜର ପୂର୍ବ ଗୌରବ ଫେରିପାଇଛି।

ଅସ୍ତରଙ୍ଗ ସବୁଜ ଶାଖା ପରିସରରେ ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତି, ସମାଜସେବୀ, ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ଅତିଥି ଉପସ୍ଥିତରେ ପଖାଳ ଦିବସରେ ଦହି ପଖାଳ ସହ ୩୦ପ୍ରକାର ରୁ ଉର୍ଦ୍ଧ ଖାଦ୍ୟ ପ୍ରସ୍ତୁତ କରି ପରସା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବୁଜଶାଖାର ଉପଦେଷ୍ଟା ତଥା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ ବେହେରା ଶିକ୍ଷାବିତି ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ଓ ଶିଶୁ ନିର୍ଯାତନା ସମ୍ପର୍କିତ କର୍ମଶାଳା




କାକଟପୁର/ଅସ୍ତରଙ୍ଗ,୨୦ା୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଜାଗୁଲାଇ ପଡିଆ ରେ ବାଲ୍ୟବିବାହ ଏବଂ ଶିଶୁ ନିର୍ଯାତନା ନିରୋଧ ଆଇନି ସମ୍ପର୍କିତ ଏକ ସଚେତନତା ମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଓଡିଶା ମହିଳା କମିଶନ ସଦସ୍ୟା ଶ୍ରୀ ମତୀ ଉର୍ମିଳା ମହାପାତ୍ର, ମୁଖ୍ୟ ବକ୍ତା ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ସଂମ୍ମାନିତ ଅତିଥି ଅସ୍ତରଙ୍ଗ ସିଡିପିଓ ଲୋଚନା ସେଠୀ, ଜିଲ୍ଲା ପୋଗ୍ରାମ ଅଧିକାରିଣୀ ସୁହାଗି ହେମ୍ବ୍ରମ, ସୁପରଭାଇଜର ଲକ୍ଷ୍ମୀପ୍ରିୟା ନାୟକ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଅତିଥି ମାନେ କର୍ମଶାଳା ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାଲ୍ୟ ବିବାହ ଏବଂ ଶିଶୁ ନିର୍ଯାତନା ପରିଣାମ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମତୀ ମହାପାତ୍ର ନିଜ ବକ୍ତବ୍ୟ ରେ କହିଥିଲେ ଆଜିର ସମାଜରେ ନାରୀ ମାନେ କିପରି ସଂମ୍ମାନ ସହିତ କିପରି ସୁରକ୍ଷିତ ଭାବେ ପରିବାର ରେ ରହିବା ଦରକାର ମତବ୍ୟକ୍ତ କରିଥିଲେ। ବାଲ୍ୟ ବିବାହ ଶିଶୁ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ କୁ ଗଭୀର ପ୍ରଭାବିତ୍ତ କରେ। ଏହା ସହିତ ଶିଶୁ ନିର୍ଯାତନା ଏକ ଗୁରୁତର ଅପରାଧ ଓ ଏହା ପାଇଁ କଡା ଆଇନିଗତ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ଶିଶୁ ମାନଙ୍କ ସୁରକ୍ଷା, ଅଧିକାର ଓ ଆଇନିଗତ ସହାୟତା ବିଷୟରେ ସମସ୍ତ ସରପଞ୍ଚ, ଆଇସିଡ଼ିଏସ ସୁପରଭାଇଜର ଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସନ୍ତୋଷ କୁମାର ସାହୁ ମହିଳା ସୁରକ୍ଷିତ ଆଇନି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଂଚଳର ଲୋକ ପ୍ରତିନିଧି, ଆଶା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ।

# ମହିଳା କଲେଜରେ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୨୦ା୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବଦ୍ୟାଳୟରେ ଆଜି ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦୁଇଟି ଅଧିବେଶନରେ ଆୟୋଜିତ ଏହି ସାରସ୍ୱତ ସମାରୋହର ଉଦଘାଟନୀ ଅଧିବେଶନରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ବେହେରା ପୌରହିତ୍ୟ କରି ଆଧୁନିକ ସାହିତ୍ୟ ସମାଜର ସବୁ ବର୍ଗର କଥାକୁ କବିତା,ଗଳ୍ପ ଓ ଉପନ୍ୟାସ ବିଭାଗ କିପରି ଚମତ୍କାର ଶୈଳୀରେ ପରିବେଷଣ କରିଛି ସେ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ । ପଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତି ଅଧିବେଶନ କୁ ଉଦଘାଟନ କରି ଛାତ୍ରୀମାନଙ୍କୁ ଅଧ୍ୟୟନର ବିକଳ୍ପ ନାହିଁ ବୋଲି ପରାମର୍ଶ ଦେବା ସହ ଚରିତ୍ରବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ କିପରି ସାମାଜିକ ଜୀବନ ସହ ଜଡ଼ିତ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସ୍ୱାଗତିକା ମହାନ୍ତି ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଆଧୁନିକ ମଣିଷର ଚିତ୍ର ଓ ଚରିତ୍ରକୁ ବର୍ଣ୍ଣନା କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ଅଧ୍ୟାପକ ଡ. ରାଜେଶ କୁମାର ସେଠୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନିଃସଙ୍ଗ ମଣିଷର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଓ ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଆଶୁତୋଷ ରାଉତ ଯୋଗଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାହିତ୍ୟିକ ସର୍ବେଶ୍ୱର ସେଣଙ୍କୁ ଜୀବନବ୍ୟାପି ସାହିତ୍ୟ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ମୁଖ୍ୟ ଆଲୋଚକ ଡ. ମହାନ୍ତି ଓ ବିଷୟ ବିଶେଷଜ୍ଞ ଡ. ସେଠୀ ଏବଂ ଡ. ରାଉତଙ୍କୁ ଯୁବ ସାହିତ୍ୟିକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ



ଢେଙ୍କାନାଳ,୨୦ା୩ (ସଂଚାର ବ୍ୟୁରୋ):ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ୍ ଛାତ୍ରୀ ଅଙ୍କିତ ପ୍ରିୟଦର୍ଶିନୀ ବାରିକଙ୍କର କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଥିଲା । ପାରିପାଶ୍ୱିର୍କ ସ୍ଥିତିରୁ ଛାତ୍ରୀକୁ ଗଣ ବଳାତ୍କାର ପରେ ବିଭତ୍ସ ଭାବରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି । ଏହି ଘଟଣାକୁ ନେଇ ଢେଙ୍କାନାଳ ଜିଲ୍ଲା ବିଜୁ ମହିଳା ଜନତା ଦଳ ଏବଂ ରାଜ୍ୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ଟିମ୍ ସଂପୃକ୍ତ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସଂପର୍କରେ ବୁଝିବା ସହିତ ସମବେଦନା ଜଣାଇଥିଲେ । ଗତ ଦୁଇଦିନ ଧରି ମୃତ ଦେହ ବ୍ୟବଚ୍ଛେଦ ନହେବାକୁ ନେଇ ଏବଂ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯିବା ସହ ସଠିକ୍ ସମୟରେ ଶବ ବ୍ୟବଚ୍ଛେଦ ନ ହେବାକୁ ନେଇ ଢେଙ୍କାନାଳ ଚିକିତ୍ସାଳୟ ପରିସରରେ ଗୁରୁବାର ଦିନ ସଂନ୍ଧ୍ୟାରେ ବିଜେଡି କର୍ମୀଙ୍କ ଦ୍ୱାରା ଏହାକୁ ବିରୋଧକରିବା ସହ ସେଠାରେ କିଛି ସମୟ ପାଇଁ ଉତେଜନା ପ୍ରକାଶ ପାଇଥିଲା ।

ତେବେ ଗଣ ଦୁଷ୍କର୍ମରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ କାହିଁକି ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ମୃତ ଛାତ୍ରୀଙ୍କ ପରିବାର ଲୋକେ ସେ ବିଷୟରେ ମହିଳା ଟିମ୍କୁ ଜଣାଇ ଆଲୋଚନା କରିଥିଲେ । ଏହି ବିଷୟରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ଢେଙ୍କାନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ସୋସିଆଲ୍ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ,ଉପସ୍ଥିତ ଥିଲେ ।

# ୩ଦିନ ଭୋକିଲା ରହିଲେ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଦୃଷ୍ଟିହୀନ ରାଜ୍ୟ ସଭାପତିଙ୍କ ସହ ଶିକ୍ଷକ



ଢେଙ୍କାନାଳ,୨୦ା୩ (ସଂଚାର ବ୍ୟୁରୋ): ଅକ୍ଷମ କଲ୍ୟାଣ ସିମତି ଦ୍ୱାରା ପରିଚାଳିତ ସହରର କଂଟାନାଳୀ ବାଇପାସ ସ୍ଥିତ ନନ୍ଦୀନୀ ଦେବୀ ଦୃଷ୍ଟୀହୀନ ବିଦ୍ୟାଳୟରେ ଗତ ୩ ଦିନ ହେବ ଛାତ୍ରଛାତ୍ରୀମାନଙ୍କୁ ଖାଇବା ଲାଗି ଦିଆଯାଉନଥିବା ପ୍ରତିବାଦରେ ଆଜି ୧୪ରୁ ଉର୍ଦ୍ଧ୍ୱର୍ ଛାତ୍ରୀଛାତ୍ରୀ ଶୋଭାଯାତ୍ରାରେ ଗୋପବନ୍ଧୁ ଟାଉନହଲରୁ ବାହାରି ଜିଲ୍ଲାକାର୍ଯ୍ୟାଳୟକୁ ଆସିଥିଲେ । ସମସ୍ୟା ସଂପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ସଂପୃକ୍ତ କମିଟିକୁ ବଦଳାଯିବା ସହିତ ଜିଲ୍ଲାପାଳ ନିଜେ ଏହାକୁ ହାତକୁ ନେବାକୁ ଦାବି କରିଛନ୍ତି ।

ବିଦ୍ୟାଳୟରେ ଦୃଷ୍ଟିହୀନ ଓ ବଧୀର ଛାତ୍ରଛାତ୍ରୀଙ୍କୁ ମିଶାଇ ୭୦ ପିଲା ପଢୁଛନ୍ତି । ଆହୁରି ଦେଢମାସ ପାଠପଢା ଥିବା ବେଳେ ପରିଚାଳନା କମିଟି ଜବରଦସ୍ତ ଛାତ୍ରଛାତ୍ରୀମାନଙ୍କୁ ଘରକୁ ପଠାଇଦେଇଛନ୍ତି। ଫଳରେ ସମସ୍ତ ବଧୀର ଛାତ୍ରଛାତ୍ରୀ ଘରକୁ ପଳାଇଯାଇଥିବା ବେଳେ ୧୨ଜଣ ଦୃଷ୍ଟିହୀନ ପିଲା ବିଦ୍ୟାଳୟରେ ରହିଛନ୍ତି । ଏପରି ସ୍ଥଳେ ଗତ ତିନିଦିନ ହେବ ଛାତ୍ରଛାତ୍ରୀଙ୍କ ଖାଇବା ବନ୍ଦ କରିଦିଆଯାଇଛି। ପଲାମାନଙ୍କୁ ଖାଦ୍ୟ ଦିଆଯାଉନାହିଁ। ପିଲାମାନେ ଭୋକ ଉପାସରେ ରହିଥିବା ବେଳେ ଜିଲ୍ଲାପାଳ ଆମକୁ ଖାଇବା ଦିଅ ନାରା ଦେଇ ଦୃଷ୍ଟିହୀନ ପିଲାମାନେ ଧାଡିବାନ୍ଧି ରାସ୍ତାରେ ଚାଲିଚାଲି ଜିଲ୍ଲାକାର୍ଯ୍ୟାଳୟରେ ପହଂଚି ଥିଲେ । ପରେ ଘଂଟଣା ସଂପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରିବା ସହ ପରିଚାଳନା କମିଟିର କର୍ମକର୍ତାଙ୍କୁ ପରିବର୍ତନ କରିବା ସହ ଜିଲ୍ଲାପାଳ ଏହାକୁ ନିଜ ଅଧୀନକୁ ନେବାକୁ ଦାବି କରିଥିଲେ । ପ୍ରମାଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, କ୍ରାଫ୍ଟ ଶିକ୍ଷକ ରତ୍ନାକର ପଣ୍ଡା, ଶିକ୍ଷୟତ୍ରୀ ମୀନତି ପଣ୍ଡା, ଭୁବନେଶ୍ୱର ଉକôଳ ଦୃଷ୍ଟିହୀନ ବିଦ୍ୟାଳୟ ସଂଘ ସଭାପତି ସୁଧାଂଶୁ ବଳ, ସଂପାଦକ ଶରତ କୁମାର ଦାସ, ଅଫିସ ସେକ୍ରେଟାରୀ ହିମାଂଶୁ ଭୂୟାଁ, କୋଷାଧ୍ୟକ୍ଷ ଭଗବାନ ପତି, ଭୀମୋଭଇ ଦୃଷ୍ଟିହୀନ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ରାଉତଙ୍କ ସମେତ ସଂଘର ସଦସ୍ୟ ଏବଂ ବହୁ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ ।

## ଦୟାନନ୍ଦ ସେବାଶ୍ରମରେ ସୃଷ୍ଟି ଦିବସ

ଡେରାବିଶ,୨୦ା୩ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ଦୟାନନ୍ଦ ସେବାଶ୍ରମ ପରିସରରେ ଆଜି ସୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ସମ୍ପାଦକ ମଦନ ମୋହନ ଆର୍ଯ୍ୟ ଏକ ଦେବଯଜ୍ଞର ଆୟୋଜନ କରିବା ସହିତ ଉତ୍ସବର ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥିଭାବରେ କଟକ ସ୍ଥିତ ବାଇମୁଣ୍ଡି ସାହିତ୍ୟ ସଂସଦର ସଭାପତି ଦୀନବନ୍ଧୁ ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ମୁରଲିଧର ରଥ ସୃଷ୍ଟି ତତ୍ୱ ଓ ଈଶ୍ୱରଙ୍କ ସଂରଚନା ସମ୍ପର୍କରେ ବେଦ ଓ ବିଜ୍ଞାନ ତତ୍ୱ ଆଧାରିତ ଅନେକ ମତ ରଖିଥିଲେ। ତାଙ୍କ ମତରେ ବର୍ତମାନ ସୃଷ୍ଟିର ଆୟୁଷ ୧୯୬ କୋଟି ୮ ଲକ୍ଷ ୩୨ ହଜାର ୧୦୦ ବର୍ଷ ବୋଲି ପ୍ରକାଶ କରିଥିଲେ। ୧୮୭୫ ମସିହାର ଆଜିର ଦିନରେ ଆର୍ଯ୍ୟ ସମାଜ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ବୋଲି ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବରେ କେନ୍ଦ୍ରାପଡ଼ାର ପ୍ରତିଷ୍ଠିତ ବ୍ୟବସାୟୀ ଭାସ୍କର ସାହୁ, ସୁଦର୍ଶନ ମହାପାତ୍ର, ପରିବେଶ ବିତ୍ ଜେନାମଣି ବଳ ଯୋଗଦେଇଥିଲେ। ଏହି ଅବସରରେ ସେବାଶ୍ରମର ବିଦ୍ୟାର୍ଥୀ ସୁନନ୍ଦା ମିଶ୍ର ଅମୃତର ସୃଷ୍ଟି ଶୀର୍ଷକରେ ନିଜସ୍ୱ ଅନୁଭବର ଲିଖିତ ପ୍ରବନ୍ଧ ପାଠ କରିଥିଲେ।

# ଓଡ଼ିଆ ମନ ବୁଝେ ପଖାଳ କଂସା



କାକଟପୁର/ଅସ୍ତରଙ୍ଗ,୨୦ା୩ (ସଂଚାର ବ୍ୟୁରୋ): "ଲଙ୍ଗଳ କଥା ବୁଝୁଛି କ୍ଷେତ, କ୍ଷେତ କଥା ବୁଝେ ଚଷା... ଓଡ଼ିଆ ମନ, ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା "... ଓଡିଶା ମୋ ଓଡିଶା.. ଏଭଳି ଅନେକ ଗୀତ ପଖାଳକୁ ନେଇ ରହିଛି। ପଖାଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତିଟି ଓଡ଼ିଆଙ୍କର ଆବେଗ। ପଖାଳ ଓଡ଼ିଆଙ୍କ ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ମଧ୍ୟ ଭୋଗ ଲାଗି ହୁଏ। ଶୀତଳା ଅଷ୍ଟମୀରେ ଉତ୍ତର ଭାରତରେ ପାରମ୍ପରିକ ଭାବେ ମାରୱାଡି ମାନେ ଶୀତଳା ଦେବୀଙ୍କୁ ମଧ୍ୟ ଶୀତଳ ଖାଦ୍ୟ ନାମରେ ପଖାଳ ଭୋଗ ଲଗାଇବା ସହ ପ୍ରସାଦ ଭାବେ ଖାଇବାର ବିଧି ରହିଛି। ପୂର୍ବରୁ ଅନୁଷ୍ଠାନିକ ଭାବେ ଏହି ଦିବସ ପାଳନ ହେଉନଥିବାରୁ ଏହାର ଉତ୍ପତ୍ତି ବିଷୟରେ ବିଶେଷ ତଥ୍ୟ କାହାରି ପାଖରେ ନାହିଁ। ତେବେ ଏହା ଯେ ଓଡ଼ିଆଙ୍କ ପ୍ରିୟ : ସେଥିରେ କୌଣସି ଦ୍ୱିମତ ନାହିଁ। ୨୦୧୧ ମସିହା ରୁ କିଛି ଖାଦ୍ୟ ପ୍ରେମୀ ଏହି ଦିବସ ପାଳନ କରିଥିଲେ। ୨୦୧୫ମସିହାରେ ପ୍ରଥମ କରି ପଖାଳ ଦିବସ ପାଇଁ ଟୁଇଟର ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ୨୧ମାର୍ଚ୍ଚ ର ଦିନ ଓ ରାତିର ଅବଧି ସମାନ ୧୨ଘଣ୍ଟା ହୋଇଥାଏ। ଏହା ପରେ ଦିନ ବଡ଼ ହେବା ସହିତ ରୌଦ୍ର ତାପ ବୃଦ୍ଧି ଘଟିଥାଏ। ତାପ ରୁ ରକ୍ଷା ପାଇବା ପାଇଁ ଓଡ଼ିଆ ମାନେ ପଖାଳ ଓ ତୋରାଣି ଖାଇଥାନ୍ତି। ତେଣୁ ଏହାର ପୂର୍ବ ଦିନ (୨୦ମାର୍ଚ୍ଚ) ପାଳନ ହେଉଛି ପଖାଳ ଦିବସ।

ଧନୀ ହେଉ କି ଗରିବ ସମସ୍ତେ ପଖାଳ ଖାଇବାକୁ ପସନ୍ଦ କରନ୍ତି। ପୂର୍ବରୁ ଅଭାବୀ ଚାଷୀ ପରିବାରର ଚଷା ପୁଅ ଯେତେବେଳେ ବିଲକୁ କାମରେ ଯାଉଥିଲା ଗାମୁଛାରେ ପଖାଳ କଂସା ଟିଏ ବାନ୍ଧି ନେଇ ଯାଉଥିଲା। ବାସୀ ପଖାଳ ସାଙ୍ଗକୁ ଶାଗ ଭଜାଟେ ହେଲେ ପେଟ ପୁରିଯାଉଥିଲା। ନ 'ତିଅଣ, ଛଅ ଭଜା ଦରକାର ପଡୁନଥିଲା। ଏହି ପଖାଳ ଦିବସ କୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ" ସବୁଜ ଶାଖା "ପ୍ରତିବର୍ଷ ପାଳନ କରିଥାନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ମାନେ ମଧ୍ୟ ସାମିଲ ହୋଇଥାନ୍ତି। ଏହା ସହ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ସ୍ଥାନରେ ବାସୀ ପଖାଳ, ଜିରା ପଖାଳ, ଦହି ପଖାଳ, କାନିକା ପଖାଳ, ଅଦା ପଖାଳ, ଛୁଙ୍କ ପଖାଳ ଭଳି ବିଭିନ୍ନ ପଖାଳ ପାଇଁ ବିଭିନ୍ନ ସ୍ଥାନରେ ଆୟୋଜନ ହୋଇଛି। ବିଭିନ୍ନ ସ୍ଥାନରେ ସମସ୍ତେ ଏକତ୍ରିତ ବସି ଖାଉଛନ୍ତି। ପଖାଳ ଦିବସ ପାଳନ କରୁଛନ୍ତି।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ କଲେଜସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜିତ

ବାଲିଆପାଳ,୨୦ା୩ (ସଂଚାର ବ୍ୟୁରୋ): ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ କଲେଜ୍ ସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଗୌରାଙ୍ଗ ରାଉତ ସଭାପତିତ୍ୱ କରିଥିଲେ ଏବଂ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଇନୋଭେସନ୍ ଓ ଷ୍ଟାର୍ଟଅପ୍ର ଗୁରୁତ୍ୱ ବିଷୟରେ ଅବଗତ କରାଇ ସୃଜନଶୀଳ ଚିନ୍ତାଧାରା ଓ ଉଦ୍ୟମୀ ମନୋଭାବ ଗଢ଼ି ଉଠିବା ପାଇଁ ପ୍ରେରଣା ଦେଇଥିଲେ।ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀ ରଞ୍ଜନ କୁମାର ପାଢ଼ୀ, ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଓ ପ୍ରୋଗ୍ରାମ୍ କୋର୍ଡିନେଟର ଶ୍ରୀ ସତ୍ୟନାରାୟଣ ସାହୁ ଛାତ୍ରଛାତ୍ରୀମାନଙ୍କୁ ଇନୋଭେସନ୍ର ଗୁରୁତ୍ୱ ଭାରତ ଏବଂ ମାନବ ସମାଜ ପାଇଁ କେତେ ପ୍ରୟୋଜନୀୟ ତାହା ବିଷୟରେ ଅବଗତ କରାଇଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀ ରଞ୍ଜନ କୁମାର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ମୁର୍ମୁ, ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ପୁଷ୍ପା ବିରୁଳି, ରସାୟନ ବିଜ୍ଞାନର ଅଧ୍ୟାପିକା ସୁଭ୍ରାଞ୍ଜଳି ରାଉତ, ବଟାନି ବିଭାଗର ଅଧ୍ୟାପକ ଶ୍ରୀ ପରେଶ କୁମାର ଦାସ ଓ ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀ ପ୍ରେମାନନ୍ଦ ସେଠୀ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜନିଜ ଧାରଣା, ଷ୍ଟାର୍ଟଅପ୍ ପ୍ରକଳ୍ପ ଓ ଉଦ୍ୟମୀ ଚିନ୍ତାଧାରା ପ୍ରସ୍ତୁତ କରିଥିଲେ। ଶେଷରେ ଅଧ୍ୟାପକ ଶ୍ରୀ ସାହୁ ସମସ୍ତ ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ମୁଖଗହ୍ୱର କର୍କଟ ଆଁରେ ଯୁବପିଢ଼ି



ବଢ଼ୁଛି ମୁଖଗହ୍ୱର କର୍କଟ ରୋଗ। ବିଶେଷକରି ଯୁବପିଢ଼ି ଏହି ରୋଗର ଆଁରେ ପଡ଼ିଛନ୍ତି। କମ୍ ବୟସରୁ ତମାଖୁ, ସିଗାରେଟ୍ ସେବନ ସହ ଅନିୟମିତ ଲାଇଫଷ୍ଟାଇଲ(ଜୀବନଚର୍ଯ୍ୟା) ମୁଖଗହ୍ୱର କର୍କଟ ବ୍ୟାପିବାର ମୁଖ୍ୟ କାରଣ। ମାର୍ଚ୍ଚ ୨୦ ୱାର୍ଲ୍ଡ ଓରାଲ ହେଲ୍ଥ ଡେ' ରହିଛି। ଏ ଅବସରରେ ଲୋକଙ୍କୁ ମୁଖ ଗହ୍ୱର କର୍କଟ ପ୍ରତି ସଚେତନ କରିବାକୁ 'ପ୍ରମେୟ'ର ଏହି ପ୍ରୟାସ। ରାଜ୍ୟରେ କର୍କଟ ରୋଗ ଏକ ମହାମାରୀ ଭାବେ ବଢ଼ିଚାଲିଛି। ସ୍ତନ କର୍କଟ, ମୁଖଗହ୍ୱର କର୍କଟ, ପାକସ୍ଥଳି କର୍କଟ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ଗତ ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ, ରାଜ୍ୟରେ ୨୩,୨୩୧ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଅଧିକ ସଂଖ୍ୟକ ହେଉଛନ୍ତି କେବଳ ମୁଖଗହ୍ୱର କର୍କଟ ରୋଗୀ। ଯାହା ଦ୍ରୁତବେଗରେ କାୟା ମେଲାଇ ଚାଲିଛି। ତଥ୍ୟ ଆହୁରି କହୁଛି, ଗତ ୨୦୨୫ ବର୍ଷରେ ରାଜ୍ୟରେ ମୋଟ ୪୯୯୭ଜଣ ମୁଖଗହ୍ୱର କର୍କଟରେ ଆକ୍ରାନ୍ତ ଥିଲେ। ଯାହା ଚିନ୍ତାଜନକ।

କମ୍ ବୟସରୁ ତମାଖୁ ନିଶା। ସକାଳୁ ନେଇ ଶୋଇବା ପର୍ଯ୍ୟନ୍ତ ପାଟିରେ ଟିକେ ଗୁଆ କି ଜର୍ଦ୍ଦା ନ' ବାଜିଲେ ରହିହେଉନି। ମନ ବିକଳ ହୋଇଯାଉଛି। ପୁଷ୍ଟିକର ଖାଦ୍ୟ ଛାଡ଼ି ତମାଖୁ ଓ ସିଗାରେଟ୍ ଖାଇବାକୁ ଭାରି ଇଚ୍ଛା ହେଉଛି। ସ୍କୁଲ ପଢୁଆ ପିଲାଙ୍କଠାରୁ ନେଇ କଲେଜ, ବିଶ୍ୱବିଦ୍ୟାଳୟ ଓ ଚାକିରିଆମାନେ। ସମସ୍ତେ ତମାଖୁ ଖାଉଛନ୍ତି। ହେଲେ ଜାଣିପାରୁନାହାନ୍ତି, ଏହି ତମାଖୁରେ ଲୁଚି ରହିଛି ମୁଖଗହ୍ୱର କର୍କଟ ରୂପୀ ରାକ୍ଷସ। ଏକଥା କହିଛନ୍ତି ଏମ୍ସର ପୂର୍ବତନ ଅଧୀକ୍ଷକ ତଥା ଅଙ୍କୋଲୋଜି ବିଭାଗର ଡାକ୍ତର ଦିଲ୍ଲୀପ କୁମାର ପରିଡ଼ା। ସେ କହିଛନ୍ତି, ତମାଖୁ ମୁଖଗହ୍ୱର ମୁଖ୍ୟ କାରଣ। ଆଉ ଏକ କାରଣ ଏଚ୍ପିଭି ଭାଇରସ। ହେଲେ ଏଚ୍ପିଭି ଭାଇରସର ମାତ୍ରା ଭାରତରେ କମ୍ ରହିଛି। ଗବେଷଣାରୁ ଜଣାପଡ଼ିଛି, ଗୋଟିଏ ତମାଖୁ ପ୍ୟାକେଟରେ ୪୫ରୁ ୫୦ଟା ରାସାୟନିକ ଲୁଚି ରହିଛି। ଯାହା ମୁଖଗହ୍ୱର କର୍କଟର ବାହକ। ତେଣୁ ରୋଗ ଚିହ୍ନଟ ହେବା ପରେ ତମାଖୁ ଛାଡ଼ିଦେବା ଜରୁରୀ। ଅଧ୍ୟାପକ ତଥା ତମାଖୁ ବିରୋଧରେ ଆନ୍ଦୋଳନ କରୁଥିବା କର୍ମୀ ଡ. ମହମ୍ମଦ ଇମ୍ରାନ ଅଲ୍ଲୀ କହିଛନ୍ତି, ତମାଖୁ ସେବନ ଦ୍ୱାରା ଅନେକ ଲୋକଙ୍କୁ ମୁଖ ଗହ୍ୱର କର୍କଟ ରୋଗର ପୂର୍ବାଭାସ ହେଁ ସେମାନେ ସଚେତନ ସେବନକାରୀ ଅନେକ ବ୍ୟକ୍ତି ଭିତରେ ଧଳାଦାଗ, ଢୋକିବା କଷ୍ଟ ହେବା ଭଳି ଲକ୍ଷଣ ଦେଖାଯାଉଥିଲେ ହେଉନାହାନ୍ତି। ତମାଖୁ ପାଟି ନ ଖୋଲିବା, ପାଟି ଓ ଚୋବାଇଲା ବେଳେ ଦେଖାଯାଉଛି। ଏହି ଲକ୍ଷଣ ବିଷୟରେ ଜନଜାଗରଣ ବଢ଼ିବା ଦରକାର। ମୁଖଗହ୍ୱର କର୍କଟ ଜୀବନକୁ ଦୁର୍ବିସହ କରେ। ଏହାର ଜ୍ୱଳନ୍ତ ଉଦାହରଣ ଭୁବନେଶ୍ୱର ବମିଖାଲର ବାସିନ୍ଦା ପ୍ରଶାନ୍ତ ରାୟ(୫୨)। ଥରେ ନୁହେଁ, ଦୁଇଥର ସେ ମୁଖଗହ୍ୱର କର୍କଟରେ ଆକ୍ରାନ୍ତ ହୋଇଛନ୍ତି। ହେଲେ ଠିକ୍ ସମୟରେ ଚିକିତ୍ସା ହେବାରୁ ସେ ସୁସ୍ଥ ହୋଇଛନ୍ତି। ଏବେ ସେ କର୍କଟ ଉପରେ ସଚେତନ କରୁଛନ୍ତି। ପ୍ରଶାନ୍ତ ଏକ ଖଣି କମ୍ପାନୀରେ ଚାକିରି କରିଥିଲେ। ୨୦୧୯ରେ ମୁଖଗହ୍ୱର କର୍କଟରେ ପୀଡ଼ିତ ହେଲେ। ଏହାର କାରଣ ଥିଲା ଗୁଟଖା ଓ ଆଲକହଲ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେବା ପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ। ହେଲେ ୨୦୨୧ରେ ରୋଗ ପୁଣି ଥରେ ଫେରିଥିଲା। ତୁରନ୍ତ ସେ ମୁମ୍ବାଇ ଯାଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଚିକିତ୍ସା ବେଳେ ତାଙ୍କର ଜିଭର କିଛି ଅଂଶ କଟାଯାଇଥିଲା। ଘଟଣାକୁ ଇତିମଧ୍ୟରେ ୫ବର୍ଷ ହୋଇଗଲାଣି। ଏବେ ସେ ନା ଠିକ୍ ଭାବେ ଖାଉଛନ୍ତି, ନା କଥା ହୋଇପାରୁଛନ୍ତି। ପ୍ରଶାନ୍ତ କହିଛନ୍ତି, ପ୍ରଭୁଙ୍କ କୃପାରୁ ସେ ସୁସ୍ଥ ହୋଇଛନ୍ତି।

ମୁଖଗହ୍ୱର ସହ ଅନ୍ୟ କ୍ୟାନ୍ସର ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ସରକାର ନୂଆ ଯୋଜନା କରୁଛନ୍ତି। ଏସ୍ଏଚ୍ଜି ଗ୍ରୁପର ମହିଳା ଓ ଆଶାକର୍ମୀଙ୍କୁ ଏଥିରେ ସାମିଲ କରାଯିବ। ସେମାନେ ଗାଁ ଗାଁ ବୁଲି କର୍କଟ ଉପରେ ଲୋକଙ୍କୁ ସଚେତନତା କରାଇବା ସହିତ ଟେଷ୍ଟିଂ ପାଇଁ ମଧ୍ୟ ଲୋକଙ୍କୁ ଜଣାଇବେ। ଏନେଇ ଏସ୍ଏଚ୍ଜି ଗ୍ରୁପର ମହିଳାଙ୍କୁ ଟ୍ରେନିଂ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅପରପକ୍ଷେ, କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୨୫୦ ଶଯ୍ୟାରୁ ୫୧୭ ଶଯ୍ୟାକୁ ବୃଦ୍ଧି କରାଯାଇଛି। ସେହିପରି ବୁର୍ଲା ଭିମସାର, ବ୍ରହ୍ମପୁର ଏମକେସିଜି, ବଲାଙ୍ଗିର ବିବିଏମ୍ସିଏଚ୍, କେନ୍ଦୁଝର ଡିଏଚ୍ଏଚ୍ ଓ ବାଲେଶ୍ୱର ଏଫ୍ଏମ୍ଏମ୍ସିଏଚରେ ଥିବା କର୍କଟ ହସ୍ପିଟାଲ ପାଇଁ ନୂଆ ୬ଟି ରେଡିଓଥେରାପି ମେସିନ୍ କିଣାଯାଉଛି।

## ଏକ ଗ୍ଲାସ୍ ଅଁଳା ସହ ହଳଦୀ ମିଶାଇ ପିଇଲେ ଶରୀରକୁ ମିଳେ ଫାଇଦା



କଞ୍ଚା ହଳଦୀ ଓ ଅଁଳା ଉଭୟ ଖୁବ୍ ଗୁଣକାରୀ। ଯଦି ଉଭୟକୁ ଏକାଠି କରି ଜୁସ୍ ପିଅନ୍ତି, ତେବେ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ନିଶ୍ଚୟ। ଆଜିକାଲି ପ୍ରାୟ ଲୋକ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ଜିନିଷ ଆଡକୁ ଢଳିବାରେ ଲାଗିଛନ୍ତି। ଆୟୁର୍ବେଦ ସହ ଆଧୁନିକ ବିଜ୍ଞାନ ମଧ୍ୟ ଉଭୟ ଅଁଳା ଓ କଞ୍ଚା ହଳଦୀର ଔଷଧୀୟ ଗୁଣକୁ ସ୍ୱୀକାର କରିଛନ୍ତି। କଞ୍ଚା ହଳଦୀରେ ଥିବା କର୍କ୍ୟୁମିନ୍ ଶରୀରର ପ୍ରଦାହକୁ କମ୍ କରିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ସେହିପରି ଅଁଳା ଭିଟାମିନ୍-ସି' ର ପ୍ରମୁଖ ସ୍ରୋତ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ସହ କେଶ, ତ୍ୱଚା ଓ ହଜମ ପ୍ରକ୍ରିୟାକୁ ଲାଭ ପହଞ୍ଚାଇଥାଏ। ଏହି ଜୁସ୍ ଶରୀରକୁ ଅନେକ ପ୍ରକାରର ଫାଇଦା ଦିଏ ବୋଲି କହନ୍ତି ଡାଏଟିସିଆନ୍ ଅର୍ଚ୍ଚନା ଜୈନ୍।

କଞ୍ଚା ହଳଦୀ ଓ ଅଁଳା ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଅଁଳାର ଭିଟାମିନ୍-ସି' ଶରୀରର ସଂକ୍ରମଣ ଓ ଭାଇରସ୍ ସହ ଲଢୁଥିବା ବେଳେ ହଳଦୀର ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ବହୁରୋଗରୁ ରକ୍ଷା କରେ। ଋତୁ ପରିବର୍ତ୍ତନ ସମୟରେ ହେଉଥିବା କାଶ ଓ ଭାଇରାଲ୍ ସଂକ୍ରମଣରୁ ରକ୍ଷା କରେ। ଏ ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ।

ଆଜିକାଲି ଭୁଲ ଖାଦ୍ୟପାନୀୟ, ଜଙ୍କ୍ଫୁଡ୍ ଓ ପ୍ରଦୂଷଣ କାରଣରୁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବାରେ ଲାଗିଛି। ଏହା ଲିଭର୍ ଫଙ୍କସନରେ ସୁଧାର ଆଣିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଅଁଳା ପାଚନ ପ୍ରକ୍ରିୟାରେ ସୁଧାର ଆଣିବା ସହ ହଳଦୀ ପ୍ରଦାହକୁ କମ୍ କରିଥାଏ।

ଅଁଳାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଫ୍ରି-ରେଡିକଲ୍ସରୁ ରକ୍ଷା କରିଥାଏ। ହଳଦୀ ତ୍ୱଚାକୁ ପ୍ରଦାହ ଓ ବ୍ରଣଠାରୁ ଦୂରେଇ ରଖେ। ଏପରିକି ଚର୍ମକୁ ପୋଷଣ ଦେବା ସହ ଦୀର୍ଘଦିନ ଯାଏ ନମନୀୟତା ବଜାୟ ରଖିଥାଏ। ଏହାବ୍ୟତୀତ ବୟସକୁ ମଧ୍ୟ ବାନ୍ଧି ରଖେ।

ଡାଏଟିସିଆନଙ୍କ ଅନୁସାରେ କଞ୍ଚା ହଳଦୀ ଓ ଅଁଳାଜୁସ୍ ହଜମ ପ୍ରକ୍ରିୟାକୁ ବଢ଼ାଇଥାଏ। ଏହା ଗ୍ୟାସ୍, ବଦ୍ହଜମୀ ପରି ସମସ୍ୟାକୁ ଦୂର କରେ। ଅଁଳା ପେଟ ସହ ଅନ୍ତଃନଳୀରେ ସୁଧାର ଆଣିଥାଏ। ଯେଉଁମାନଙ୍କର ବାରମ୍ବାର ପେଟ ସମସ୍ୟା ହେଉଛି, ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ।

ଡାଏଟିସିଆନଙ୍କ ମତରେ ଏହି ଜୁସ୍ ଫାଇଦା ଦିଏ, ତଥାପି ସୀମିତ ମାତ୍ରାରେ ନେବା ଉଚିତ୍। କାରଣ କିଛି ଲୋକଙ୍କ ପେଟରେ ଏହା ଜ୍ୱଳନ ଅବା ଏସିଡିଟି ସମସ୍ୟା ସୃଷ୍ଟି କରିଥାଏ। ଯେଉଁମାନେ ଗମ୍ଭୀର ସମସ୍ୟା ଯୋଗୁ କୌଣସି ଔଷଧ ନେଉଥାନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଜୁସ୍ ପିଇବା ଉଚିତ।

## ଷ୍ଟ୍ରୋକ୍ ପରେ ପ୍ରାୟତଃ ଅବସାଦ ଆସେ



ଷ୍ଟ୍ରୋକ୍ ଏକ ଗମ୍ଭୀର ସମସ୍ୟା, ଯାହାର ଶିକାର କେହି ହୋଇପାରନ୍ତି। ଫଳରେ ବ୍ୟକ୍ତି ବିଭିନ୍ନ ସମସ୍ୟାର ଶିକାର ହେବାର ଆଶଙ୍କା ବଢ଼ିଥାଏ।ଏହାକୁ ପୋଷ୍ଟ ଷ୍ଟ୍ରୋକ୍ ଡିପ୍ରେସନ୍ କୁହାଯାଏ। ଏହାକୁ ସଠିକ୍ ସମୟରେ ନିରୂପଣ କରି ଚିକିତ୍ସା କରିବା ଜରୁରି। ତେବେ ଚାଲନ୍ତୁ ଜାଣିବା ଏହାର କ'ଣ ରହିଥାଏ ଲକ୍ଷଣ ? ମଣିଷ ଶରୀର ଏକ ଜଟିଳ ସଂରଚନା। ପାଦଆଙ୍ଗୁଳିଠାରୁ ଆରମ୍ଭ କରି ମୁଣ୍ଡର କେଶପର୍ଯ୍ୟନ୍ତ ସାରା ଶରୀର ମଧ୍ୟରେ ସଂଯୋଗ ରହିଛି। ସେହିପରି ମସ୍ତିଷ୍କ ସହ ହୃଦୟରମଧ୍ୟ ସଂପୃକ୍ତି ରହିଛି। ଆଙ୍ଗ୍ଜାଇଟି, ଷ୍ଟ୍ରେସ୍,ଅବସାଦ, ପରି ମାନସିକ ସ୍ଥିତି ହୃଦ୍ଘାତ,ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପ ପାଇଁ ମଧ୍ୟଦାୟୀ ରହିଥାନ୍ତି। ସେହିପରି ଯେଉଁ ବ୍ୟକ୍ତିଷ୍ଟ୍ରୋକ୍ ପରି ଘାତକ ପରିସ୍ଥିତି ଦେଇ ଗତିକରିସାରିଛନ୍ତି, ସେମାନଙ୍କଠାରେ ଅବସାଦର ଲକ୍ଷଣ ଦେଖାଦେଇପାରେ। ଏହାକୁ ପୋଷ୍ଟଷ୍ଟ୍ରୋକ୍ ଡିପ୍ରେସନ୍ ବୋଲି ଚିହ୍ନଟ କରିବା ସହ ଚିକିତ୍ସା କରିବା ଜରୁରି। ନଚେତ୍ ହୃଦ୍ଘାତ ପରି ଗମ୍ଭୀର ପରିସ୍ଥିତିକୁ ନିମନ୍ତ୍ରଣ ଦେଇପାରନ୍ତି। ଷ୍ଟ୍ରୋକ୍ ପରେ ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଥାଏ । ଅବସାଦ ଷ୍ଟ୍ରୋକ୍ର ଏକ ପାଶ୍ୱର୍ ପ୍ରତିକ୍ରିୟା।ଷ୍ଟ୍ରୋକ୍ ପରେ ଏହା ଦେଖାଯିବା ଖୁବ୍ ସାଧାରଣ। ଷ୍ଟ୍ରୋକ୍ ହେବାପରେ ପ୍ରତି ୩ ଜଣଙ୍କ ଭିତରୁ ଜଣକଠାରେଅବସାଦ, ଧୀରେ ଧୀରେ ନ୍ୟୁରୋମିଟରରେପରିବର୍ତ୍ତନ, ଖରାପ ଜୀବନଶୈଳୀ ଏବଂମୃତ୍ୟୁକୁ ନେଇ ଆଶଙ୍କା ବଢ଼ିଯାଇଥାଏ।ଅବସାଦ ଷ୍ଟ୍ରୋକ୍ର ୨ ବର୍ଷ ପରେ ମଧ୍ୟଆସିପାରେ। ପ୍ରାୟତଃ ୩୦ ପ୍ରତିଶତଷ୍ଟ୍ରୋକ୍ରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କଠାରେଅବସାଦ ଦେଖିବାକୁ ମିଳିଥାଏ। ଲକ୍ଷଣମନ ଅସ୍ଥିର ହେବା, ହୃଦ୍ସ୍ପନ୍ଦନ ବଢ଼ିବା,ମୃତ୍ୟୁର ଭୟ, କିଛି କରିବାର ଆଗ୍ରହକମିବା, ଆବଶ୍ୟକଠାରୁ ଅଧିକ ଭୋକଲାଗିବା ବା ଆଦୌ ଭୋକ ନ ଲାଗିବା,ଶକ୍ତିହୀନ ଅନୁଭବ କରିବା, ଆତ୍ମହତ୍ୟାକରିବାକୁ ଇଚ୍ଛା ହେବା, ନିଷ୍ପତ୍ତି ନେବାରେସମସ୍ୟା ଓ ଉଦାସ ଅନୁଭବ କରିବା। ଚିକିତ୍ସା ଷ୍ଟ୍ରୋକ୍ ପରେ ହେଉଥିବା ଅବସାଦର ଚିକିତ୍ସା ଜରୁରି। କୌଣସି ଭଲ ମନୋ ଚିକିତ୍ସକଙ୍କ ସାହାଯ୍ୟ ନେଇ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ପରିବାର ସହ ରହିବା ତଥା ସମସ୍ତ ଭାବନାକୁ ସେୟାର କରିବାମଧ୍ୟ ଜରୁରି। ଯଦି ଆବଶ୍ୟକ, ତେବେ ଥେରାପୀ ମଧ୍ୟ ନିଅନ୍ତୁ। ପ୍ରଫେସନାଲ୍ ହେଲ୍ଥକଗ୍ନିଟିଭ୍ ବିହେବିରିଆଲ୍ ଥେରାପୀ,ଇଣ୍ଟରପର୍ସନାଲ୍ ଥେରାପୀ ପରି ଅନ୍ୟାନ୍ୟଥେରାପୀର ମଧ୍ୟ ସହଯୋଗ ନେଇପାରିବେ। ଏସବୁ କରିବା ଦ୍ୱାରା ଅବସାଦରୁ ବାହାରିବାସମ୍ଭବ ହୋଇଥାଏ।

## ନଡ଼ିଆ ପାଣି ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ



ଗ୍ରୀଷ୍ମ ଋତୁରେ ଝାଳ ମାଧ୍ୟମରେ ଶରୀରରୁ ପାଣି ବାହାରିଯାଏ, ଯାହା ଶରୀରକୁ ଡିହାଇଡ୍ରେଟ୍ କରେ। ତେଣୁ, ଗରମ ଷ୍ଟ୍ରୋକ୍ ରୁ ରକ୍ଷା ପାଇବା ପାଇଁ ଏବଂ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପାଣି ପିଇବା ଅତ୍ୟନ୍ତ ଜରୁରୀ। ଡିହାଇଡ୍ରେସନ୍ ଯୋଗୁଁ ମୁଣ୍ଡ ବୁଲାଇବା ମଧ୍ୟ ହୋଇପାରେ। ଏହାକୁ ଏଡାଇବା ପାଇଁ ଲୋକମାନେ ନଡ଼ିଆ ପାଣି ଠାରୁ ଆରମ୍ଭ କରି ଗ୍ଲୁକୋଜ୍ ପର୍ଯ୍ୟନ୍ତ ସବୁକିଛି ସେବନ କରନ୍ତି। କିନ୍ତୁ ଲୋକଙ୍କ ମନରେ ସବୁବେଳେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ ଯେ କେଉଁ ପାନୀୟ ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ। ଆସନ୍ତୁ ଜାଣିବା ସେ ବିଷୟରେ...

### ନଡିଆ ପାଣିର ଫାଇଦା

**ହାଇଡ୍ରେସନ୍ର ଉତ୍ତମ ସ୍ରୋତ:** ନଡ଼ିଆ ପାଣିରେ ଇଲେକ୍ଟ୍ରୋଲାଇଟ୍ସ ପରି ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ସୋଡିୟମ୍ ଭରପୂର ରହିଛି। ଏହା ଡିହାଇଡ୍ରେସନ୍ ପୂରଣ କରିବାରେ ସାଦା ପାଣି ଅପେକ୍ଷା ଆହୁରି ପ୍ରଭାବଶାଳୀ, ବିଶେଷକରି ବ୍ୟାୟାମ ପରେ କିମ୍ବା ଗ୍ରୀଷ୍ମ ପ୍ରବାହ ସମୟରେ।

**ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ:** ଏଥିରେ ଥିବା ପୋଟାସିୟମ ପରିମାଣ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ନିୟମିତ ସେବନ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରେ, ଯାହା ହୃଦରୋଗର ଆଶଙ୍କା କମ୍ କରିଥାଏ।

**ଓଜନ ହ୍ରାସରେ ସାହାଯ୍ୟ କରେ:** ଯଦି ଆପଣ ମିଠା ଜୁସ୍ କିମ୍ବା ସୋଡ଼ାର ପ୍ରଶଂସକ, ତେବେ ନଡ଼ିଆ ପାଣି ଏକ ଉତ୍ତମ ବିକଳ୍ପ। ଏଥିରେ କ୍ୟାଲୋରି ବହୁତ କମ୍। ଏହା ଆପଣଙ୍କ ମେଟାବୋଲିଜିମ୍ ତ୍ୱରାନ୍ୱିତ କରେ ଏବଂ ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ଅନୁଭବ କରାଏ।

**ଚମକଦାର ତ୍ୱଚା ଏବଂ କେଶ:** ନଡ଼ିଆ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ। ନଡ଼ିଆ ପାଣିରେ ଥିବା ସାଇଟୋକିନିନ୍ ତ୍ୱଚାକୁ ଯବାନ ରଖିବାରେ ସାହାଯ୍ୟ କରେ। ଏହାକୁ ମୁହଁରେ ଲଗାଇବା ଦ୍ୱାରା ବ୍ରଣ ଏବଂ ଦାଗ କମ ହୋଇଥାଏ।

### ଗ୍ଲୁକୋଜର ଫାଇଦା

**ତୁରନ୍ତ ଶକ୍ତି:** ଗ୍ଲୁକୋଜର ସବୁଠାରୁ ବଡ଼ ଫାଇଦା ହେଉଛି ଏହାକୁ ହଜମ କରିବାକୁ ପଡ଼ିନଥାଏ। ଏହା ସିଧାସଳଖ ରକ୍ତ ପ୍ରବାହରେ ଶୋଷିତ ହୋଇ ଶରୀରର କୋଷଗୁଡ଼ିକୁ ତୁରନ୍ତ ଶକ୍ତି ଯୋଗାଇଥାଏ। ଏହି କାରଣରୁ ଯେତେବେଳେ ଆପଣ କ୍ଲାନ୍ତ କିମ୍ବା ଦୁର୍ବଳ ଅନୁଭବ କରନ୍ତି ସେତେବେଳେ ଗ୍ଲୁକୋଜ ପିଇବାକୁ ପରାମର୍ଶ ଦିଆଯାଏ।

**ମସ୍ତିଷ୍କ ପାଇଁ ଇନ୍ଧନ:** ମସ୍ତିଷ୍କ ଆମ ଶରୀରର ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବ୍ୟବହାର କରେ, ଏବଂ ଗ୍ଲୁକୋଜ୍ ଏହାର ଶକ୍ତିର ପ୍ରାଥମିକ ଉତ୍ସ। ପର୍ଯ୍ୟାପ୍ତ ଗ୍ଲୁକୋଜ୍ ସେବନ ଏକାଗ୍ରତାକୁ ଉନ୍ନତ କରେ ଏବଂ ମାନସିକ ଥକ୍କାପଣକୁ ହ୍ରାସ କରେ।

**ଶରୀରର ତାପମାତ୍ରା ନିୟନ୍ତ୍ରଣ:** ଅତ୍ୟଧିକ ଗରମରେ, ଶରୀର ଝାଳ ମାଧ୍ୟମରେ ଶକ୍ତି ଏବଂ ପାଣି ହରାଇଥାଏ। ଗ୍ଲୁକୋଜ୍ କେବଳ ଶକ୍ତି ପ୍ରଦାନ କରେ ନାହିଁ ବରଂ ଶରୀରକୁ ହାଇଡ୍ରେଟ୍ ଏବଂ ତାପମାତ୍ରା ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ।

ଯଦି ଆପଣ ଦୁର୍ବଳ ଅନୁଭବ କରୁଛନ୍ତି ଏବଂ ତୁରନ୍ତ ଶକ୍ତି ଆବଶ୍ୟକ କରୁଛନ୍ତି, ତେବେ ଆପଣ ଗ୍ଲୁକୋଜ୍ ସେବନ କରିପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ନଡ଼ିଆ ପାଣି ଲାଭଦାୟକ କାରଣ ଏହା କେବଳ ଆପଣଙ୍କୁ ହାଇଡ୍ରେଟ୍ କରେ ନାହିଁ ବରଂ ଶରୀରରେ ଖଣିଜ ପଦାର୍ଥକୁ ମଧ୍ୟ ପୂରଣ କରେ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ସତେଜ ଅନୁଭବ କରାଇଥାଏ।



## ଜିଲ୍ଲାପାଳଙ୍କ ଅଫିସ ଆଗରେ ଚାଷୀ ପାଳିଲେ ପଖାଳ ଦିବସ



ବରଗଡ଼,୨୦।୩(ସଂଚାର ବ୍ୟୁରୋ): ଧାନବିକ୍ରି ଦାବି ନେଇ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଆନ୍ଦୋଳନ ଜାରି ରହିଛି। ଗତ ୫ତାରିଖରୁ ଧାନବସ୍ତା ଗଦା କରି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଧାନ କ୍ରୟକେନ୍ଦ୍ର ଉପରେ ନିର୍ଭରଶୀଳ ଗ୍ରାମର ଚାଷୀମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସବୁଠି ପଖାଳ ଦିବସ ପାଳନ କରାଯାଉ ଥିବାବେଳେ ଧାରଣାରତ ଚାଷୀମାନେ ମଧ୍ୟ ଧାରଣାସ୍ଥଳୀରେ ପଖାଳ ଦିବସ ପାଳନ କରିଥିଲେ। ନିଜେ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କାଠ ଜାଳେଣିରେ ରୋଷେଇ କରିଥିଲେ ଏବଂ ପଖାଳ ଦିବସ ପାଳନ କରିଥିଲେ। ଧାନବିକ୍ରି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ଏବଂ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସେବା ପାଇଁ ଜୀବନକୁ ବାଜି ଲଗାଉଛନ୍ତି ମେଡିକାଲ ଟିମ୍



କନ୍ଧମାଳ,୨୦।୩(ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳର ଦେବଦୂତ। ଆଦିବାସୀ ଇଲାକାରେ ଅସହାୟଙ୍କ ତ୍ରାଣକର୍ତ୍ତା। ମାଓ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ଶିବିର। ଜଙ୍ଗଲ ଭିତରେ ଚାଲିଥିବା ଏହି ସ୍ୱାସ୍ଥ୍ୟ ଶିବିର ଉପରେ ଟିକେ ନଜର ପକାନ୍ତୁ। କିଛି ସ୍ୱାସ୍ଥ୍ୟକର୍ମୀ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି ଆଉ କିଛି ଲୋକ ତାଙ୍କ ଚାରି ପାଖେ ଘେରି ବସିଛନ୍ତି। ଲାଗୁଛି ଯେମିତି ଗୋଟାଏ ପରିବାରର ସଦସ୍ୟ। ଏ ଦୃଶ୍ୟ ଗଞ୍ଜାମ କନ୍ଧମାଳ ସୀମାରେ ଥିବା ରଣବା ପଞ୍ଚାୟତର। ଦିନରେ ବି ଯିବାକୁ ଭୟ ଲାଗୁଥିବା ଏହି ସ୍ଥାନ ଦିନେ ମାଓ ଇଲାକା ଭାବରେ ପରିଚିତ ଥିଲା। ଘଞ୍ଚ ଜଙ୍ଗଲ ଭିତରେ ଥିବା ଏହି ଅଞ୍ଚଳରେ ସମ୍ପୂର୍ଣ୍ଣ ଅପହଞ୍ଚ ଥିଲା ସ୍ୱାସ୍ଥ୍ୟ ସେବା। କିନ୍ତୁ କେନ୍ଦ୍ର ସରକାରଙ୍କ ଆରୋଗ୍ୟ ମନ୍ଦିର ଯୋଜନା ଆସିବା ପରେ ବଦଳିଯାଇଛି ସ୍ୱାସ୍ଥ୍ୟ ଅବସ୍ଥାର ରୂପରେଖା। ପ୍ରତି ସପ୍ତାହରେ ଏଣିକି ମେଡିକାଲ ଟିମ୍ ଯାଉଛନ୍ତି ଏହି ଜଙ୍ଗଲ ଭିତରେ ଥିବା ରଣବା, ଇନ୍ଦ୍ରଗଡ଼ ଭଳି ପଞ୍ଚାୟତକୁ। ଗାଁକୁ ଗାଁ ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରଖୁଛନ୍ତି ଆଉ ଦେଉଛନ୍ତି ମାଗଣା ଔଷଧ। ଲୋକେ ବି ନିଜ ପାଖରେ ମାଗଣା ସ୍ୱାସ୍ଥ୍ୟ ସେବା ପାଇ ବହୁତ ଖୁସି। ଦୁର୍ଗମ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଗଛ ମୂଳେ କରାଯାଉଛି ଚିକିତ୍ସା। ଏଠି ସମସ୍ତେ ନିଜ ପରିବାର ଲୋକଙ୍କ ଭଳି ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍ୱାଗତ କରିଥାନ୍ତି। ଆରୋଗ୍ୟ ମନ୍ଦିର ଟିମ୍ ରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ଜଣେ ଫାର୍ମାସିଷ୍ଟ, ଜଣେ ଆଟେଣ୍ଡାଣ୍ଟ ଥାନ୍ତି। ଯେଉଁଠି ଦିନେ ମାଓବାଦୀଙ୍କ ଚଳପ୍ରଚଳ ଥିଲା, ଆଜି ସେଠି ସ୍ୱାସ୍ଥ୍ୟ ଶିବିର ଚାଲିଛି। ଉଦ୍ଦେଶ୍ୟ କେବଳ ଆଦିବାସୀ ଗାଁ କୁ ରୋଗମୁକ୍ତ କରିବା। ନିଜ ଜୀବନକୁ ବାଜି ଲଗାଇ ଯାଉଛନ୍ତି ଅତ୍ୟନ୍ତ ଅପନ୍ତରା ସ୍ଥାନକୁ ଟିମ୍। ତଥାପି ସେମାନେ ଖୁସି।

## ମା’ ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ



ବରଗଡ଼,୨୦।୩(ସଂଚାର ବ୍ୟୁରୋ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା’ ସମଲେଇଙ୍କ ବାସନ୍ତୀକ ନବରାତ୍ର ପୂଜା ଚାଲିଛି ହୋଇଛି। ଦ୍ୱିତୀୟ ଦିବସ ଶୁକ୍ରବାରରେ ଦେବୀ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ପହଞ୍ଚି ମାଁ ସମଲେଶ୍ୱରୀଙ୍କ ଦର୍ଶନ କରୁଛନ୍ତି। ଦେବୀଙ୍କ ପୀଠରେ ସକାଳୁ ଭକ୍ତଙ୍କ ସମାଗମ ହୋଇଛି।

## ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କର ଜନ୍ମ ଦିବସ ପାଳିତ



ବୈଶିଙ୍ଗା,୨୦।୩(ସଂଚାର ବ୍ୟୁରୋ): ସୁନାମ ଧନ୍ୟ ଝୁମର ବିଶାରଦ, ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କର ୮୬ ତମ ଜନ୍ମ ଦିବସ ଉପଲକ୍ଷେ “ଝୁମର ବିଶାରଦ- ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତ ଜୟନ୍ତୀ ପାଳନ କମିଟି”, ବେତନଟୀ, ମୟୂରଭଞ୍ଜ ପକ୍ଷରୁ “ଲାଲମୋହନ ମହାନ୍ତଙ୍କର ଦେଶ ପ୍ରେମ, ସମାଜ ସେବା ଓ ଝୁମର ଜଗତ ପ୍ରତି ଅବଦାନ”ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ରାଷ୍ଟ୍ରୀୟ ନବ ବର୍ଷ ୧୯. ୦୩. ୨୦୨୬ ଗୁରୁବାର ଦିନ ଅପରାହ୍ନ ୩ଘଟିକା ୩୦ ମିନିଟ ସମୟରେ ରେଣୁଗାଁ ସ୍ଥିତ ଲାଲମୋହନ ମହାନ୍ତଙ୍କର ବାସ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଜୟନ୍ତୀ କମିଟିର ଆବାହକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ସିଭିଲ ସୋସାଇଟିର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଲେ ଲାଲମୋହନ ମହାନ୍ତଙ୍କର ବହୁମୁଖୀ ପ୍ରତିଭାରେ ମୁଗ୍ଧହୋଇ ସିଭିଲ ସୋସାଇଟି ପକ୍ଷରୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରସ୍ୱତୀ ଶିଶୁ ମନ୍ଦିର ବେତନଟୀର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ଲକ୍ଷ୍ମୀଧର ବାରିକ,କୁଡୁମାଲୀ କାଲ ଚୁରାଲ ଏସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ , ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମର ସଭାପତି ଆଶୁ କବି ବାସୁଦେବ ନାପିତ କହିଲେ ଲାଲମୋହ ମହାନ୍ତ ଜଣେ ନିସ୍ୱାର୍ଥପର ସମାଜ ସେୱୀ ଏବଂ ଭଲ ସାମାଜିକ ସଂଗଠକ , ସମ୍ମାନିତ ବକ୍ତା ଭାବରେ ବିଶ୍ୱ ଜାଗରଣ ଝୁମର ପ୍ରତିଷ୍ଠାନ ମଗୁସିରିଆର ସମ୍ପାଦକ ଚକ୍ରଧର ମହାନ୍ତ, ଝୁମର ଗୁରୁ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅବସର ପ୍ରାପ୍ତ ଫୋରମ୍ୟାନ ଚୁନୁରାମ ମହାନ୍ତ,ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତ, ପ୍ରମୁଖ ଯୋଗଦାନ କରି ଲାଲମୋହନ ମହାନ୍ତଙ୍କର ତ୍ୟାଗ ସେବା ଓ ବହୁମୁଖି ପ୍ରତିଭା ବିଷୟରେ ମତବ୍ୟକ୍ତ କରିଥିଲେ।

## ରାଷ୍ଟ୍ରୀୟ ନବ ବର୍ଷ ପାଳିତ



ବେତନଟୀ,୨୦।୩(ସଂଚାର ବ୍ୟୁରୋ): ଉପକଣ୍ଠ ମହୁଲିଆରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କର ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି କ୍ଷକ୍ଷ ଏଥିରେ ପର୍ଯ୍ୟାବରଣ ସୁରକ୍ଷା ଗତିବିଧି ମୟୂରଭଞ୍ଜର ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ଚମ୍ପାବତୀ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନର ପୌରାଣିକ ଏବଂ ଐତିହାସିକ ପୃଷ୍ଠଭୂମି ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏବଂ ଗୁରୁଜୀ ଗୁରୁମା ମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗୁରୁମା ରାଜଶ୍ରୀ ଦୁର୍ଗା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଗୁରୁମା ନିହାରିକା କର।

## ଜମିପଟ୍ଟା ପ୍ରଦାନ ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ



ମୋହନା,୨୦।୩(ସଂଚାର ବ୍ୟୁରୋ): ବିଭିନ୍ନ ଦାବି ନେଇ ଶୁକ୍ରବାର ଅଲ ଇଣ୍ଡିଆ ମୂଳ ନିବାସୀ ସଂଘ ପକ୍ଷରୁ ମୋହନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହାଇସ୍କୁଲ ଛକରୁ ମୁଖ୍ୟ ବଜାର ଦେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୋହନା ବ୍ଲକରେ ଥିବା ଭୂମିହୀନମାନଙ୍କୁ ପଟ୍ଟା ଯୋଗାଇବା, ନୀରିହ ଲୋକଙ୍କୁ ଲୁଟୁଥିବା ଅପରାଧୀଙ୍କୁ ଗିରଫ କରିବା, ସାମାଜିକ ନ୍ୟାୟ, ମୌଳିକ ନ୍ୟାୟ ପ୍ରଦାନ, ଉଚ୍ଚଶିକ୍ଷା ପାଇଁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ ନେଇ ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ଜମିକୁ ବେସରକାରୀ ସଂସ୍ଥାକୁ ପ୍ରଦାନ କରାଯାଉଥିବା ବେଳେ ଗରିବ ଭୂମିହୀନ ଲୋକଙ୍କୁ ଜମି ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୋହନା ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

## ଶିକ୍ଷକଶିକ୍ଷୟିତ୍ରୀଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର



ବୈଶିଙ୍ଗା,୨୦।୩(ସଂଚାର ବ୍ୟୁରୋ): ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ପଞ୍ଚ ଦିବସୀୟ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର - ୨୦୨୬ ଉଦଘାଟିତ ହୋଇ ଯାଇଛି। ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଶିବିର କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି। ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉତ୍ତମ ଶିକ୍ଷା ପ୍ରଦାନ ଦ୍ୱାରା ଏକ ଶୃଙ୍ଖଳିତ ତଥା ସୁସ୍ଥ ସମାଜ ଗଠିତ ହୋଇ ପାରିବ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ କ୍ଷବରିଷ୍ଠ ଶିକ୍ଷକ ରାଜକିଶୋର ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହିତ ତାଲିମ ଶିବିର ର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଥିଲେ ଏବଂ ଶୃଙ୍ଖଳିତ ଜୀବନ ଯାପନ ନିମନ୍ତେ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଜିଲ୍ଲା କ୍ରୀଡ଼ା ଛାତ୍ରବାସ ଅଧିକ୍ଷକ ଅବନୀ ମୋହନ ମହାନ୍ତି, ଫିଜିଓଥେରାପି ସାଧନ କର୍ମୀ ଶୁଭକାନ୍ତ ଦଲେଇ, ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜିଲ୍ଲା ସାଧାରଣ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୋଗ ମାର୍ଗଦର୍ଶକ ଜ୍ୟୋତି ରଞ୍ଜନ ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜାତୀୟ ସ୍ତରୀୟ ଯୋଗାସନ ଛାତ୍ରଛାତ୍ରୀ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସଂଗୀତା ପାଢ଼ୀ ଓ ଶୁଭ ଲକ୍ଷ୍ମୀ ବେହେରା ଯୋଗାସନ ପ୍ରଦର୍ଶନ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ପିଭିଟିଜି ବାଳକ ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ



ଲାଞ୍ଜିଗଡ଼,୨୦।୩(ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ପିଭିଟିଜି ବାଳକ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି।ପ୍ରଧାନଶିକ୍ଷକ ହରି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ଲାଞ୍ଜିଗଡ଼ କ୍ଲଷ୍ଟର ସଂଯୋଜକ ଜଳନ୍ଦର ମାଝୀ, ସ୍କୁଲ ପରିଚାଳନା କମିଟି ଉପ ସଭାପତି ରାଜେନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିମାନେ କୃତି ଛାତ୍ର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ମାଝୀ ବିଦ୍ୟାଳୟର ବାର୍ଷିକ ପଠନ କରିଥିଲେ। ସ୍କୁଲ ଶିକ୍ଷକ ପଦ୍ମନ ମାଝୀ, ଚିତ୍ତ ମାଝୀ, ରାଜେନ୍ଦ୍ର ମାଝୀ, ବାଣୀପଙ୍ଗା ବାଳିକା ହାଇସ୍କୁଲର ଶିକ୍ଷକ ଯୋଗେଶ୍ୱର ମାଝୀ ପ୍ରମୁଖ ସହଯୋଗ କରିଥିଲେ।ଛାତ୍ରୀ ସରିତା ମାଝୀ ଏବଂ ରୁକ୍ମଣି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶିକ୍ଷକ ଯୋଗେଶ୍ୱର ମାଝୀ ଧନ୍ୟବାଦ ଦେଇଥିଲେ।

## ନୀଳକଣ୍ଠେଶ୍ୱରଙ୍କ ପୀଠରେ ପଖାଳ ଦିବସ



ବାଲିପାଟଣା,୨୦।୩(ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜା ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱରଙ୍କ ପୀଠରେ ବିଶ୍ୱ ପଖାଳ ଦିବସ ପାଳନ ହୋଇ ଯାଇଛି। ଦହି ପଖାଳ ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଶୁଦ୍ଧ ସାକାହାରୀ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ବାସୁମତୀ ଚାଉଳ ଦହି ଛୁଙ୍କ ପଖାଳ, ବଡ଼ି ଚୂରା, ମୁଗ ଓ ନଡ଼ିଆ ଡାଲି, ସଜନା ଛୁଇଁ ରାଇ, ପନିର ମିକ୍ସ, ବାଇଗଣ ମସଲା, ଆଳୁ ବାଇଗଣ ଭର୍ତ୍ତା, ଦହି ପୋଟଳ କୁର୍ମା, କଖାରୁ ଫୁଲ ପିଠା, ଆଳୁ ଦମ, ପାମ୍ପଡ, ଭାଜି, ଭେଣ୍ଡି ଭଜା ପ୍ରଭୃତି ବ୍ୟଞ୍ଜନ ପରସା ଯାଇଥିଲା। ମାନସ ପଣ୍ଡା, ସତ୍ୟଜିତ ରାୟ, ବସନ୍ତ କୁମାର ଦାଶ, ପ୍ରଭୁ ପ୍ରସାଦ ଜେନା, ମୋହନ ପଣ୍ଡା, ଲିଙ୍ଗରାଜ ବେହେରା, ସଞ୍ଜୟ ବେହେରା, ଅମର ଅନଙ୍ଗ ମହାପାତ୍ର, ଅରବିନ୍ଦ ସ୍ୱାଇଁ, ରବୀନ୍ଦ୍ର ପରିଡା, ଡମ୍ବରୁ ଧର ମିଶ୍ର, ସୁରେନ୍ଦ୍ର ସାହୁ, ସୁଜିତ ସାହୁ, ପ୍ରିୟ ଦର୍ଶନ ପଣ୍ଡା, ବଦ୍ରି ନାରାୟଣ ଦାସ, ସାରଙ୍ଗ ଖିଟେଇ, ଜଗନ ପଣ୍ଡା, ଚିନ୍ମୟ ବେହେରା, ରବିନ୍ଦ୍ର ସେଠି, ଅଜୟ ମହାପାତ୍ର, ଦୀନବନ୍ଧୁ ସାହୁ, ସତ୍ୟବ୍ରତ ଜେନା, ବିକ୍ରମ ଜେନା, ବିଶ୍ୱ ରଞ୍ଜନ ପଣ୍ଡା, ଅରୁ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିଗପହଣ୍ଡିରେ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା



ଦିଗପହଣ୍ଡି,୨୦।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ (ଟିଏଲ୍‌ଏମ୍) କର୍ମଶାଳା ଗୁରୁବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ଶିକ୍ଷାଦାନ ଶୈଳୀକୁ ଅଧିକ ସରଳ ଓ ପ୍ରଭାବଶାଳୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକର ୧୬ଟି କ୍ଲଷ୍ଟରରୁ ପ୍ରାୟ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାୟ ୮୦ଟି ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନକୁ ସୁଦୃଢ଼ କରିବା ସହ ଶ୍ରେଣୀ ଗୃହରେ ଶିକ୍ଷାଦାନକୁ ସରଳ, ଆକର୍ଷଣୀୟ ଓ ଦୀର୍ଘସ୍ଥାୟୀ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ। ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ କହିଥିଲେ ଯେ, “ଏହି କର୍ମଶାଳା ଶିକ୍ଷକମାନଙ୍କୁ ଆଧୁନିକ ଓ କୁଶଳୀ ଶିକ୍ଷାଦାନ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ।” ସେହିପରି ଅନ୍ୟତମ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱବା ପାଇକ ଏବଂ ରସାନନ୍ଦ ଘଡ଼େଇ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ସାମଗ୍ରୀ ପ୍ରସ୍ତୁତିରେ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ।

## ନିଜ ସୁରକ୍ଷା ପାଇଁ ଆଗେଇ ଆସିଲେ ଛାତ୍ରୀ



ଦାରିଙ୍ଗବାଡ଼ି,୨୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ବ୍ରାହ୍ମଣୀଗାଁଠାରେ ରହିଥିବା ଋଷିମାଳ ଡିଗ୍ରୀ ମହାବିଦ୍ୟାଳୟରେ ମାର୍ଚ୍ଚ ୫ରୁ ୧୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷର ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇ ନିଜ ସୁରକ୍ଷା ନିଜେ କିଭଳି କରିପାରିବେ ସେ ସମ୍ପର୍କରେ ତାଲିମଦାତା ସୁରଭି ଶବରଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭାସ୍କର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ଓ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆତ୍ମସୁରକ୍ଷା ତାଲିମ ନେଇଥିବା ଛାତ୍ରୀଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣୀଗାଁ ଥାନା ସବ୍‌ଇନ୍ସପେକ୍ଟର ଭୋଳାନାଥ ପଣ୍ଡା ଯୋଗଦେଇ ଛାତ୍ରୀଙ୍କୁ ସାମାଜିକ ସୁରକ୍ଷା ଓ ଆତ୍ମରକ୍ଷା ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ସଭାପତି ରାମଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଇତିହାସ ଅଧ୍ୟାପକ ଅକ୍ଷୟ ବେହେର ଦଳାଇ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟାପକ ସୁଜ୍ଞାନ ସାହୁଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଛାତ୍ରୀ ମୃତ

ଗଞ୍ଜାମ,୨୦।୩(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପିତଳ ଛକରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସକାଳେ ପିତଳର ଜନୈକା ଛାତ୍ରୀ ତଥା ବିଭୂ ପ୍ରଧାନଙ୍କ କନ୍ୟା ବର୍ଷା ପ୍ରଧାନ (୧୯) ବସ୍ ଧରିବାକୁ ପିତଳ ଛକରେ ଅପେକ୍ଷା କରିଥିବା ବେଳେ ଜଣେ ଯୁବକ ଦ୍ରୁତଗତିରେ ବାଇକ୍ ନେଇ ଆସି ବର୍ଷାକୁ ଧକ୍କା ଦେଇଥିଲା। ଉଭୟ ବର୍ଷା ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ବର୍ଷାକୁ ଚିକିତ୍ସା ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ନେବାବେଳେ ରାସ୍ତାରେ ତା’ର ମୃତ୍ୟୁ ଘଟିଛି।

## ଉନ୍ନତ ଜ୍ଞାନକୌଶଳ ପଦ୍ଧତିରେ ମହୁଚାଷ ପ୍ରଶିକ୍ଷଣ ଶିବିର



ଲାଞ୍ଜିଗଡ଼,୨୦।୩(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବ୍ଲକ ସମ୍ମିଳନୀ ଗୃହରେ ଉନ୍ନତ ଜ୍ଞାନକୌଶଳ ପଦ୍ଧତିରେ ମହୁଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ତୁର୍କାଗାଁ ଓ କାନକୁଟୁ ପଞ୍ଚାୟତର ଆବାସ ନଗରର ଚାଷୀ ଭାଗ ନେଇ ୭ ଦିନ ପ୍ରଶିକ୍ଷଣ ନେଇ ଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ କିଭଳି ଭାବରେ ଆଦିବାସୀ ମାନେ ସୁଲଭ ମୂଲ୍ୟରେ ରୋଜଗାର କରିପାରିବେ ଏବଂ ଅଧିକ ଉନ୍ନତି କରି ଆର୍ଥିକସ୍ଥିତି ମଜଭୁତ କରିବେ ତାହାକୁ ଧ୍ୟାନରେ ରଖି ଓଡ଼ିଶା ଖଦି ଗ୍ରାମୋଦ୍ୟଗ ସଂସ୍ଥା ତରଫରୁ ଏକ ତାଲିମ ଶିବିର ଅନୁଷ୍ଠିତ କରାଯାଇଥିଲା।ଉକ୍ତ ତାଲିମ ଶିବିରରେ ଆଗ୍ରହୀ ମହୁଚାଷୀଙ୍କୁ ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟା ସିଂ ଙ୍କ ଦ୍ୱାରା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଶାଙ୍କ ପାତ୍ର, ସମାଜସେବୀ ହରିଶଙ୍କର ପାତ୍ର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟା ସିଂ, ବରିଷ୍ଠ ତାଲିମ ଶିକ୍ଷକ ହରପ୍ରସାଦ ପଟ୍ଟନାୟକ, ଶିବୁ କୁମାର ପଣ୍ଡା ତାଲିମ ଶିକ୍ଷକ ଯୋଗ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ନିରଞ୍ଜନ ଦାଶ ଏବଂ ସହଯୋଗ କରିଥିଲେ ଟିମ ଲିଡ଼ର ବାସୁ ମାଝୀ ଏବଂ ନବୀନ ମାଝୀ।

## ବୟୋବନ୍ଦନା ଯୋଜନା କାହା ପାଇଁ ?

ଗଞ୍ଜାମ,୨୦।୩(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଆୟୁଷ୍ମାନ କାର୍ଯ୍ୟକ୍ରମରେ ୭୦ ବର୍ଷ ବୟସ୍କ ବୃଦ୍ଧ ମାନଙ୍କୁ ବୟୋବନଦନା ଆୟୁଷ୍ମାନ ଯୋଜନାର ସାମିଲକରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିଷ୍ପତି ନେଇଛନ୍ତି। ତେବେ ଗଂଜାମ ଜିଲା ଶେରଗଡ଼ ସିଏଚସି ର ପିତଳ ଅଞ୍ଚଳରେ ଜଣେ ବୃଦ୍ଧ ୭୯ ବର୍ଷ ବୟସରେ ଉପନୀତ ହୋଇଥିଲେ ମଧ୍ଯ ତାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ।

## କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା, ମଣ୍ଡିରେ ଭିଜିଲା ଧାନ

ମାଥିଲ,୨୦।୩(ସଂଚାର ବ୍ୟୁରୋ): ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ମାଲକାନଗିରି ଜିଲା ମାଥିଲି ବ୍ଲକର ବିଭିନ୍ନ ମଣ୍ଡିରେ ପଡିଥିବା ଚାଷୀଙ୍କ ଧାନ ଭିଜିଯାଇଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀଙ୍କ ଧାନ ସବୁ ପଡ଼ି ରହିଥିବା ବେଳେ କାଳବୈଶାଖୀ ବର୍ଷା ଧାନକୁ ଓଦା କରିଦେଇଛି। ତେବେ ବର୍ଷା ଭିଜା ଧାନର ଗୁଣବତ୍ତା ନଷ୍ଟ ହେବା ସହ ମିଲରଙ୍କ କଟନି ଛଟନିର ଶିକାରକୁ ନେଇ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ମିଳିଥିବା ସୂଚନା ମୁତାବକ, ମାଥିଲି ବ୍ଲକର ୧୪ଟି ମଣ୍ଡି ଖୋଲାଯାଇଥିବା ବେଳେ ଗତ ଡ଼ିସେମ୍ବର ୨୫ରୁ ମଣ୍ଡିଗୁଡିକରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ଚାଷୀ ଟୋକନ ସମସ୍ୟା ନେଇ ଚିନ୍ତାରେ ଥିବାବେଳେ ଏବେ କାଳବୈଶାଖୀ ବର୍ଷାରେ ଧାନ ଓଦା ହୋଇ ମଣ୍ଡିରେ ପଡି ରହିଛି। ଚାଷୀମାନେ ପାଖାପାଖି ଦୁଇ ସପ୍ତାହ ହେଲା ମଣ୍ଡିରେ ଧାନ ରଖି ଜଗି ବସିଥିଲେ ମଧ୍ୟ ଠିକ୍ ସମୟରେ ମଣ୍ଡିରେ ଟାର୍ଗେଟ ନ ଆସିବା ଓ ମିଲର ଠିକ ସମୟରେ ଧାନ ନ ଉଠେଇବା ଯୋଗୁ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହେବାକୁ ବସିଲାଣି। ଓଦା ଧାନ ସରକାର କିଣିବେ ତ ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠିଛି। ଯଦି ନ କିଣନ୍ତି ଚାଷୀକୂଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି।

## ସିନାପାଲିରେ ପଖାଳ ଦିବସ ପାଳିତ

ନୂଆପଡ଼ା,୨୦।୩(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ଓ ସାହିତ୍ଯ ଘର ତରଫରୁ ପଖାଳ ଦିବସ ସ୍ଥାନୀୟ ମହଗାଁ ହାଇସ୍କୁଲ ପରିସରରେ ଆଜି ପାଳିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ତଥା ବରିଷ୍ଠ ସାହିତ୍ୟିକ ରବୀନ୍ଦ୍ରନାଥ ଯୋଷୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ତଥା ସାହିତ୍ୟଘର ସମ୍ପାଦକ ବୈଷ୍ଣବ ମେହେର, ସ୍ୱର ସଙ୍ଗମ କଳା ପରିଷଦ ସଭାପତି ତ୍ରିନାଥ ମେହେର, ସଂଯୋଜକ ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଗୌତମ ମେହେର, ବିବେକାନନ୍ଦ ଭୋଇ, ଶିବ ପ୍ରସାଦ ମେହେର, କାର୍ତ୍ତିକେଶ୍ୱର ବୈଠାରୁ, ପ୍ରେମାନନ୍ଦ ମେହେର, ବାସୁଦେବ ବିଶି, ରଶ୍ମିରଞ୍ଜନ ସା, ସନ୍ତୋଷ ମେହେର, ଗଙ୍ଗେସ ମେହେର ପ୍ରମୁଖ ଯୋଗଦେଇ ପଖାଳ ଦିବସର ମହତ୍ୱ ବିଷୟରେ ଆଲୋଚନା କରିବା ସହ ସମସ୍ତେ ପଖାଳ ଖାଇଥିଲେ।

## ଠିକା ସର୍ବସ୍ୱ ପାଲଟୁଛି ପ୍ରକଳ୍ପ, ଲୋକଙ୍କ କାମରେ ଆସୁନି



ଲୋଇସିଂହା,୨୦।୩(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ସରକାରୀ ଅନୁଦାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେଉଛି। ହେଲେ ସେହି ପ୍ରକଳ୍ପଗୁଡିକ ଲୋକଙ୍କ କାମରେ ଆସୁନାହିଁ। ଏଭଳି ଏକ ପ୍ରକଳ୍ପ ହେଉଛି ବର୍ଜ୍ୟବସ୍ତୁ ପରିଚାଳନା ଆବର୍ଜନା କୁଣ୍ଡ। ଏହି ପ୍ରକଳ୍ପ ନିର୍ମାଣ କରି ଠିକାଦାର ଓ ବିଭାଗୀୟ ଅଧିକାରୀ କେବଳ ଉପକୃତ ହେଉଥିବା ଅଭିଯୋଗ ହେଉଛି। ଲୋଇସିଂହା ବ୍ଲକର ବୁର୍ଡା, ଯୋଗୀସର୍ଡା, ବାଦିବାହାଲ ଆଦି ଗ୍ରାମରେ ନିର୍ମାଣ ହୋଇଥିବା ଉକ୍ତ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। କାମ କରି ଠିକାଦାର ଓ ବିଭାଗୀୟ ଅଧିକାରୀ କେବଳ ଉପକୃତ ହୋଇଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ପଞ୍ଚାୟତ ମୁଖ୍ୟାଳୟ ଓ ପଞ୍ଚାୟତ ଅଧୀନ ଗ୍ରାମରେ ଗୋଟିଏ ଗୋଟିଏ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଛି। ପଞ୍ଚାୟତ ମୁଖ୍ୟାଳୟରେ ପ୍ରାୟ ୩ ଲକ୍ଷ ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଦୂରଦୃଷ୍ଟି ଅଭାବରୁ ଏହି ପ୍ରକଳ୍ପଗୁଡିକ ଗାଁ ଠାରୁ ୨-୩ କିମି ଦୂରରେ ନିର୍ମାଣ ହୋଇଛି। ଗ୍ରାମର ପ୍ରତ୍ୟେକଙ୍କ ଘରୁ ବାହାରୁ ଥିବା ବର୍ଜବସ୍ତୁଗୁଡିକ ସେହି ଆବର୍ଜନା କୁଣ୍ଡକୁ ନେବାକୁ ଗ୍ରାମବାସୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଧିକାଂଶ ସମୟରେ ମହିଳାମାନେ ପୋଖରୀକୁ ଗାଧୋଇବା ପାଇଁ ଆସିବା ବେଳେ ସେହି ଆବର୍ଜାନକୁ ଆଣି ବାଟଘାଟରେ କିମ୍ବା ପୋଖରୀ ହୁଡାରେ ପିଙ୍ଗି ଦେଉଛନ୍ତି। ଏହାଦ୍ୱାରା ଗ୍ରାମ୍ୟ ପରିବେଶ ପ୍ରଦୂଷିତ ହେବା ସହ ସଂକ୍ରମଣ ଦେଖାଦେଉଛି। ଯୋଗୀସର୍ଡା ଗ୍ରାମର ଆବର୍ଜନା କୁଣ୍ଡ ବାଦିବାହାଲ ରାସ୍ତାର ଶ୍ମଶାନ ଘାଟ ନିକଟରେ ନିର୍ମାଣ ହୋଇଛି। ଗାଁ ଠାରୁ ପ୍ରାୟ ୨ କିମ ହେବ। ପ୍ରାୟ ୨ ବର୍ଷ ହେବ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଥିଲେ ସୁଦ୍ଧା ଲୋକଙ୍କ କାମରେ ଆସୁନାହିଁ। ଗାଁର ଲୋକେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟ ରାସ୍ତା ଉପରେ ଘରୁ ବାହାରୁଥିବା ଆବର୍ଜନାକୁ ଫୋପାଡି ଦେଉଛନ୍ତି। ନିକଟରେ ପ୍ରାଥମିକ ବିଦ୍ୟାଳୟ ଥିବାରୁ ଛାତ୍ରୀଛାତ୍ରଙ୍କୁ ସଂକ୍ରମଣ ଭୟ ଘାରିଛି। ସେହିପରି ବାଞ୍ଜିପାଲି ରାସ୍ତାରେ ବୁର୍ଡା ଗ୍ରାମର ଉକ୍ତ କୁଣ୍ଡ ନିର୍ମାଣ ହୋଇଛି।